

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୨ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 DECEMBER 2021

Vol.No. 32 ■ No. 317 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନିର୍ବାଚନ ପୂର୍ବରୁ ୯,୮୦୦ କୋଟିର ସରାୟୁ କେନାଲ ପ୍ରକଳ୍ପର ଉଦ୍‌ଘାଟନ କଲେ ମୋଦୀ

ନୂଆଦିଲ୍ଲୀ,୧୧/୧୨: ଉତ୍ତରପ୍ରଦେଶ ଜନତାଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଉ ଏକ ଉପହାର । ଆଜି ଉତ୍ତରପ୍ରଦେଶ ବଳରାମପୁରରେ ପହଞ୍ଚି ଆଉ ଏକ ବଡ ପ୍ରକଳ୍ପର ଉଦଘାଟନ କରିଛନ୍ତି ମୋଦୀ । ବଳରାମପୁର ଜିଲ୍ଲାରେ ୯ ହଜାର ୮୦୦ କୋଟିର ମେଗା ପ୍ରୋଜେକ୍ଟକୁ ଲଞ୍ଚ କରିଛନ୍ତି ମୋଦୀ । ଏହି ଅବସରରେ ୟୁପିର ପୂର୍ବତନ ଅଖିଳେଶ ସରକାରଙ୍କୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି ମୋଦୀ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତ୍ୟେକ ବୟାନର ଜବାବ ରଖୁଛନ୍ତି ସପା ମୁଖ୍ୟ ଅଖିଳେଶ ଯାଦବ । ଉତ୍ତରପ୍ରଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଆସନ୍ତା ନିର୍ବାଚନକୁ ନଜରରେ ରଖି ତୁହାକୁ



ତୁହା ୟୁପି ଗସ୍ତ କରୁଛନ୍ତି ମୋଦୀ । ଶନିବାର ବଳରାମପୁର ଜିଲ୍ଲାରେ ପହଞ୍ଚି ଏକ ବଡ ପକଳ୍ପର ଉଦଘାଟନ କରିଛନ୍ତି ମୋଦୀ । ୯ ହଜାର ୮୦୦ କୋଟିର ସରୟୁ କେନାଲ ପ୍ରକଳ୍ପକୁ ପୂର୍ବ ଉତ୍ତରପ୍ରଦେଶବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ପ୍ରକଳ୍ପର ଦ୍ୱାରା ୯ଟି ଜିଲ୍ଲାର ୨୫ ରୁ ୩୦ ଲକ୍ଷ ଚାଷୀ ଉପକୃତ ହେବେ ବୋଲି ମୋଦୀ ଏହି ଅବସରରେ କହିଛନ୍ତି । ସରାୟୁ କେନାଲ ପ୍ରକଳ୍ପକୁ ଉଦଘାଟନ କରି ମୋଦୀ କହିଛନ୍ତି ଆଉ ଚାଷୀଙ୍କ ପାଇଁ ପାଣିର ସମସ୍ୟା ରହିବ ନାହିଁ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଯୋଗ ଦେଇଛନ୍ତି । ମୋଦୀ ବନାମ ଅଖିଳେଶ । ଚାଲିଛି ପ୍ରଧାନମନ୍ତ୍ରୀ ଓ ସପା ମୁଖ୍ୟଙ୍କ ବୟାନବାଜି । ପ୍ରଧାନମନ୍ତ୍ରୀ ମୋଦୀ ବଳରାମପୁରରେ ପହଞ୍ଚି ପ୍ରକଳ୍ପର ଉଦଘାଟନ କରିବା ପରେ ତାଙ୍କୁ କଟାକ୍ଷ କରିଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ । ଉଦଘାଟିତ କରାଯାଉଥିବା ପ୍ରକଳ୍ପ ଗୁଡିକ ମଧ୍ୟରୁ ଅଧିକାଂଶ ସମାଜବାଦୀ ପାର୍ଟି ଆରମ୍ଭ କରିଥିଲା ବୋଲି କହିଛନ୍ତି ଅଖିଳେଶ ଯାଦବ । ସେହିପରି ସମାଜବାଦୀ ପାର୍ଟି ▶▶ପୃଷ୍ଠା ୭

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମିଳିବ ଆଉ ୪ ମାସ ମାଗଣା ଚାଉଳ

ଭୁବନେଶ୍ୱର,୧୧/୧୨(ନି.ପ୍ର): ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଆଉ ୪ ମାସ ମାଗଣା ଚାଉଳ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ଯୋଜନାର ପ୍ରତ୍ୟେକ ହିତାଧିକାରୀ ଚଳିତ ଡିସେମ୍ବର ମାସରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରତିମାସ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପାଇବେ। ଏଥିପାଇଁ ରାଜ୍ୟ ସରକାର ମୋଟ ୧୮,୩୧୦.୬୪୦ ଟନ୍ ଚାଉଳ ଦେବେ। ପ୍ରତି ମାସରେ ୪୫୭୮ ଟନ୍ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୬୮.୧୩ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଧାୟକ ବଦ୍ରି ନାରାୟଣ ପାତ୍ର ଅସୁସ୍ଥ : ହାଇଦ୍ରାବାଦକୁ ଏୟାରଲିଫ୍ଟ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ଯୋଗୁଁ ଆଜି ତାଙ୍କୁ ଭୁବନେଶ୍ୱରରୁ ଏୟାରଲିଫ୍ଟ ଯୋଗେ ହାଇଦ୍ରାବାଦ ନିଆଯାଇଛି । ବିଧାୟକଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ନିଆଯାଇଥିଲା । ସେଠାରୁ ତାଙ୍କୁ ହାଇଦ୍ରାବାଦ ଏୟାରଲିଫ୍ଟ କରାଯାଇଛି । ମିଳିଥିବା ସୂଚନା ମୁତାବକ, ରାତିରେ ତାଙ୍କୁ ହାଇଦ୍ରାବାଦର ଏଆଇଜି



ହସ୍ପିଟାଲରେ ଭର୍ତ୍ତି କରାଯିବ । ବିଧାୟକ ବଦ୍ରି ପାତ୍ରଙ୍କ ସହିତ ଏକ ଡାକ୍ତରୀ ଟିମ୍ ମଧ୍ୟ ଯାଇଛି । ଶନିବାର ଦିନ ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ବୀର ଯୋଦ୍ଧାଙ୍କୁ ଅନ୍ତିମ ବିଦାୟ ଦେଲା ବୀର ମାଟି

ଭୁବନେଶ୍ୱର,୧୧/୧୨(ନି.ପ୍ର): ବୀରପୁତ୍ରଙ୍କୁ ଅଶ୍ରୁଳ ବିଦାୟ ଦେଇଛି ବୀରମାଟି । ପଞ୍ଚଭୂତରେ ବିଲୀନ ହୋଇଛନ୍ତି ରାଣାପ୍ରତାପ ଦାସ । ଜନ୍ମମାଟିରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ ରାଣାପତ୍ରାପଙ୍କ ଜୁଇରେ ଜଳିଛି । ହିନ୍ଦୁ ରୀତିନୀତି ଅନୁସାରେ ପୁତୁରା ଦେଇଛନ୍ତି ମୁଖାଗ୍ନି । କୁନ୍ନୁର ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସ୍ୱାମୀଙ୍କ ମରଶରୀରକୁ ଶେଷ ସଲାମ ଜଣାଇଛନ୍ତି ସ୍ତ୍ରୀ । ତାଳଚେର କୃଷ୍ଣଚନ୍ଦ୍ରପୁର ଗାଁର ମଶାଣିରେ ହଜାର ହଜାର ଲୋକଙ୍କ ଗହଳି ଭିତରେ ଥିବା ପୁଅର ପାର୍ଥିବ ଶରୀରକୁ ଦେଖି ବୁକୁଫଟାଇ କାନ୍ଦିଛନ୍ତି ବାପା । ପଞ୍ଚତତ୍ତ୍ୱରେ ଲୀନ ହେଲା ବୀର ଯବାନଙ୍କ ପାର୍ଥିବ ଶରୀର । ବୀର ଯୋଦ୍ଧା ରାଣାପ୍ରତାପ ଦାସଙ୍କୁ ଜନ୍ମମାଟି ଅନୁଗୁଳ ଜିଲ୍ଲା କୃଷ୍ଣଚନ୍ଦ୍ରପୁର ଗାଁରେ ଦିଆଯାଇଛି ଅନ୍ତିମ ବିଦାୟ । ଆଉ



ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନଙ୍କୁ ଶେଷ ସଲାମ ଜଣାଇଛନ୍ତି ବନ୍ଧୁ, ପରିବାର ଓ ପତ୍ନୀ । ଖାଲି ସେତିକି ନୁହେଁ, ରାଣାପ୍ରତାପଙ୍କୁ ବିଦାୟ ବେଳେ ଶ୍ମଶାନରେ ଉପସ୍ଥିତ ସମସ୍ତଙ୍କ ଆଖିରେ ଲୁହ ଦେଖିବାକୁ ମିଳିଛି । ତେବେ ଜଳୁଥିବା ଚିତାରେ ପାର୍ଥିବ ଶରୀର ପାଉଁଶ ହୋଇଯିବ ସତ, ହେଲେ ରାଣା ପ୍ରତାପଙ୍କ ବୀରତ୍ୱ, ଦେଶ ସେବାର ଦାୟିତ୍ୱ ଓ କର୍ତ୍ତବ୍ୟନିଷ୍ଠାର ଗାଥା କାଳ କାଳକୁ ମନେ ରହିବ । ପରିବାର ବର୍ଗ, ସଂପର୍କୀୟ, ତିନି ସେନାର ଅଧିକାରୀ, ପୁଲିସ କର୍ମଚାରୀ ଓ ହଜାର ହଜାର ଜନତା ଅଶ୍ରୁଳ ଆଖିରେ ବୀର ଯବାନଙ୍କୁ ଦେଇଛନ୍ତି ଶେଷ ବିଦାୟ । ଆଜି ଭୁବନେଶ୍ୱରରୁ ମରଶରୀର ଗାଁରେ ପହଞ୍ଚିବା ପରେ ଦେଖିବାକୁ ମିଳିଥିଲା ଶୋକାକୁଳ ପରିବେଶ । ବାସଭବନରେ କିଛି ସମୟ ମରଶରୀରକୁ ରଖିବା ପରେ ଶ୍ମଶାନକୁ ▶▶ପୃଷ୍ଠା ୭

## ଫନି କ୍ଷତିଗ୍ରସ୍ତଙ୍କୁ ଘର ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଫନିରେ କ୍ଷତିଗ୍ରସ୍ତ ହୋଇଥିବା ପରିବାର ପାଇଁ ୧.୮୪ ଲକ୍ଷ ଘର ପ୍ରଦାନ କରାଯାଉ। । ଏହା ସହିତ ଫନି ଦ୍ୱାରା ପ୍ରଭାବିତ ହୋଇନଥିବା ୧୩ ଲକ୍ଷ ଘର କେବିକେ ଅଂଚଳରେ ଆବଶ୍ୟକତା ରହିଥିବା ଚିଠିରେ ଉଲ୍ଲେଖ ରଖିଛନ୍ତି ମୁଖ୍ୟମନ୍ତ୍ରୀ । ଫନି ବାତ୍ୟା ପାଇଁ ଅନେକ ଲୋକଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଏପର୍ଯ୍ୟନ୍ତ ସେମାନଙ୍କୁ ଘର ଖଣ୍ଡିଏ ମିଳିପାରିନାହିଁ । ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ତୁରନ୍ତ ଘର ଯୋଗାଇ ଦିଆଯାଉ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ୨୦୧୯ ମାର୍ଚ୍ଚ ୭ ସୁଦ୍ଧା ରାଜ୍ୟ ସରକାର ଆବାସ ପ୍ଲସ ମାଧ୍ୟମରେ ୩୫ ହଜାର ପରିବାରକୁ ଚିହ୍ନଟ କରିଥିଲେ । ଚିଠିରେ ଉଲ୍ଲେଖ ରହିଛି କି, ରାଜ୍ୟର ୧୬ଟି ଜିଲ୍ଲାରେ ୫ ଲକ୍ଷ ୯ ହଜାର ପରିବାର ମଧ୍ୟ ଚିହ୍ନଟ ହୋଇଛନ୍ତି । ଯେଉଁମାନେ ଫନି ଦ୍ୱାରା ପ୍ରଭାବିତ ହୋଇନଥିଲେ । କିନ୍ତୁ ସେମାନଙ୍କୁ ମଧ୍ୟ ଆବାସ ଯୋଜନା ମାଧ୍ୟମରେ ସହାୟତା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ୧୫ ମାସର ଆନ୍ଦୋଳନ ପରେ ଘରକୁ ଫେରିଲେ ଚାଷୀ

ନୂଆଦିଲ୍ଲୀ,୧୧/୧୨: ଶେଷ ହେଲା ୧୫ ମାସର ଆନ୍ଦୋଳନ । ଘରକୁ ଫେରିଲେ ଚାଷୀ । କେନ୍ଦ୍ର ସରକାରଙ୍କ ବିବାଦୀୟ ତିନି କୃଷି ଆଇନକୁ ନେଇ ରାସ୍ତାକୁ ଓହ୍ଲାଇଥିବା ଚାଷୀଙ୍କ ପ୍ରତିବାଦ ଶେଷ ହୋଇଛି । ଦୀର୍ଘ ୧୫ ମାସ ଆନ୍ଦୋଳନରେ ବସିଥିବା ଚାଷୀ ଏବେ ଘରକୁ ଫେରିଛି । ଦିଲ୍ଲୀ ସୀମାରେ ଥିବା ସିଙ୍ଘୁ ବର୍ଡର, ଗାଜିପୁର ବର୍ଡର, ଓ ଟିକିରି ବର୍ଡରରୁ ଆସିଛି କିଛି ଏଭଳି ଦୃଶ୍ୟ । ମାସ ମାସ ଧରି ଅନଶନରେ ବସିଥିବା ଚାଷୀମାନେ ନିଜ ନିଜ ଟେଣ୍ଟ ହଟାଇବା ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାର ବିବାଦୀୟ କୃଷି ଆଇନ



ପ୍ରତ୍ୟାହୃତ କରିବା ସହ ଚାଷୀଙ୍କ ପ୍ରମୁଖ ଦାବି ମାନିବା ପରେ ସୀମାରେ କୃଷକମାନେ ଉତ୍ସବ ମନାଉଛନ୍ତି । ବାଜା ବଜାଇ ବାଣ ଫୁଟାଇ ଚାଷୀମାନେ ନାଚୁଥିବା ମଧ୍ୟ ଦେଖିବାକୁ ମିଳିଛି । ବିବାଦୀୟ କୃଷି ଆଇନକୁ ବିରୋଧ କରି ଦୀର୍ଘ ୧୪ ମାସ ଧରି ଚାଷୀ ଆନ୍ଦୋଳନ ଜାରି ରହିଥିଲା । ପଞ୍ଜାବ, ହରିଆଣା, ରାଜସ୍ଥାନ, ଭଳି ରାଜ୍ୟର ବିଭିନ୍ନ ସ୍ଥାନର ଚାଷୀମାନେ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପ୍ରଦର୍ଶନ କରୁଥିଲେ । ଏହି ଆନ୍ଦୋଳନରେ ପାଖାପାଖି ୭ଶହ ଚାଷୀ ପ୍ରାଣ ମଧ୍ୟ ହରାଇଲେ । ଚାଷୀଙ୍କ ଏହ ପ୍ରତିବାଦ ଆଗରେ ଶେଷରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ ମୋଦୀ ସରକାର, ଆଉ ବିବାଦୀୟ ଆଇନ୍ ପ୍ରତ୍ୟାହୃତ ହେଲା । ହେଲେ ତଥାପି ଶେଷ ହୋଇ ନଥିଲା ଆନ୍ଦୋଳନ । ଚାଷୀଙ୍କର ରହିଥିଲା ଆହୁରି ଅନେକ ଦାବି । ଏମଏସପିକୁ ଆଇନରେ ▶▶ପୃଷ୍ଠା ୭

## ଘାଟିରୁ ଖସିପଡ଼ିଲା ପିକଅପ୍ ଭ୍ୟାନ୍ : ଜଣକର ମୃତ୍ୟୁ, ୨ ଜଣକ ଅବସ୍ଥା ଗୁରୁତର

ଭୁବନେଶ୍ୱର,୧୧/୧୨(ନି.ପ୍ର): ଘାଟିରୁ ଖସିପଡ଼ିଲା ପିକଅପ୍ ଭ୍ୟାନ୍ । ଗଜପତି ଘାଟିରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା । ତେବେ ଘାଟିରୁ ପାଖାପାଖି ୩୦ ଫୁଟ୍ ତଳକୁ ପିକଅପ୍ ଭ୍ୟାନ୍ ଖସିପଡ଼ିଥିବା ଖବର ମିଳିଛି । ମନ୍ଦ୍ରେଗିରି ଶୈବପୀଠରୁ ଫେରିବାବେଳେ ପିକଅପ୍ ଭ୍ୟାନଟି ଖସିପଡ଼ିଥିବା ସୂଚନା ମିଳିଛି । ସବୁଠାରୁ ବଡ଼କଥା ହେଲା ଦୁର୍ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ ୫ ଜଣ ଆହତ ହୋଇଥିବାବେଳେ, ଏହି ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି । ସେହିପରି ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଆହତ ଓ ଗୁରୁତରମାନଙ୍କୁ ନିକଟସ୍ଥ



ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି । ଅନ୍ୟପଟେ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମବାହିନୀ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି । ତେବେ କେମିତି ଏବଂ କାହିଁକି ଦୁର୍ଘଟଣା ଘଟିଲା ଓ ଘାଟିରୁ ପିକଅପ୍ ଭ୍ୟାନ୍ ଖସିପଡ଼ିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ ।

## ୧୪ରେ ସବୁ ଏସପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଗତକାଲି ବିକ୍ଷୋଭ ପ୍ରଦର୍ଶନ ବେଳେ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ପୋଲିସର ମାଡ଼ ଘଟଣାକୁ ବର୍ବରୋଚିତ ଅତ୍ୟାଚାର ବୋଲି ଆଖ୍ୟା ଦେଇଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଏହାର ପ୍ରତିବାଦରେ ଆଗାମୀ ୧୪ ତାରିଖରେ ଦଳ ପକ୍ଷରୁ ରାଜ୍ୟର ସବୁ ଏସପି ଅଫିସ ଘେରାଉ କରାଯିବ ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଉକ୍ତ ଦିନ ସକାଳ ୯ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ସବୁ ଏସପି ଅଫିସ୍ ଆଗରେ ପ୍ରତିବାଦ କରାଯିବ। ଦଳର ସମସ୍ତ ବିଧାୟକ, ସାଂସଦ, ପୂର୍ବତନ ମନ୍ତ୍ରୀ, ଯୁବ ଓ ଛାତ୍ର କଂଗ୍ରେସ ଏବଂ ସେବା ଦଳ ଏଥିରେ ସାମିଲ ହେବେ ବୋଲି ସେ ସୂଚନା ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି କହିଛନ୍ତି, କଂଗ୍ରେସ ମାଡ଼କୁ ଡରିବ ନାହିଁ । ଏଇଟା ଶେଷ ଆନ୍ଦୋଳନ ନୁହେଁ, ଇଂରେଜ ବନ୍ଧୁକକୁ କଂଗ୍ରେସ ଡରି ନଥିଲା, ତେଣୁ ଆନ୍ଦୋଳନ ଜାରି ରହିବ। କାହା ଅନୁମତିରେ ପୁଲିସ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପଶି ବାଡ଼େଇଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ପୋଲିସ ଗାଡ଼ି ପୋଡ଼ା ଉଦ୍ୟମ ସଂପୂର୍ଣ୍ଣ ମନଗଢ଼ା କାହାଣୀ। ଛାତ୍ର କଂଗ୍ରେସର କାର୍ଯ୍ୟକ୍ରମ ସଭା ସରିବା ପୂର୍ବରୁ ପୋଲିସ ଛାତ୍ର କଂଗ୍ରେସର କର୍ମକର୍ତାମାନଙ୍କୁ ଲାଠି ମାଡ଼ କରିଥିଲା। ମୁଁ ସଭାରେ ଯୋଗଦାନ କହିଥିଲି ଆମର ଆନ୍ଦୋଳନ ▶▶ପୃଷ୍ଠା ୭

## ସିଏଜି ରିପୋର୍ଟରେ ସରକାରଙ୍କ ବିଫଳତା

### ମନ୍ଦିରର କୋଟି କୋଟି ଟଙ୍କା ଆତ୍ମସାତ କରିଛି ବିଜେଡି ସରକାର : ବିଜେପି

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ସରକାର ହିନ୍ଦୁ ଦେବାଦେବୀ ମନ୍ଦିରର ପରିଚାଳନାରେ ଘୋର ଅନିୟମିତତା କରୁଛନ୍ତି। ସିଏଜି ରିପୋର୍ଟରେ ସରକାରଙ୍କ ବିଫଳତା ସାମ୍ନାକୁ ଆସିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ସରକାର ଜାଣିଶୁଣି ୧୨ଟି ଗୁରୁତ୍ୱପୂର୍ଣ୍ଣ ମନ୍ଦିର ଯଥା ଲିଙ୍ଗରାଜ, ସମଲେଶ୍ୱରୀ, କଟକ ଚଣ୍ଡୀ, ଆଖଣ୍ଡଳମଣି, ସାରଳା, ମା ମଙ୍ଗଳା ଆଦି ମନ୍ଦିରରେ ଟ୍ରଷ୍ଟ୍ ବୋର୍ଡ ବନାଉନାହାଁନ୍ତି। କଲେକ୍ଟର ତହସିଲଦାର ମାନେ ମନମୁଖୀ କାମ କରୁଛନ୍ତି। କୌଣସି ମନ୍ଦିରରେ କ୍ୟାସ୍ ବୁକ୍, ବାର୍ଷିକ ଆକାଂଉଟ୍ ଓ ଆୟ ଖର୍ଚ୍ଚ ବନାଯାଉନାହିଁ। କେତେ ପଇସା ଆୟ ଓ କେତେ ବ୍ୟୟ ହେଲା ତାର ହିସାବ ନାହିଁ । ଦେବାଦେବୀଙ୍କ ଅଳଙ୍କାରର ମଧ୍ୟ ହିସାବ ନାହିଁ। ଆଖଣ୍ଡଳମଣି ମନ୍ଦିରର ୮କେଜି ସୁନା ଟ୍ରେଜେରୀରେ ଅଛି ବୋଲି କୁହାଯାଉଛି ହେଲେ ଚାବି ମିଳୁନାହିଁ। ରତ୍ନଭଣ୍ଡାର ଭଳି ଏଠି ବି କେଲେଙ୍କାରୀ ହେଉଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଲିଙ୍ଗରାଜ ମନ୍ଦିର ଜମି ଭୁବନେଶ୍ୱର ବାହାରେ କେତେ ଅଛି ସେଇଟାବି କର୍ତ୍ତୃପକ୍ଷଙ୍କୁ ଅଜଣା। ଢେଙ୍କାନାଳ ଦେବୋତ୍ତରର ୧୦୦୦ହଜାର ଏକର ଲୋକେ ମାଡିବସିଥିବା ବେଳେ ସରକାର କିଛି ପଦକ୍ଷେପ ନେଉନାହାଁନ୍ତି। ଜଗନ୍ନାଥ ବଲ୍ଲଭରେ ଟ୍ରଷ୍ଟ୍ ବୋର୍ଡ ଗଠନ ନକରି ସରକାର ଚୁପ ଚାପ ଜମି ବିକି ଚାଲିଛନ୍ତି। ଭୁବନେଶ୍ୱର ଗୌତମ ନଗରରେ ୬ଏକର ଲିଙ୍ଗରାଜଙ୍କ ଜମିକୁ ୧୯୯୫ ମସିହାରେ ପ୍ରାଇଭେଟ୍ ଲୋକଙ୍କ ନାଁରେ କରିଦେଇଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ତାର ମୂଲ୍ୟ ୧୦୦ କୋଟିରୁ ଉପରେ। ▶▶ପୃଷ୍ଠା ୭

## ଅଧପନ୍ତରିଆ ଭାବେ କାହିଁକି ବନ୍ଦ ହେଲା ବିଧାନସଭା

### ରାଜ୍ୟପାଳଙ୍କୁ ଫେରାଦ ହୋଇ ଜଗନ୍ନାଥଙ୍କ ନିକଟରେ ଅଧିଆ ପଡ଼ିଲା ବିଜେପି

ଭୁବନେଶ୍ୱର,୧୧/୧୨(ନି.ପ୍ର): ବିଧାନସଭା ଶୀତକାଳୀନ ଅଧିବେଶନ ଅଧାରୁ ବନ୍ଦ ହୋଇଥିବା ବେଳେ ଏହାକୁ ନେଇ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛି ବିଜେପି । ରାଜ୍ୟପାଳଙ୍କୁ ୪ ଦଫା ଦାବି ଜଣାଇଛି ବିଜେପି ବିଧାୟକ ଦଳ । ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ବିଷୟ ଓ ମୌଳିକ ଦାବିକୁ ବିଧାନସଭାରେ ଆଲୋଚନା କରିବାକୁ ବିରୋଧୀ ଦଳକୁ ସୁଯୋଗ ଦିଆଯାଇନାହିଁ । ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ମନ୍ତ୍ରୀଙ୍କୁ ଘଣ୍ଟ ଘୋଡ଼ାଇ ରଖୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି । ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ସଦବୁଦ୍ଧି



ଦିଅନ୍ତୁ ବୋଲି ଜଗନ୍ନାଥଙ୍କ ନିକଟରେ ଅଧିଆ ପଡିଛନ୍ତି ବିଜେପି ନେତା । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା, ନୂଆ ଆଇନ ପ୍ରଣୟନ, ପୁରୁଣା ଆଇନର ସଂଶୋଧନ ସବୁ କିଛି ହୁଏ ବିଧାନସଭାରେ । ରାଜ୍ୟର ବିକାଶ, ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଏହା ହେଉଛି ସବୁଠୁ ବଡ଼ କ୍ଷେତ୍ର । ତେଣୁ ବିଧାନସଭାର ଗୋଟିଏ ଗୋଟିଏ ମିନିଟ୍ ମୂଲ୍ୟବାନ ବୋଲି କୁହାଯାଏ । ହେଲେ ବିଧାନସଭାର ହଟ୍ଟଗୋଳ ଦୃଶ୍ୟକୁ ଦେଖିଲେ ଲାଗୁଛି, ବିଧାନସଭାର ମୂଳ ଉଦ୍ଦେଶ୍ୟକୁ ଭୁଲି ଯାଇଛନ୍ତି ଜନ ପ୍ରତିନିଧି । ହଟ୍ଟଗୋଳ, ହୋହଲ୍ଲା, ନାରାବାଜିରେ କମ୍ପୁଛି ଗୃହ । ଠିକ ଭାବେ ଗୋଟିଏ ମିନିଟ ବିଧାନସଭା ଚାଲିବା ମଧ୍ୟ ମୁସ୍କିଲ ହୋଇପଡୁଛି । ଏଥର ଶୀତ ଅଧିବେଶନ ମାତ୍ର ୧୦ ଦିନ ଚାଲିଛି । ଏହି ସମୟ ମଧ୍ୟରେ ୨ ଘଣ୍ଟା ବି ଭଲ ଭାବେ ଚାଲି ପାରିନି ଗୃହ । ଯାହା ଫଳରେ ଆହୁରି ୧୭ଟି କାର୍ଯ୍ୟଦିବସ ବାକି ଥିବା ବେଳେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି । ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ

ପୁରୀ,୧୧/୧୨ (ନି.ପ୍ର): ପୁରୀ ଜିଲ୍ଲାର ୨୦-୨୧-୨୨ ରବିଋତୁ ନିମନ୍ତେ ଜିଲ୍ଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଗତ ଖରିଫ ଋତୁରେ ଜିଲ୍ଲାରେ ଧାନ ଓ ଅଣ ଧାନ ଫସଲ, ଜୱାଦ କ୍ଷତିଗ୍ରସ୍ତ ସମ୍ପର୍କରେ ଚାଷୀମାନଙ୍କୁ ସତର୍କ କରିବା ସହ ଫସଲ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ରବି ଋତୁରେ ମୁଗ, ବିରି, ତୈଳବୀଜ, ପନିବରିବା ଫସଲ ପାଇଁ ୧ ଲକ୍ଷ ୮ହଜାର ୫୪୦ ହେକ୍ଟର ଜମିରେ ଚାଷ କରିବା ପାଇଁ ସ୍ଥିର ହୋଇଥିଲା । କୃଷି ବିଭାଗ ତରଫରୁ ଓଆରଏଫଏ (ପ୍ଲସ) ଅଧିନରେ ୫୬ ଶହ ହେକ୍ଟର ଓ ରବି ଫସଲ ମୁଗ,ବିରି, ଓ ତୈଳବୀଜ ଫସଲ ପାଇଁ ସ୍ଥିର ହୋଇଛି । କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ଚାଷୀମାନଙ୍କୁ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦେବା ପାଇଁ ଆଲୋଚନା ହୋଇଥିଲା । ଚାଷୀମାନଙ୍କୁ ଡ଼ିବିଟି ମାଧ୍ୟମରେ ରବିଚାଷ ନିମନ୍ତେ ବିହନ ଯୋଗାଇ ଦିଆଯିବ । ଆଳୁ, ପିଆଜ, ଫୁଲ ଓ ଛତୁ ଚାଷ ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ବୈଠକରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜିଲ୍ଲାରେ ୨୩୬ଟି ଫାର୍ମ ପଣ୍ଡ ପ୍ଲସ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ସମର୍ଥ ବର୍ମା ଚାଷୀମାନେ କିପରି ସମସ୍ତ ସୁବିଧା ପାଇ ପାରିବେ ସେ ସମ୍ପର୍କରେ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅନିଲଚନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ, ମୃତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ, ୟୁକୋ ବ୍ୟାଙ୍କ ଅଧିକାରୀ, ପୁରୀ - ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ, ଜିଲ୍ଲାର ସମସ୍ତ କୃଷି ଜିଲ୍ଲା ଅଧିକାରୀ, ମଣ୍ଡଳ କୃଷି ଅଧିକାରୀ ଯୋଗ ଦେଇଥିଲେ । ଶେଷରେ କୃଷି ଅଧିକାରୀ ପିୟୁଷ ପଲ୍ଲଭ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ୟୁବେଦ, ହୋମିଓପାଥି ଡାକ୍ତର କରୁଛନ୍ତି ଏଲୋପାଥି ଚିକିତ୍ସା : ଜିଲ୍ଲାରେ ଡ୍ରଗ୍ କସମେଟିକ ଆଇନରେ ତାଲା

ରାଉରକେଲା,୧୧/୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ହୋମିଓପାଥି ଆର୍ୟୁବେଦ ଡାକ୍ତର କରୁଛନ୍ତି ଏଲୋପାଥି ଚିକିତ୍ସା । ମେଡିସିନ ଦୋକାନୀ ସାଜିଛନ୍ତି ବିଭିନ୍ନ ସ୍ପେସାଲିଟି, ନକଲି ଡାକ୍ତର ଏଠି ହାଉଯାଉ କିନ୍ତୁ ରାଜ୍ୟ ସରକାରଙ୍କ ଭେଷଜ ଆଇନ ଏଠି କାମ କରିନପାରି କୋମାରେ ପଡିରହିଛି । ଯାଂଚ୍ ହେଉନାହିଁ, ଫଳରେ ରାଜ୍ୟ ବାହାରୁ ମଧ ନକଲି ଡାକ୍ତର ଏଠାକୁ ଆସି ବେଆଇନ କାରବାର କରି ଫେରୁଛନ୍ତି । ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନୀରବ ଦ୍ରଷ୍ଟା ସାଜିଛି । ଏହିଭଳି କାରବାର ଆଜି ନୁହେଁ ଦିର୍ଘ ଦିନ ଧରି ଚାଲିଛି । ବିଶେଷ କରି ଗ୍ରାମାଂଚଳ, ସହରର ବସ୍ତି ଅଂଚଳରେ ଏହି ନକଲି ଡ଼ାକ୍ତର ମାନଙ୍କର ଭିଡ଼ ଅଧିକ । ରାଉରକେଲା ସହର ଠାରୁ ମାତ୍ର ୨୦କି.ମି. ଦୂରରେ ଥିବା ଲାଠିକଟା ବ୍ଲକ ଏହାର ଏକ ଉଦାହରଣ । ଏହି ବ୍ଲକରେ ଥିବା ସରକାରୀ ଡାକ୍ତରଖାନାରେ ତାଲା ପଡିଥିବା ବେଳେ ଓରିଣ୍ଡ ଡାକ୍ତରଖାନା ମଧ ଅନେକ ଦିନରୁ ବନ୍ଦ ହୋଇଯାଇଛି । ଏହି ବ୍ଲକ ତଥା ଆଖପାଖର ଲକ୍ଷାଧିକ ଲୋକେ କୌଣସି ଉପାୟ ନପାଇ ଏଠାରେ ଥିବା ଏକ ମେଡିସିନ ଦୋକାନ ଉପରେ ନିର୍ଭର କରିଥାନ୍ତି । ସେଠାରେ ବସନ୍ତି ନିଜକୁ ଆର୍ୟୁବେଦି ଡାକ୍ତର କହୁଥିବା ଷଡଙ୍ଗୀ ବାବୁ । ଖାଲି ଅପରେସନକୁ ଛାଡି ଦେଲେ ସେ ସମସ୍ତ ପ୍ରକାର ରାଗୋୀଙ୍କୁ ସେହି ମେଡିକାଲ ଷ୍ଟୋରର ଏକ ପ୍ୟାଡରେ ନାନା ପ୍ରକାର ମେଡିସିନ ଲେଖିଦିଅନ୍ତି, ଇଂଜେକସନ ସାଲାଇନ ମଧ ସେ ଲଗାଇ ଦିଅନ୍ତି । ସାଙ୍ଗରେ କିଛି ନର୍ସଙ୍କୁ ମଧ ସେ ସହାୟକ ଭାବେ ରଖିଛନ୍ତି, ପ୍ରତି ରୋଗୀ ଏଠାକୁ ଆସିଲେ ଅନ୍ୟୁନ ୫୦୦ ମୁଦ୍ରା ଖର୍ଚ୍ଚ କରିଥାଏ, ମେଡିସିନ ଖର୍ଚ୍ଚ ଅଲଗା । ଷଡଙ୍ଗୀ ବାବୁଙ୍କର ଏହି ଡାକ୍ତରୀ କାରବାରରେ ଲେଖାଯାଉଥିବା ମେଡିସିନ ମଧ ଅତ୍ୟନ୍ତ ନିମ୍ନ ମାନର । ଏହି ମେଡିସିନ ସବୁ ସେ ଅଂଚଳରେ ଥିବା ମେଡିସିନ ଦୋକନୀ ମାନେ ରଖିଥାନ୍ତି । ଯେଉଁଠି ଡାକ୍ତର ଏଇଆ ସେଠି ମେଡିସିନ କଥା ଅବା କିଏ କାହିଁକି ପଚାରିବ । ଭାଗ୍ୟକୁ ଆଦରୀ ଏଠି ଯାହା ମିଳିଲା ନେଇଥାନ୍ତି, ପୁଣି ସେମାନେ ଭଲ ନହେଲେ ରାଉରକେଲାକୁ ଆସି ଚିକିତ୍ସା ହୋଇଥାନ୍ତି ବୋଲି ଅଭିଯୋଗ ହୋଇଛି । ଏହିଭଳି ଭାବେ ରାଉରକେଲା ପାଖକୁ ଲାଗି ରହିଥିବା ବନ୍ଦ୍ରମୁଣ୍ଡା ଅଂଚଳ ହେଉ କିମ୍ବା ଖୋଦ୍ ରେଳବାଇ ଅଂଚଳରେ ମଧ ଜିଲ୍ଲା ପ୍ରଶାସନର ଆଖି ଆଗରେ ଏହିଭଳି ନକଲି ଡାକ୍ତର ମାନେ ସେମାନଙ୍କର ରାଜ୍ ଚଳାଇଛନ୍ତି । ଜିଲ୍ଲାର କୋଇଡା, ନୂଆ ଗାଁ, ବୀରମିତ୍ରପୁର, ହାତୀବାଡି ସମେତ ସମସ୍ତ ବ୍ଲକ ଅଂଚଳରେ ଏହିଭଳି ନକଲି ଡାକ୍ତର ମାନେ ଲୋକଙ୍କୁ ଭୁଆଁ ବୁଲାଇ ଡାକ୍ତର ସାଜିଛନ୍ତି ଓ ଯାହାଦ୍ୱାରା ଲୋକଙ୍କ ଜୀବନ ବିପନ୍ନ ହେଉଛି । ଏହା ଦ୍ୱାରା ରୋଗୀ ମାନେ ଦରମରା ହେବା ସହ ଗୁରୁତର ହୋଇ ଶେଷରେ ସରକାରୀ ବେସରକାରୀ ଡାକ୍ତରଖାନାକୁ ଆସି ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି । ସ୍ୱାସ୍ଥ୍ୟ ସେବା ଲାଗି ସରକାର ଅନେକ ସୁବିଧା କରିଛନ୍ତି ବୋଲି କହୁଛନ୍ତି, ହେଲେ ଆଜି ବି ସମସ୍ତ ବ୍ଲକରେ ଡାକ୍ତର ନାହାନ୍ତି, ଜଦି ଅଛନ୍ତି ତେବେ ମାସରେ ୫/୧୦ ଦିନ ମିଳୁଛନ୍ତି, ନଚେତ ନାକ କାନ, ଆନେସ୍ଥେସିଆଡାକ୍ତର ମିଳୁଛନ୍ତି । ଏହି ଯାଗାରେ ରୋଗୀ ସେବା କିଭଳି ହେବ ଓ ନକଲି ଡାକ୍ତର ମାନେ ଏହାର ଫାଇଦା ନେବେ କି ନାହିଁ ତାହାର ବିଚାର କରାଯାଇପାରେ । ତେବେ ଜିଲ୍ଲାରେ ନକଲି ମେଡିସିନ, ନିମ୍ନମାନର ମେଡିସିନ କାରବାର ରୋକିବା ସହ ନକଲି ଡାକ୍ତର ମାନଙ୍କୁ ଜଗିବା ଲାଗି ରାଜ୍ୟ ଭେଷଜ ନିୟନ୍ତ୍ରକଙ୍କର ଦୁଇ ଦୁଇ ଜଣ ପ୍ରତିନିଧି (ଡ୍ରଗ୍ସଇନ୍ସପେକ୍ଟର) ଏଜିଲ୍ଲାରେ ରହନ୍ତି । ହେଲେ ଏସବୁ କାରବାରକୁ ସେମାନେ ରୋକିବା ପରିବର୍ତେ ନୀରବଦ୍ରଷ୍ଟା ସାଜିଥିବା କୁହାଯାଉଛି । ତେଣୁ ଏହି ଦିଗକୁ ବୁଝୁଥିବା ଲୋକେ ଗୋଟିଏ ଧାଡିରେ ମତଦେଇ କହିଛନ୍ତି ଏହି ଜିଲ୍ଲାରେ ଡ୍ରଗ୍ କସମେଟିକ ଆଇନରେ ଏକ ପ୍ରକାର ତାଲା ପଡିଛି ।

# ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କାର୍ଯ୍ୟ ଆରମ୍ଭ

କଣାସ,୧୧/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ତହସିଲଦାରମାନଙ୍କୁ ୫ ଦିନ ମଧ୍ୟରେ ଜୱାଦ୍ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଚିହ୍ନଟ କରି କ୍ଷୟକ୍ଷତି ଫସଲ ଆକଳନ କରି ତାଲିକା ଦେବାପାଇଁ ନିର୍ଦ୍ଦେଶ ଦେବାପରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଗତ ୮ ତାରିଖ ଠାରୁ କଣାସ ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ୯ଟି ରେଭେନ୍ୟୁ ସର୍କଲ ମଧ୍ୟରୁ ଯୋଡାପଦର ରେଭେନ୍ୟୁ ସର୍କଲକୁ ବାଦ୍ ଦେଇ ୮ଟି ରେଭେନ୍ୟୁ ସର୍କଲରେ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡିଛି । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଆର.ଆଇ, କୃଷିବିଭାଗ, ଉଦ୍ୟାନ ବିଭାଗର କର୍ମଚାରୀମାନଙ୍କୁ ନେଇ ୮ଟି ଟିମ୍ ଗଠନ କରାଯାଇ ଫସଲ କ୍ଷୟକ୍ଷତିର ଆକଳନ ଚାଲିଥିବା ଜଣାପଡିଛି । ଏହି କ୍ଷୟକ୍ଷତି ଆକଳନ ୫ ଦିନ ମଧ୍ୟରେ ଶେଷ କରାଯାଇ ଜିଲ୍ଲାପାଳଙ୍କୁ ଦିଆଯିବ ବୋଲି କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା କହିଛନ୍ତି ।

# ବିପଦ ଅବସ୍ଥାରେ ରାସ୍ତା ମଝିରେ ରହିଛି ବିଦ୍ୟୁତ୍ ଖୁଂଟ

ନୂଆପଡା,୧୧/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଛକରୁ ସିନାପାଲି ଦେଇ ଯାଇଥିବା ମୁଖ୍ୟ ରାସ୍ତା ୱାର୍ଡ ନମ୍ବର ୧୦ ସ୍ଥିତ ଲକ୍ଷ୍ମୀ ଚୌକ ଠାରେ ଏକ ବିଦ୍ୟୁତ୍ ଖୁଂଟ ରାସ୍ତା ମଝିରେ ରହିଛି । ଯାହା ଫଳରେ ଅନେକ ସମୟରେ ନାନା ଅସୁବିଧା ଦେଖା ଯାଉଥିଲା ଅଭିଯୋଗ ହୋଇଛି । ଏହି ରାସ୍ତାଟି ସହରର ମୁଖ୍ୟ ରାସ୍ତା ହୋଇଥିବା ହେତୁ ଅନେକ ସମୟରେ ରାସ୍ତାଟି ଭିଡ଼ ରହିଥାଏ ଏବଂ ଏହି ରାସ୍ତାରେ ପ୍ରାୟତଃ ଭାରିଯାନ ଗୁଡ଼ିକ ଯିବା ଆସିବା କରିଥାଏ । ଏପରି କି ଅନେକ ସମୟରେ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳିଥାଏ । ଏହି ଛକ ଦେଇ ଇଣ୍ଡନ ଗ୍ୟାସ ଗୋଦାମ ରହିଛି ଯାହାଫଳରେ ଗ୍ୟାସ ଗାଡ଼ି ଗୁଡ଼ିକ ମଧ ଲମ୍ବା ଲଗାଇଥାନ୍ତି । ହେଲେ ରାସ୍ତାରେ ଥିବା ଏହି ବିଦ୍ୟୁତ୍ ଖୁଂଟକୁ ମୁଖ୍ୟ ରାସ୍ତାରୁ ଅନ୍ୟତ୍ର ସ୍ଥାପନ କରିବାକୁ ପଡ଼ାବାସୀ ନିର୍ମଳ ଦଣ୍ଡସେନା, ଚନ୍ଦନ ସାହୁ, ଘନଶ୍ୟାମ ଜାଲ, ଗୌତମ ଯୋଶୀ, ଗୋବିନ୍ଦ ସାହୁ, ଖଗେଶ୍ୱର ନାୟକ, ନବୀନ ସାହୁ, ଅଜୟ ପାଢ଼ୀ, ରମେଶ ଚନ୍ଦ୍ର ମହାଉତି, ଜୟଦେବ କାଣ୍ଡ ,ସରୋଜ ସାହୁ ଦାବି କରିଛନ୍ତି ।

# ଯୌତୁକ ପାଇଁ ବୋହୂକୁ ଆକ୍ରମଣ ଅଭିଯୋଗ

ମାଲକାନଗିରି,୧୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ କୋଇମେଟଲା ପଚାଂୟତ ଏମ.ପି.ଭି ୭୫ ଗ୍ରାମର ଅଜୟ ହାଲଦାରଙ୍କ ସ୍ତ୍ରୀ ରଞ୍ଜିତା ହାଲଦାରଙ୍କୁ ଯୌତୁକ ପାଇଁ ଆଠ ବର୍ଷ ହେଲା ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ଏମ.ପି.ଭି ୫୨ ଗ୍ରାମର, ନନୀଗୋପାଳ ମଜୁମଦାରଙ୍କ ଝିଅ ରଞ୍ଜିତା ୨୦୧୪ ମସିହାରେ ଏମ.ପି.ଭି. ୭୫ ଗ୍ରାମର ଅଜିତ ହାଲଦାରଙ୍କ ପୁଅ ଅଜୟ ହାଲଦାରଙ୍କୁ ବିବାହ କରିଥିଲେ । ଏହାର ବର୍ଷେ ପରେ, ରଞ୍ଜିତା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ହେଲେ ଶାଶୁ ଘର ଲୋକେ ଏହାକୁ ଗ୍ରହଣ କରୁନଥିଲେ । ସେହି ଦିନ ଠାରୁ, ସ୍ୱାମୀ, ଦିଅର ଓ ଶାଶୁ ମିଶି ଯୌତୁକ ନିର୍ଯାତନା ସହ ଅତ୍ୟାଚାର ଆରମ୍ଭ କରିଥିଲେ । ଅତ୍ୟାଚାର ସହିନପାରି ସେହିଦିନ ଠାରୁ ବହୁ କଷ୍ଟରେ ଆସି ୨୦୧୭ ମସିହାରୁ ଦୁଇ ବର୍ଷ କାଳ ବାପ ଘରେ ରହି ରଞ୍ଜିତା ଦିନ କାଟୁଥିଲେ । ପରେ ସ୍ୱାମୀ ଅଜୟ ଶ୍ୱଶୁର ଘର ଆସି ଭୂଲ୍ ମାଗି ପୁଣି ଘରକୁ ଫେରେଇ ନେଇଯାଇଥିଲେ । ତାର କିଛି ଦିନ ପରେ ପୁଣି ଆରମ୍ଭ କରିଦେଲେ ଯୌତୁକ ନିର୍ଯାତନା । ଶାଶୁଘର ଲୋକେ ଗୋଟିଏ ବାଇକ୍, ୫୦ ହଜାର ଟଙ୍କା ଓ ପଲଙ୍କ ଇତ୍ୟାଦି ଦାବି କରି ଦିଅର ବିଜୟ ହାଲଦାର, ଶାଶୂ ନମିତା ହାଲଦାର ମିଶି ଲୁହା ରଡ଼ ଓ ପ୍ରେସର କୁକର ସାହାଯ୍ୟରେ ବୋହୂକୁ ମାଡ ମାରି ରକ୍ତାକ୍ତ କରି ଘର ଭିତରେ ପକେଇ ବାହାରକୁ ଚାଲିଯାଇଥିଲେ । ପରେ ଗାଁ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଅଣାଯାଇ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ଏ ସଂକ୍ରାନ୍ତରେ କାଲିମେଲା ଥାନା କେସ୍ ନମ୍ବର ୩୦୧ /୨୧ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି କାଲିମେଲା ଥାନା ଭାରପ୍ରାପ୍ତ ଅଧିକାରୀ ରଘୁନାଥ ମାଝୀ । ଆଜି ରଞ୍ଜିତାଙ୍କ ପରିବାର ଲୋକେ ନ୍ୟାୟ ପାଇଁ ଗଣମାଧ୍ୟମ ସମ୍ମୁଖରେ ନିବେଦନ କରିଛନ୍ତି ।

# ଗରୀବଙ୍କୁ ଅନ୍ନ ବସ୍ତ୍ର ବଂଟନ

ନୂଆପଡା,୧୧/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଗୁରୁକୂଳ ଆଶ୍ରମ ହରିପୁର ତରଫରୁ ଗୋଡଫୁଲା ଓ ଦର୍ଲିମୁଣ୍ଡା ପଂଚାୟତର ଗରୀବ ଅସହାୟ ବିଧବା ଓ ଭିନ୍ନକ୍ଷମଙ୍କୁ ଅନ୍ନବସ୍ତ୍ର ବଂଟନ କରାଯାଇଛି । ୨ ପଂଚାୟତର ୬୦୦ ଜଣ ଗରୀବ ଅସହାୟ ବିଧବା ଓ ଭିନ୍ନକ୍ଷମଙ୍କୁ ୨୫ କିଗ୍ରା ଲେଖାଏଁ ଚାଉଳ ପକେଟ ସହ ଶାଢୀ ବଂଟନ କରାଯାଇଛି । ୨ ଦିନିଆ ସ୍ୱତନ୍ତ୍ର ଉତ୍ସବରେ ଗୁରୁକୂଳ ଆଶ୍ରମ ହରିପୁରର ମୁଖ୍ୟ ସୁଦର୍ଶନ ଜୀ, ଆଶ୍ରମର ସହଯୋଗୀ ପ୍ରସନ୍ନ କୁମାର ପାଢୀ, ଦିଲ୍ଲୀପ ଜିଜ୍ଞାସୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରବି କୃଷି ନିର୍ଦ୍ଧାରଣ କମିଟି ୨୦୨୧/୨୨ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା,୧୧/୧୨ (ନି.ପ୍ର) : ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ୨୦୨୧-୨୨ବର୍ଷ ରବି ଫସଲ ନିମନ୍ତେ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ୨୦୨୧-୨୨ବର୍ଷ ପାଇଁ ୬୨୫୨୫ହେକ୍ଟର ଜମିରେ ରବି ଫସଲ କରାଯିବ । ସେଥିମଧ୍ୟରୁ ୧୮୦୦ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟ ଜମିରେ ଡାଲି ଜାତୀୟ ଫସଲ, ତୈଳବୀଜ, ମସଲା, ପନିପରିବା ଆଦି ଚାଷ କରାଯିବ । ରବି ଫସଲ ପାଇଁ ୨୨୩୭୩ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଛି । ଅଧିକ ତୈଳବୀଜ ଉତ୍ପାଦନ ଓ ଡାଲି ଜାତୀୟ ଫସଲ,ଜଳସେଚନ ଉପଯୋଗ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଚାଷୀ ମାନଙ୍କୁ ରିହାତି ଦରରେ କୃଷି ଯନ୍ତ୍ରପାତି ବିକ୍ରୟ କରାଯିବ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା,ସମନ୍ୱିତ କୃଷି ଓ ଫାର୍ମ ଫଣ୍ଡ କାର ?ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ,ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ କୁମାର ମହାରଣା,ଏଜିଏମ ନାବାର୍ଡ,କୃଷି ବିଭାଗ ଅଧିକାରୀ,ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଲ ପାଚେରୀ ଭାଙ୍ଗିଲେ ହାତୀ ପଲ

ବଲାଙ୍ଗିର,୧୧/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମରେ ଗତ କିଛି ଦିନ ହେଲା ହାତୀ ପଲ ଉତ୍ପାତ ସୃଷ୍ଟି କରି ଲୋକଙ୍କ ଘର ଭାଙ୍ଗିବା ସହ ଛୋଟ ହାତୀ ପଶି ଧାନ ଚାଉଳ ନଷ୍ଟ କରୁଥିବା ବେଳେ ଜୀବନ ପ୍ରତି ବିପଦ ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଗତକାଲି ଭାଲୁପାଲି ଗ୍ରାମର ସରକାରୀ ସ୍କୁଲର ପାଚେରୀ ଭାଙ୍ଗି ସ୍କୁଲ ପରିସରର ପତାକା ଉତୋଳନ ନିମନ୍ତେ ପୋତା ଯାଇଥିବା ଖମ୍ବ ଉପାଡିବା ସହ ଆଖପାଖରେ ଥିବା କିଛି କଦଳୀ ଓ ଅନ୍ୟ ଗଛ ଦଳି ଦେଇଥିବା ଗ୍ରାମବାସୀ କହିଛନ୍ତି । ଏହି ହାତୀପଲ ସ୍କୁଲ ମୁଖ୍ୟ ପ୍ରବେଶ ପଥ ଦେଇ ବାହାରି ରମାଇ ପାହାଡ଼ ସଂରକ୍ଷିତ ଜଙ୍ଗଲକୁ ସକାଳେ ଚାଲି ଯାଇଥିବା ସୂଚନା ମିଳିଛି । ହାତୀ ଭୟରେ ଗ୍ରାମବାସୀ ନିଜର ଚାଷ ଜମି କିମ୍ବା ଅନ୍ୟାନ୍ୟ କାମ ପାଇଁ ଘରୁ ବାହାରକୁ ଯିବା ପାଇଁ ଡରୁଥିବା କହିଛନ୍ତି ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ

ମାଲକାନଗିରି,୧୧/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଏକ ଦିବସୀୟ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ସମର ଶିକ୍ଷାର୍ଥୀ ବାହିନୀ ପଦାତିକ ଅଧିକାରୀ ସୁଶାନ୍ତ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଶିକ୍ଷା ବିଭାଗ ମୁଖ୍ୟ ଗୌତମ ନାୟକ ଯୋଗଦେଇ ୧୯୪୮ ମସିହା ଠାରୁ ଆଜିର ଦିବସକୁ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ରୂପେ ପାଳନ କରାଯାଉଛି । କିପରି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରି ମାନବିକ ନ୍ୟାୟ ପ୍ରଦାନ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ତପନ କୁମାର ବେହେରା ମାନବ ଅଧିକାର ଉପରେ ଆଲୋଚନା କରିଥିଲେ । ଏଥିରେ ଉପସ୍ଥିତ ଥିବା ଏନସିସି କ୍ୟାଡେଟଙ୍କ ସହ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ମାନବ ଅଧିକାର ସମ୍ବନ୍ଧରେ ସଚେତନ କରାଯାଇଥିଲା । ଶେଷରେ ଇଂରାଜୀ ବିଭାଗ ଅଧାପକ ପ୍ରଦୀପ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକାକୁ ଗର୍ଭବତୀ କରି ଯୁବକ ଗିରଫ

ଜୟପୁର,୧୧/୧୨ (ନି.ପ୍ର): ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ଗର୍ଭବତି କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଏନେଇ ଜୟପୁର ମହିଳା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ତଦନ୍ତରେ ଜାଣି ପୋଲିସ ମକାପୁଟର ରାଜେଶ ଟାକରି (୨୨) କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୁଚନା ଅନୁଯାଇ ଜୟପୁର ସହରର ଜଣେ ନାବାଳିକା (୧୪)ଗତ ଫେବୃଆରି ମାସରେ ନିଜ ବଡ ଭଉଣି ଘର ମକାପୁଟ ଯାଇଥିଲେ । ଭଉଣିର ଦିଅର ଘରେ କେହି ନଥିବାର ସୁଯୋଗ ନେଇ ବିବାହର ପ୍ରଲୋଭନ ଦେଖାଇ ନାବାଳିକା ସହ ଶାରୀରିକ ସମ୍ପର୍କ ରଖିଥିଲେ । ବର୍ତମାନ ନାବାଳିକା ଜଣକ ଗର୍ଭବତୀଥିବା ପରିବାର ଲୋକେ ଜାଣି ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ମହିଳା ପୋଲିସ ୧୦୦/୨୧ ମାମଲା ରୁଜୁ କରି ବା ସହ ନାବାଳିକାକୁ ଡାକ୍ତରି ମାଇନା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

# ଦ୍ୱିତୀୟ ପର୍ଯ୍ୟାୟରେ କଣାସ ବ୍ଲକର ୮ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ହେବ

କଣାସ,୧୧/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୪ଟି ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ସାମିଲ୍ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୮ଟି ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ୍ କରାଯାଇଥିବା ଜଣାପଡିଛି । ଉକ୍ତ ବିଦ୍ୟାଳୟ ଗୁଡିକ ହେଲା କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ଗ୍ରାମେଶ୍ୱର ବିଦ୍ୟାପୀଠ, ଓହ୍ଲାଣ, ଶ୍ରୀ ଅଭିରାମ ନୋଡାଲ ବିଦ୍ୟାପୀଠ, କରମଳା, ଗଡବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ, ତିପୁରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ, ଗୋପିନାଥ ଉଚ୍ଚ ବିଦ୍ୟାଳୟ, ଗଡିଶାଗୋଦା, ଉତ୍କଳମଣି ଗୋପବନ୍ଧୁ ବିଦ୍ୟାନିକେତନ, ଝାରେଡାକୁ ୫-ଟିରେ ସାମିଲ୍ କରାଯାଇଥିବା ଜଣାପଡିଛି । ବିଡିଓ ଲୋଚନ ଦାସ ଓ ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ଉକ୍ତ ବିଦ୍ୟାଳୟ ଗୁଡିକ ପରିଦର୍ଶନ କରି ଫେରିଆସିଛନ୍ତି ।

# ବେଆଇନ୍ କଂକ୍ରିଟ ଖୁଂଟ କାଳ : ଓରାଳିରେ ଦୁର୍ଘଟଣା ବୃଦ୍ଧି

ଆନନ୍ଦପୁର,୧୧/୧୨ (ନି.ପ୍ର) : ରାସ୍ତାକଡ଼ରେ ବେଆଇନ୍ ଭାବେ କଂକ୍ରିଟ ଖୁଂଟ ନିର୍ମାଣ ଯୋଗୁ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି । କେନ୍ଦୁଝର ଜିଲ୍ଲା ଓରାଳି ବସ ଷ୍ଟପରେ ସରକାରୀ ରାସ୍ତାକୁ ଅକ୍ତିଆର କରି ବ୍ୟବସାୟିକ ଧର୍ମଶାଳା ଓ କଂକ୍ରିଟ ସ୍ଲାବ ନିର୍ମାଣ ହୋଇଥିବାରୁ ଥରକୁ ଥର ଦୁର୍ଘଟଣା ଘଟୁଛି । ୫୩ ନମ୍ବର ରାଜ୍ୟ ରାଜପଥର ଭଦ୍ରକ-ଆନନ୍ଦପୁର ମଧ୍ୟବର୍ତ୍ତୀ ଅଂଚଳ ଓରାଳିରେ ବାଇକ୍ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । କିଛିଦିନ ପୂର୍ବେ ଓରାଳି ଗ୍ରାମର ସତୁରା ଯେନାଙ୍କ ପତ୍ନୀ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଭାବେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ପୂର୍ବରୁ କଳିଗାଁର ଜଣେ ଛାତ୍ର ବାଇକ୍ ଦୁର୍ଘଟଣାରେ ଆହତ ହୋଇଥିଲେ । ସଡ଼କ କଡ଼ରେ ଜଣେ ବ୍ୟକ୍ତି କଂକ୍ରିଟ ଖୁଂଟ ତିଆରି କରିଥିବାରୁ ଦୋକାନୀ, ପଥଚାରୀ ଓ ବାଇକ୍ ଆରୋହୀ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଓରାଳି-ଶାଳଣିଆ ଏବଂ ଓରାଳି-ବରକୋଣା ରାସ୍ତାରେ ଟ୍ରାଫିକ୍ ସୂଚନା ଫଳକ ନଥିବାରୁ ବିପଦ ସୃଷ୍ଟି ହେଉଛି । ପୂର୍ତ୍ତ ଓ ସଡ଼କ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ରାସ୍ତାକଡ଼ରୁ କଂକ୍ରିଟ ସ୍ଲାବ ହଟାଇବା ସହିତ ଅଭିଯୁକ୍ତ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଓରାଳିର ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରୁଛନ୍ତି ।

# ଫୁଲବାଣୀରେ ଚାଲିଛି ସମାନ୍ତରାଳ ଭାବେ ଦୁଇଟି ଅବକାରୀ କାର୍ଯ୍ୟାଳୟ

କନ୍ଧମାଳ,୧୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଅବକାରୀ ବିଭାଗ କେବଳ ଲାଇସେନ୍ସ ପ୍ରଦାନ ଓ ବଟି ଆଦାୟରେ ଲାଗିଥିବା ଅଭିଯୋଗ ହେଉଥିବା ବେଳେ ଏହି ଅଭିଯୋଗ ଦୃଢ଼ୀଭୂତ ହୋଇଛି ଗତ ମାସରେ ଫୁଲବାଣୀ ସଦର ମହକୁମାରେ ଗଞ୍ଜେଇ ଚାଲାଣକାରୀ ଦୁଇ ଭାଇଙ୍କୁ ଗଞ୍ଜେଇ ସହ ଧରି ମୁଣ୍ଡ ଜାମିନରେ ଗୋଟିଏ ଭାଇକୁ ଅଟକ ରଖି ଅନ୍ୟ ଭାଇକୁ ପଚାଶ ହଜାର ଟଙ୍କା ଆଣିବା ପାଇଁ ଛାଡିବା । ଓ ଉକ୍ତ ମୁଣ୍ଡ ଜାମିନରେ ରଖାଯାଇଥିବା ଯୁବକକୁ ଅବକାରୀ କାର୍ଯ୍ୟାଳୟରେ ନ ରଖି ଫୁଲବାଣୀ ସହରର ମୋଚି ସାହିରେ ଏକ ଘରେ ଅଟକ ରଖିବା ଓ ଟଙ୍କା ଆଣିବାକୁ ଯାଇଥିବା ଯୁବକର ବିଳମ୍ବ ହେବାରୁ ଅଟକ ଥିବା ଯୁବକକୁ ଫୋନ କରିବା ପାଇଁ ଫୋନ ଦେବା, ଯୁବକଟି ଫୋନ କରିବା ବାହାନାରେ ଦୁଇ ମହଲା ଛାତ ଉପରକୁ ଯାଇ ହାତକଡି ସହ ଘରର ପାଇପ ଲାଇନ ଦେଇ ଖସି ପଳାଇବାକୁ ଚେଷ୍ଟା କରି ପାଇପ ଭାଙ୍ଗିଯିବାରୁ ତଳେ ପଡି ଗୁରୁତର ଆହତ ହେବା ଓ ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲରେ ତାର ମୃତ୍ୟୁ ଘଟିବା ଘଟଣା । ମୃତ ଯୁବକର ପରିବାର ଲୋକେ ଓ ଗାଁ ଲୋକେ ଶବକୁ ନେଇ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଥିବା ବେଳେ ଏହି ଘଟଣାକୁ ଚପାଇଦେବା ପାଇଁ ବେସରକାରୀ ଭାବେ ଉକ୍ତ ମୃତ ଯୁବକର ପରିବାରକୁ ଚାରି ଲକ୍ଷ ଟଙ୍କା ପ୍ରଦାନ କରି ଘଟଣାକୁ ଚାପି ଦେବା ପାଇଁ ଚେଷ୍ଟା ଚାଲିଥିବା ଅଭିଯୋଗ ହେଉଛି ଓ କ୍ଷତିପୂରଣ କରାଇ ଦେଇଥିବା ଦାବି କରି କିଛି ଦଲାଲ୍ ଉକ୍ତ ପରିବାରକୁ କମିଶନ ମାଗୁଥିବା ନେଇ ଆଲୋଚନା ଜୋର୍ ଧରିଛି । ସହରରେ ଅବକାରୀ କାର୍ଯ୍ୟାଳୟ ଥିଲେ ମଧ ଅଘୋଷିତ ଭାବେ ସ୍ଥାନୀୟ ମୋଚି ସାହିରେ ଏକ ସମାନ୍ତରାଳ କାର୍ଯ୍ୟାଳୟ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଚାଲିଥିବା ଅଭିଯୋଗ କରିଛନ୍ତି ଅଂଚଳବାସୀ । ବିଭାଗୀୟ କର୍ମଚାରୀ ଚଢ଼ଉ କରି ନିଶା ବେପାରୀଙ୍କୁ ଧରିବା ପରେ ଅବକାରୀ କାର୍ଯ୍ୟାଳୟକୁ ନ ନେଇ ଏହି ଅଘୋଷିତ ମୋଚି ସାହି କାର୍ଯ୍ୟାଳୟକୁ ଆଣି ଅଟକ ରଖି ଟଙ୍କା ପଇସା କାରବାର ଚାଲେ । ଗଣମାଧ୍ୟମ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟିରୁ ଏଡେଇବା ପାଇଁ ଏହିଭଳି ଅଘୋଷିତ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଚାଲୁଥିବା ନେଇ ଅଭିଯୋଗ ହେଉଥିବା ବେଳେ ଏହି ଯୁବକର ଦୁର୍ଘଟଣା ଏହାର ପର୍ଦାଫାସ କରିଛି । ଫୁଲବାଣୀ ଅବକାରୀ ଅଧିକ୍ଷକଙ୍କୁ ଏନେଇ ପଚରା ଯିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଏହା ଏକ କେସ୍ କରାଯାଇଥିବା ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏହାର ତଦନ୍ତ କରୁଛନ୍ତି କହି କଥାକୁ ଏଡାଇ ଯାଇଥିଲେ । ଘଟଣାକୁ ଚାପି ଦେବା ପାଇଁ ଚେଷ୍ଟା ଚାଲିଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ଉଚ୍ଚ କର୍ତୃପକ୍ଷ ଏହାର ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# କେନ୍ଦୁଝର ଜିଲ୍ଲାରେ ଜଣେ ଶିକ୍ଷକରେ ଚାଲିଛି ୩୮୦ପ୍ରାଥମିକ ବିଦ୍ୟାଳୟ : ବିନା ଶିକ୍ଷକରେ ଚାଲିଛି ୧୯ଟି ପ୍ରାଥମିକ ବିଦ୍ୟାଳୟ

କେନ୍ଦୁଝର,୧୧/୧୨ (ନି.ପ୍ର) : କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି ଶିକ୍ଷା ବିଭାଗର ବିଚିତ୍ର ସ୍ଥିତି । ଜିଲ୍ଲାରେ କିଛି ବିଦ୍ୟାଳୟ କୋଠରେ ରଙ୍ଗମାରି ୫-ଟି ଅଧିନରେ ସ୍ମାର୍ଟ ସ୍କୁଲ ରୂପାନ୍ତର କରାଯିବାର ପ୍ରୟାସ ସରକାରଙ୍କ ପକ୍ଷରୁ କାଯାଇ ଅଯଥା ବାହା ବାହା ନେବାର ଉଦ୍ୟମ କରାଯାଉଥିବା ବେଳେ ଶିକ୍ଷକ ଅଭାବ କୁ ପୁରା ପୁରି ଅଣଦେଖା କରାଯାଉଛି । ଫଳରେ ସରକାରଙ୍କ ଯୋଜନା କେବଳ ଏକ ପ୍ରହସନରେ ହିଁ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମିଳିଥିବା ତଥ୍ୟନୁଶାରେ ଜିଲ୍ଲାରେ କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହି ଥିବା ବେଳେ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ଜିଲ୍ଲାର ୧୩ ଟି ବ୍ଲକର ୩୮୦ ଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଁଏ ଶିକ୍ଷକରେ ଚାଲିଛି ପାଠ ପଢା । ସରକାରଙ୍କ ନିୟମ ଅନୁସାରେ କମ୍ ଛାତ୍ର ଛାତ୍ରୀ ଥିବା ପ୍ରତ୍ୟେକ ବିଦ୍ୟାଳୟରେ ସର୍ବନିମ୍ନ ୨ ଜଣ ଶିକ୍ଷକ ରହିବେ । କିନ୍ତୁ ଆନନ୍ଦପୁର ବ୍ଲକରେ ୨୩ ଟି ବିଦ୍ୟାଳୟ, ବାଂଶପାଳ ୪୧, ଚମ୍ପୁଆ ବ୍ଲକ ରେ ୪୨ ଟି , ଘଷିପୁରା ବ୍ଲକ ରେ ୨୭ ଟି, ଘଟଗାଁ ବ୍ଲକରେ ୩୩ ଟି, ହରିଚନ୍ଦନପୁର ବ୍ଲକ ରେ ୪୮ ଟି , ହାଟଡିହି ବ୍ଲକ ରେ ୧୬ ଟି , ଝୁମ୍ପୁରା ବ୍ଲକ ରେ ୨୮ ଟି, ଯୋଡା ବ୍ଲକରେ ୧୯ ଟି , କେନ୍ଦୁଝର ସଦର ବ୍ଲକ ରେ ୩୪ ଟି , ପାଟଣା ବ୍ଲକ ରେ ୨୮ ଟି , ସାହରପଡା ବ୍ଲକ ରେ ୩୧ ଟି ଏବଂ ତେଲକୋଇ ବ୍ଲକର ୩୦ ଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଁଏ ଶିକ୍ଷକରେ ପାଠ ପଢା ଚାଲିଛି । ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଦୁଃଖଦ ଘଟଣା । ହେଉଛି ଯେ ଜିଲ୍ଲା ର ୧୯ ଟି ପ୍ରାଥମିକ ବିଦ୍ୟାଳୟରେ ଆଦୌ ଶିକ୍ଷକ ନାହାଁନ୍ତି । ଆନନ୍ଦପୁର ବ୍ଲକର ୩ଟି , ଚମ୍ପୁଆ। ବ୍ଲକରେ ୪ଟି , ଘଟଗାଁ ବ୍ଲକରେ ୩ ଟି , ହରିଚନ୍ଦନପୁର ବ୍ଲକରେ ୧ ଟି , ହାଟଡିହି ବ୍ଲକରେ ୩ ଟି , ଝୁମ୍ପୁରା ବ୍ଲକ ରେ ୧ ଟି , ସାହାରପଡା ବ୍ଲକରେ ୩ ଟି , ତେଲକୋଇ ବ୍ଲକ ର ଗୋଟିଏ ବିଦ୍ୟାଳୟରେ ଆଦୌ ଶିକ୍ଷକ ନ ଥିବାରୁ ପାଠ ପଢା ଘୋର ବାଧାପ୍ରାପ୍ତ ହୋଇଛି । ତେବେ ଇତି ମଧ୍ୟରେ ଅଧିକ ଶିକ୍ଷକ ଥିବା ବିଦ୍ୟାଳୟରୁ ଜଣେ ଲେଖାଁଏ ଶିକ୍ଷକ ଥିବା ବିଦ୍ୟାଳୟକୁ ଶିକ୍ଷକ ବଦଳି କରାଯିବାକୁ ନିଷ୍ପତି ହୋଇଛି । ଏହା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କ ଅଧକ୍ଷତାରେ ସମସ୍ତ ବିଇଓଙ୍କୁ ନେଇ ଅନୁଷ୍ଠିତ ବୈଠକ ରେ ନିଷ୍ପତି ହୋଇଛି । ଏଥିରେ ଜିଲ୍ଲାର ୧୩ ଟି ବ୍ଲକର ୪୩୦ ଜଣ ଶିକ୍ଷକ ଛାତ୍ରଛାତ୍ରୀ ଅନୁପାତରେ ଅଧିକ ଥିବାରୁ ସେମାନଙ୍କୁ ଜଣେ ଶିକ୍ଷକ ଥିବା କିମ୍ବା ଆଦୌ ଶିକ୍ଷକ ନଥିବା ବିଦ୍ୟାଳୟକୁ ବଦଳି କରାଯିବ ବୋଲି ଜଣାପଡିଛି । ଜିଲ୍ଲାର ଆନନ୍ଦପୁର ବ୍ଲକରେ ୨୯ଜଣ , ବାଂଶପାଳ ବ୍ଲକରେ ୪୧ଜଣ , ଚମ୍ପୁଆ ବ୍ଲକରେ ୩୧ଜଣ , ଘଷିପୁରା ବ୍ଲକରେ ୨୭ଜଣ , ଘଟଗାଁ ବ୍ଲକରେ ୩୮ଜଣ , ହରିଚନ୍ଦନପୁର ବ୍ଲକରେ ୫୦ଜଣ , ହାଟଡିହି ବ୍ଲକ ରେ ୨୨ଜଣ , ଝୁମ୍ପୁରା ବ୍ଲକରେ ୩୦ଜଣ , ଯୋଡା ବ୍ଲକରେ ୧୯ଜଣ , କେନ୍ଦୁଝର ସଦର ବ୍ଲକରେ ୩୪ଜଣ , ପାଟଣା ବ୍ଲକରେ ୨୮ଜଣ , ସାହାରପଡା ବ୍ଲକରେ ୩୭ ଜଣ ଏବଂ ତେଲକୋଇ ବ୍ଲକରେ ୩୨ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଅନୁପାତରେ ଅଧିକ ରହିଛନ୍ତି । ସେଥିମଧ୍ୟରୁ ୧୨ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀ ପୂର୍ବରୁ ଜଣେ ଲେଖାଁଏ ଶିକ୍ଷକ ଥିବା ବିଦ୍ୟାଳୟକୁ ଡେପୁଟେସନ ହୋଇଥିବାରୁ ସେମାନଙ୍କୁ କମିଟିର ଅନୁମୋଦନ କ୍ରମେ ସେହି ବିଦ୍ୟାଳୟକୁ ବଦଳି କରାଯିବ ବୋଲି ଜଣାପଡିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଡିସେମ୍ବର, ୨୦୨୧
email : rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫୪**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହା ହେଲା ମୋ ଉପରେ ଚକ୍ରର ଦ୍ୱିତୀୟ ପର୍ଯ୍ୟାୟ । ବିପଦର ଏତିକିରେ ଅବସାନ ହେଲାନାହିଁ । ଦିନେ ସନ୍ଧ୍ୟାରେ ମୁଁ ମୋ ବସାରେ ଅଫିସ କାମରାରେ ବସି କାମ କରୁଛି, ଜଣେ ବ୍ରାହ୍ମଣ ଫରେଷ୍ଟ ଗାର୍ଡ କାମରା ଭିତରକୁ ପଶିଆସି ହସିବାକୁ ଲାଗିଲା ଓ ନାନା ଅଙ୍ଗଭଙ୍ଗି କଲା । ଜାଣି ପାରିଲି, ସେ ମଦ ଖାଇଛି । ତାକୁ ଚାଲିଯିବାକୁ କହିଲି । କିନ୍ତୁ ସେ ନଯାଇ ଆହୁରି ଉଶୃଙ୍ଖଳ ହେବାକୁ ଲାଗିଲା । ଗୋଟିଏ ବେତ ଆଣି ତାକୁ ପିଟିଲି । ତହିଁରୁ ସେ ଦୌଡ଼ି ଦୌଡ଼ି ପଳାଇଗଲା । କିଛିଦିନ ପରେ ସମ୍ବଲପୁରରୁ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଗୋଟିଏ ନୋଟିସ୍ ପାଇଲି । ମୋ ନାମରେ ସେହି ଫରେଷ୍ଟ ଗାର୍ଡ ଫୌଜଦାରୀ ମୋକଦ୍ଦମା ପୋଲିଟିକେଲ୍ ଏଜେଣ୍ଟଙ୍କଠାରେ ସମ୍ବଲପୁରରେ ଦାଏର କରିଛି ଓ ପୋଲିଟିକେଲ୍ ଏଜେଣ୍ଟ ସେହି ସମ୍ପର୍କରେ ମୋତେ ଫୌଜଦାରୀ କାର୍ଯ୍ୟବିଧି ଅନୁଯାୟୀ ତଲବ କରିଛନ୍ତି । ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରେ ମୁଁ ଉପସ୍ଥିତ ହୋଇ ଦେଖିଲି ସେହି ଫରେଷ୍ଟଗାର୍ଡ ସହିତ ଦୁଇଜଣ ସାକ୍ଷୀ ମଧ ଉପସ୍ଥିତ ଅଛନ୍ତି । ସାହେବ ମୋକଦ୍ଦମାର ବିଚାର କରିବାକୁ ବସିଲେ । ମୁଁ କହିଲି, "ସାହେବ! ଆପଣ ବଣେଇ ରାଜ୍ୟର ଘଟଣା ସମ୍ବନ୍ଧରେ ସରକାରୀ ମୁଲକ ସମ୍ବଲପୁର ମାଟିରେ କିପରି ମୋକଦ୍ଦମା ବିଚାର କରିବେ? ଫୌଜଦାରୀ ଆଇନ ଅନୁସାରେ ସମ୍ବଲପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ଜିଲ୍ଲାର କ୍ଷମତାପ୍ରାପ୍ତ ହାକିମ । ପୁଣି ଆପଣଙ୍କ ଗଡ଼ଜାତ ମାଟିରେ ମୂଳ ମୋକଦ୍ଦମାରେ ବିଚାର କରିବା ସୁଦ୍ଧା କ୍ଷମତା ନାହିଁ ।" ଏହା କହି ଏ ସଂକ୍ରାନ୍ତ ଫୌଜଦାରୀ କାର୍ଯ୍ୟବିଧି ଆଇନର ଦଫାମାନ ଦେଖାଇଦେଲି । ସାହେବ ମୋ ସହିତ ଏକମତ ହେଲେ । ତାହା ହୋଇଥିଲେ ସୁଦ୍ଧା ଘଟଣା ସମ୍ବନ୍ଧରେ ମୁଦେଇ ଫରେଷ୍ଟ ଗାର୍ଡ ଓ ସାକ୍ଷ୍ୟଦ୍ୱୟଙ୍କୁ ପଚାରିବାକୁ ଅନୁରୋଧ କଲି । ତାଙ୍କ ପ୍ରଶ୍ନଗୁଡ଼ିକର ଉତ୍ତରରୁ ଜାଣିପାରିଲି ଯେ, ଅଭିଯୋଗ ଯେଉଁ ଆବରଣରେ ଦିଆ ହୋଇଥିଲା ତାହା ଅମୂଳକ । ପର ଶିକ୍ଷାରେ ଏହା କରିଥିବା ମୁଦେଇ ସ୍ୱୀକାର କଲା । ସାହେବ ତତ୍‌କ୍ଷଣାତ୍ ତାହାର କାର୍ଯ୍ୟରୁ ବରଖାସ୍ତ ହୁକୁମ ଲେଖିଦେଲେ ।

ଆଉ ଗୋଟିଏ ଗୁରୁତର ମୋକଦ୍ଦମା । ଅର୍ଦ୍ଧରାତ୍ରରେ ଫରେଷ୍ଟ ଅଫିସରଙ୍କ ଘରକୁ ଅସଦ୍‌ଭିପ୍ରାୟରେ ଅନଧିକାର ପ୍ରବେଶ କରିବା ଅଭିଯୋଗରେ ପୋଲିସରେ ମୋ ନାମରେ ମୋକଦ୍ଦମା କରାହୋଇଅଛି । ତଦନ୍ତରେ ତାହା ମିଥ୍ୟା ପ୍ରମାଣିତ ହେବାରୁ ପୋଲିଟିକେଲ୍ ଏଜେଣ୍ଟ ମିଥ୍ୟା ମୋକଦ୍ଦମା କରିଥିବା ଅପରାଧରେ ଫୌଜଦାରୀ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ ହୁକୁମ ଦେଲେ । ତାଙ୍କ ହୁକୁମରେ ପୁଣି ମୋକଦ୍ଦମାର ବିଚାର ମୁଁ କଲି । ପରେ ମୋ ପରାମର୍ଶରେ ମୋକଦ୍ଦମା ଉଠାଇଦେବାକୁ ଆଦେଶ ଦେଲେ । କିନ୍ତୁ ଫରେଷ୍ଟ ଅଫିସରଙ୍କୁ କାର୍ଯ୍ୟରୁ ବରଖାସ୍ତ କରିଦେଲେ ।

ଜଣ ଜଣ ହୋଇ ଏହି କ୍ଷୁଦ୍ର ରାଜ୍ୟର ଅଫିସରମାନେ ଚାଲିଗଲେ । ତଥାପି ବାୟୁମଣ୍ଡଳ ସରଗରମ ହୋଇ ରହିଅଛି ଓ ନାନା ପ୍ରକାର ଆତଙ୍କଜନକ ଜନରବ ଶୁଣାଯାଉଅଛି । ଆତ୍ମପ୍ରତ୍ୟେୟ ଦୃଢ଼ ରଖି ଓ ଭଗବାନଙ୍କ ଉପରେ ନିର୍ଭର କରି ଯଥାଶକ୍ତି କର୍ତ୍ତବ୍ୟ ପଥରେ ମୁଁ ଚାଲିଥାଏ । ଚାଲିଯାଉଥିବା ଅଫିସରମାନଙ୍କ ସ୍ଥାନରେ ନୂତନ ଅଫିସରମାନେ ଆସିଲେ । କେତେକ ମାସ ମାତ୍ର ସୁରୁଖୁରୁରେ ଏମାନଙ୍କ ସହିତ କାମ ଚାଲିଲା । ପରେ ଅବସ୍ଥା ଯେକୁ ସେ । ଫରେଷ୍ଟ ଅଫିସର ଆସିଲେ ଜଣେ ବଙ୍ଗାଳୀ । ପ୍ରଥମରେ ମୁଁ ତାଙ୍କୁ ବିପଥକୁ ଯାଉଥିବା ଦେଖି ସାବଧାନ କରାଇଦେବାରୁ ସେ ନିଜ କାର୍ଯ୍ୟରେ ମନଦେଲେ । ପୋଲିସ୍ ଇନ୍‌ସପେକ୍ଟର ହୋଇ ଆସିଲେ ସମ୍ବଲପୁରର ଜଣେ ମୋର ପୂର୍ବ ସହାଧ୍ୟାୟୀ । ସେ ସରକାରୀ ପୋଲିସର କେତେଦିନ ସବ୍‌ଇନ୍‌ସପେକ୍ଟର କାର୍ଯ୍ୟ କରି ପରେ ଇସ୍ତଫା ଦେଇ ଘରେ ବସିଥିଲେ । ମୋର କେତେକ ବନ୍ଧୁଙ୍କ ଆନୁକୂଲ୍ୟରେ ବଣେଇ ଷ୍ଟେଟ୍‌ର ଇନ୍‌ସପେକ୍ଟର ପଦରେ ଅସ୍ଥାୟୀ ଭାବରେ ନିଯୁକ୍ତ ହୋଇ ଆସିଲେ । ସହାଧ୍ୟାୟୀ ବନ୍ଧୁଙ୍କଠାରୁ ସହଯୋଗ ପରିବର୍ତ୍ତରେ ଅଳ୍ପଦିନ ମଧ୍ୟରେ ତାଙ୍କଠାରୁ ଯେଉଁ ବ୍ୟବହାର ପାଇଲି ତାହା କଦାପି ଭୁଲିହେବ ନାହିଁ । ସେ ପ୍ରକାଶ୍ୟ ଭାବରେ ମୋର ବିରୁଦ୍ଧାଚରଣ କରିବାକୁ ଲାଗିଲେ । ପୋଲିସ କାର୍ଯ୍ୟକଲେ ନାହିଁ ଏବଂ ପୋଲିସରେ ଏପରି ପରିସ୍ଥିତି ସୃଷ୍ଟିକଲେ ଯେ, କନଷ୍ଟେବଲ୍‌ଠାରୁ ଆରମ୍ଭ କରି ଅଧୀନସ୍ଥ ସବ୍‌ଇନ୍‌ସପେକ୍ଟରମାନେ ସୁଦ୍ଧା ମୋ ପ୍ରତି ତାଚ୍ଛଲ୍ୟ ଓ ଅସମ୍ମାନ ପ୍ରଦର୍ଶନ କରିବାକୁ ଲାଗିଲେ । ରାତିରେ ମୋ ଘର ଚାରିଆଡ଼େ ପୋଲିସ ଜଗାଇଦେଲେ । ଥାନାକୁ ପରିଦର୍ଶନ କରିଗଲେ କନେଷ୍ଟବଲମାନେ ସୁଦ୍ଧା ମୋ ସ୍ଥାନରୁ ଉଠିଲେ ନାହିଁ । ଠିଆ ହୋଇଥିଲେ ବସିପଡ଼ିଲେ । ସମସ୍ତେ ନିୟମ ଓ ଶୃଙ୍ଖଳାଭଙ୍ଗ କରିବାକୁ ଲାଗିଲେ । ମାଜିଷ୍ଟ୍ରେଟ୍ ପ୍ରତି ପୋଲିସ କର୍ମଚାରୀଙ୍କ ବାଧ୍ୟତାମୂଳକ ସାଧାରଣ ଅଭିବାଦନ ମଧ ଛାଡ଼ିଦେଲେ । ଥାନା ଭିତରକୁ ଗଲେ ଇନ୍‌ପେକ୍ଟର ଓ ସବ୍‌ଇନ୍‌ପେକ୍ଟରମାନେ ସମ୍ମୁଖସ୍ଥ ଟେବୁଲ ଉପରେ ଗୋଡ଼ମାନ ଲମ୍ବାଇ ଦେଇ ଚୌକିରେ ବସି ନିଶ ମୋଡ଼ି ମୋଡ଼ି ଦାନ୍ତ ଦେଖାଇବାକୁ ଲାଗିଲେ । କାମ ଧାମ ତ ଚୁଲିକି ଗଲା, ତାହା ମଧ କଲେ ନାହିଁ । କୌଣସି ବିଷୟରେ ରିପୋର୍ଟ ମାଗିଲେ ଦେଲେ ନାହିଁ । ମୋକଦ୍ଦମାର ତଦନ୍ତ ହେଲା ନାହିଁ । କ୍ରମେ ସବୁ ଅଚଳ ହେବାକୁ ବସିଲା । ଇନ୍‌ସପେକ୍ଟରଙ୍କୁ ଡାକି ଘରୋଇଭାବରେ ସୁଦ୍ଧା ଯେତେ ଉପଦେଶ ଦେଲି ସେ କିଛି ଶୁଣିଲେ ନାହିଁ । ସମ୍ବଲପୁରର ଯେଉଁ ବନ୍ଧୁମାନଙ୍କ ସୁପାରିସରେ ଆସିଥିଲେ ସେମାନଙ୍କୁ ସୁଦ୍ଧା କହିଲି । କିଛି ଫଳ ହେଲା ନାହିଁ ।

ଶିକ୍ଷା ବିଭାଗ ମୋର ଅତି ପ୍ରିୟ ଓ ସ୍କୁଲ ସମ୍ବନ୍ଧୀୟ ଯାବତୀୟ କାର୍ଯ୍ୟ ମୋତେ ବଡ଼ ସୁଖଲାଗେ । ପ୍ରବଳ ଉତ୍ସାହରେ ଅନୁନ୍ନତ ବଣେଇରେ ଶିକ୍ଷାପ୍ରସାର କଳ୍ପେ ସବ୍‌ଇନ୍‌ସପେକ୍ଟର ନାରାୟଣ ନନ୍ଦଙ୍କ ସହିତ ମୁଁ ଲାଗିପଡ଼ିଲି । ବଣେଇରେ ଅଧିକାଂଶ ଅମଲା ଓ ସ୍କୁଲ ଶିକ୍ଷକ କଟକ ଅଞ୍ଚଳର । ବଙ୍ଗାଳୀ ଆସିଷ୍ଟାଣ୍ଟ ସର୍ଜନ କଳାହାଣ୍ଡିକୁ ଚାଲିଯାଇଥିଲେ ଓ ତାଙ୍କ ସ୍ଥାନରେ ଜଣେ ଓଡ଼ିଆ ଡାକ୍ତର ଆସିଥିଲେ । ଦିନେ ସନ୍ଧ୍ୟାରେ ଡାକ୍ତରବାବୁ ଓ ପ୍ରାୟ ସମସ୍ତେ ଆସି ମୋତେ କହିଲେ ଯେ, ସ୍କୁଲ ସବ୍‌ଇନ୍‌ସପେକ୍ଟର ନାରାୟଣବାବୁଙ୍କୁ ପୋଲିସ ଇନ୍‌ସପେକ୍ଟର ଥାନାକୁ ଡକାଇ ନେଇ ନାନା ଅଶ୍ଳୀଳ ଭାଷାରେ ଗାଳି ଦେଲେ ଓ ତାଙ୍କୁ ଥାନା ହାଜତରେ କିଛି ସମୟ ରଖି ପୁଣି ଛାଡ଼ିଦେଇଥିଲେ । ଇନ୍‌ସପେକ୍ଟରଙ୍କୁ ଡକାଇଲି । ସେ ଆସି କହିଲେ, "ଏହି ଶଳା କଟିକିଆଙ୍କୁ ବାହାର କରିଦିଅ ହୋ । ଏ ଶଳାଙ୍କୁ ମୋକଦ୍ଦମା କରି ଜେଲରେ ପୂରାଇବି ।" ସଂଯତ ହେବାପାଇଁ ତାଙ୍କୁ ପରାମର୍ଶ ଦେଲି । କିନ୍ତୁ ମୋ ଉପଦେଶ ଶୁଣିବେ କ'ଣ? ସ୍ୱର ଉଚ୍ଚରୁ ଉଚ୍ଚକୁ ବଢୁଥାଏ । ମୁଁ ଏମାନଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କଲେ । ନାରାୟଣ ନନ୍ଦଙ୍କ ଅଭିଯୋଗ ସ୍ୱୀକାର କଲେ । ତାଙ୍କଠାରେ କ୍ଷମା ପ୍ରାର୍ଥନା କରିବା ସକାଶେ ଯେତେ ପରାମର୍ଶ ଦେଲି ଶୁଣିଲେ ନାହିଁ, ବରଂ ଓଲଟି ମୁଁ ତାଙ୍କର କ'ଣ କରିପାରିବି ବୋଲି ଆହୁରି ତର୍ଜନ କଲେ । ନାରାୟଣ ନନ୍ଦ, ଡାକ୍ତର ଓ ଅମଲାମାନେ ସମସ୍ତେ ଏଥିରେ ପ୍ରତିକାର ନକଲେ ସମସ୍ତେ କାର୍ଯ୍ୟ ତ୍ୟାଗ କରିବେ ଏବଂ ପୋଲିଟିକେଲ୍ ଏଜେଣ୍ଟଙ୍କଠାରେ ସମସ୍ତ ଘଟଣା ଜଣାଇବେ ବୋଲି କହିଲେ । ମିଳାମିଶା ପାଇଁ ପୁଣି ପରାମର୍ଶ ଦେଲି ଓ ପୋଲିସ ଇନ୍‌ସପେକ୍ଟର ନିଜ ଅବିବେକିତା ସକାଶେ ଅନୁତପ୍ତ ହୋଇ ଦୁଃଖ ପ୍ରକାଶପୂର୍ବକ ନାରାୟଣ ନନ୍ଦଙ୍କୁ ସନ୍ତୁଷ୍ଟ କରିବାକୁ ଯେତେ କହିଲି କିଛି ଶୁଣିଲେ ନାହିଁ, ବରଂ ମୋ ସମ୍ମୁଖରେ ଆହୁରି ଅପମାନସୂଚକ କଥାମାନ କହି ଚାଲିଗଲେ । ପରଦିନ ନାରାୟଣ ନନ୍ଦ ମୋ ଅଦାଲତରେ ତାଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ଦାଏର କଲେ । ମୁଁ ନିଜେ ତଦନ୍ତ କରିବି ବୋଲି ରଖିଲି । ଉଦ୍ଦେଶ୍ୟ, ରଫା କରାଇଦେବି ।
(କ୍ରମଶଃ)

## ପର୍ଦ୍ଦା ପଛର କଥା
ଭାଗ-୨୮



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

### ॥ ଜୟ ଜଗନ୍ନାଥ ॥

ମର୍ଣ୍ଣ ସୋରେ ଏ ମନ ମାନେନା ରିଲିଜ୍ ହେଲା । କାରଣ ଆମର ଭୟ ଥିଲା କୋର୍ଟ ଖୋଲିବା ମାତ୍ରେ ରହିତାଦେଶ ଆଦେଶ ଆସିପାରେ । ମାତ୍ର ସେପରି କିଛି ହେଲାନାହିଁ । ପ୍ରିମିୟମ୍‌ରେ ପ୍ରଯୋଜକ ବିଜୟ କୁମାର ଆସିପାରିଲେ ନାହିଁ ଯଥା ସମୟରେ । ମୁଁ ଓ ଏନ୍.ପାଢ଼ୀ ନିର୍ଦ୍ଦେଶକ ଛିଡ଼ାହୋଇ ଅତିଥିମାନଙ୍କୁ ସ୍ୱାଗତ କଲୁ । ଅତିଥିମାନଙ୍କ ମଧ୍ୟରେ ଢେର୍ ପ୍ରଯୋଜକ, ସାମ୍ବାଦିକ କଟକର, ସେତେବେଳେ ହର ପଟ୍ଟନାୟକ 'ଆର୍ଯ୍ୟା'ର କାର୍ବନ୍ କପି ନିର୍ମାଣ କରୁଥାନ୍ତି । ପ୍ରସାଦ ପ୍ରଡକ୍ସନ୍ସର ପ୍ରଯୋଜନାରେ 'ପାଗଳ ପ୍ରେମୀ'ର ନିର୍ମାଣ ହୋଇଥାଏ । ଅବିକଳ ଫେସ୍ ଟୁ ଫେସ୍ । ଏପରିକି ମ୍ୟୁଜିକ୍ ଟ୍ରାକ୍ ମଧ ଅରିଜିନାଲ ଫିଲ୍ମ ଆର୍ଯ୍ୟାର । ପ୍ରଥମ କରି ସବ୍ୟସାଚୀ ନାୟକ ଭୂମିକାରେ । ହର ପଟ୍ଟନାୟକ ଏହି ଚଳଚ୍ଚିତ୍ରଟିକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରି ଦେଇଥାନ୍ତି । ପ୍ରସାଦ ପ୍ରଡକସନ ସହିତ ଆଇନଗତ ମତଭେଦ ସେତେବେଳେ ଓଲିଉଡ୍ ଇଣ୍ଡଷ୍ଟ୍ରିରେ ପ୍ରାୟ ଆଲୋଚନାର ବିଷୟ ପାଲଟି ଯାଇଥିଲା । ତେଣୁ ଅନେକ ଆସିଥାନ୍ତି 'ଏ ମନ ମାନେନା'କୁ ପରଖିବା ପାଇଁ ।

ତେବେ ସେହି ପ୍ରିମିୟରରୁ ହିଁ 'ଏ ମନ ମାନେନା'ର ସଫଳତା ସିଦ୍ଧି ହୋଇଗଲା । ସମସ୍ତେ ପ୍ରଶଂସା କଲେ । ଏନ୍.ପାଢ଼ୀ ଏହି ଚଳଚ୍ଚିତ୍ରରେ ଓଡ଼ିଶାରେ ଡେବ୍ୟୁ କରି ସଫଳତା ପାଇଲେ । ଗୋଟିଏ ବ୍ୟବସାୟିକ ଚଳଚ୍ଚିତ୍ରର ସଫଳ ସଂଳାପ ରଚୟିତାର ମାନ୍ୟତା ମତେ ମିଳିଗଲା ।

ଆଗରୁ କହିଛି 'ଏ ମନ ମାନେନା' ମୋ କ୍ୟାରିୟରର ଏକ ଟର୍ଣ୍ଣି ପଏଣ୍ଟ । ଓଡ଼ିଶାର ପ୍ରତ୍ୟେକ ସ୍ଥାନରୁ ଦର୍ଶକୀୟ ଆଦୃତି ମିଳିଲା । ତଥାପି ଅତ୍ୟଧିକ ଭାବରେ ବ୍ୟୟ ବହୁଳ ହୋଇଥିବାରୁ ପ୍ରଯୋଜକଙ୍କୁ କିଛିଟା କ୍ଷତି ସହିବାକୁ ପଡ଼ିଲା ବୋଲି ବିଜୟ କୁମାର ସ୍ୱୀକାର କରନ୍ତି । ତଥାପି ବହୁ ଘାତ ପ୍ରତିଘାତ ମଧ୍ୟରେ ଚଳଚ୍ଚିତ୍ରଟିର ସଫଳତା ଆମକୁ ଏକ ଆତ୍ମିକ ଆନନ୍ଦ ପ୍ରଦାନ କରିଥାଏ ।

ସେହି ୨୦୦୭ ମସିହାରେ ମୋର ଅନ୍ୟ ଗୋଟିଏ ଚଳଚ୍ଚିତ୍ର 'ଜୟ ଜଗନ୍ନାଥ' ମୁକ୍ତି ଲାଭ କଲା ଜୁଲାଇ ୧୩ ତାରିଖରେ ସମଗ୍ର ଭାରତବର୍ଷରେ ୧୩ଟି ଭାଷାରେ । ପ୍ରଖ୍ୟାତ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର (ସବ୍ୟଦା)ଙ୍କର ଜୟ ଜଗନ୍ନାଥ ଡ୍ରିମ୍ ପ୍ରୋଜେକ୍ଟ । ଏହାର ପ୍ରସ୍ତୁତି ୨୦୦୫ ମସିହାରୁ । ସବ୍ୟଦାଙ୍କ ସହ ବହୁବାର ଆଲୋଚନା । ଜଗନ୍ନାଥଙ୍କୁ ନେଇ ପୂର୍ବରୁ ଦୁଇଟି ଚଳଚ୍ଚିତ୍ର ନିର୍ମିତ ହୋଇ ବେଶ୍ ସଫଳତା ପାଇ ସାରିଥିଲା । ପ୍ରଥମ ଚଳଚ୍ଚିତ୍ରର ରିଲ୍ ସଂଗ୍ରହ କରି ତା'ର ସ୍କ୍ରିପ୍ଟ ସଂଗ୍ରହ କରିଗଲା । ଦ୍ୱିତୀୟଟି ବିଜୟ ଭାସ୍କରଙ୍କ ଦ୍ୱାରା ନିର୍ଦ୍ଦେଶିତ ଥିଲା ଯାହାକୁ ଆମେ ସମସ୍ତେ ପ୍ରାୟ ଦେଖିଥିଲୁ । ତେଣୁ ଆମ ଜଗନ୍ନାଥ କିପରି ଦୁଇଟିଯାକରୁ ଭିନ୍ନ ହେବ ସେହି ଚିନ୍ତାରେ ସବ୍ୟଦା ସର୍ବଦା ରହୁଥିଲେ । ମୁମ୍ବାଇର ହୀରା ବ୍ୟବସାୟୀ ତଥା ପ୍ରଯୋଜକ ଭାରତ ଶାହା ଚିଣ୍ଟୁଦାଙ୍କର ବନ୍ଧୁ । ଚଳଚ୍ଚିତ୍ର ନିର୍ମାଣ ପାଇଁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥାନ୍ତି ଭାରତ ଶାହା ।

ସ୍କ୍ରିପ୍ଟ ପ୍ରସ୍ତୁତି ଚାଲିଲା । ପ୍ରଥମେ ଚଳଚ୍ଚିତ୍ରଟିର ଶୀର୍ଷକ 'ଶ୍ରୀୟା ଚଣ୍ଡାଳୁଣୀ' ରହିବାକୁ ସ୍ଥିର କରାଯାଇଥିଲେ ହେଁ ପରବର୍ତ୍ତୀ କାଳରେ ତାହାକୁ ପରବର୍ତ୍ତନ କରାଯାଇ 'ଜୟ ଜଗନ୍ନାଥ' ରଖାଗଲା । ମୂଳ କଥାବସ୍ତୁର ପରିବର୍ତ୍ତନ କରାଯାଇ ନାରଦଙ୍କୁ ଏକ ବୈପ୍ଳବିକ ଚେତନାର ବାର୍ତ୍ତାବହ ଭାବରେ ଚିତ୍ରଣ କରାଗଲା । ଅସ୍ପୃଶ୍ୟତା ତଥା ଜାତିଭେଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ନାରଦ । ଓଡ଼ିଶାରେ ନାରଦ ଭୂମିକା ପାଇଁ ଦେବାଶିଷ ପାତ୍ର, ଜଗନ୍ନାଥ ଓ ବଳଭଦ୍ର ଭୂମିକାରେ ଯଥାକ୍ରମେ ଶ୍ରୀତମ ଓ ପିଣ୍ଟୁ ନନ୍ଦ ଅଭିନୟ କରିଥିଲେ । ମା' ଲକ୍ଷ୍ମୀଙ୍କ ଭୂମିକାରେ ଜ୍ୟୋତି ମିଶ୍ର ଏବଂ ଶ୍ରୀୟା ଚଣ୍ଡାଳୁଣୀ ଭାବରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶିଳାଲିପି ପରିଡ଼ାଙ୍କୁ ନିଆଯାଇଥିଲା । ଅନ୍ୟାନ୍ୟଙ୍କ ମଧ୍ୟରେ ସାଧୁ ମେହେର, ପ୍ରଦ୍ୟୁମ୍ନ ଲେଙ୍କା, ରାମ ପ୍ରତିହାରୀ, ହର ପଟ୍ଟନାୟକଙ୍କ ଭଳି ଓଡ଼ିଆ ଅଭିନେତାଙ୍କ ସହ ହିନ୍ଦି ଟେଲି ଓ ଚଳଚ୍ଚିତ୍ର ଜଗତର କଛି ଅଭିନେତାଙ୍କୁ କାଷ୍ଟ କରାଯାଇଥିଲା ।

ପୁରୀ ଓ ଅନ୍ୟାନ୍ୟ ସ୍ଥାନରେ ସ୍ଥାନ, କାଳ ଓ ପରିବେଶ ଅନୁଯାୟୀ ସେଟ୍ ପ୍ରସ୍ତୁତ କରାଯାଇଥିଲା । ପୁରୁଣା ମନ୍ଦିର, ମଲ୍‌କୁ ବ୍ୟବହାର କରାଯାଇଥିଲା । ସମୟ ଅନୁସାରେ ଚିତ୍ରଣ କରିବା ପାଇଁ ସବ୍ୟଦା ପୁରା ଦମ୍‌ରେ ଲାଗି ପଡ଼ିଥିଲେ । କୌଣସି ପରିସ୍ଥିତିରେ କମ୍ପ୍ରୋମାଇଜ କରାଯାଇ ନଥିଲା । ପୁରୀ ସୁଟିଂ କାଳରେ ଦୁଇଥର ମୁଁ ସୁଟିଂ ସେଟ୍‌କୁ ଯାଇଥିଲି । ଏକାଦି କ୍ରମେ ହିନ୍ଦୀ ଓ ଓଡ଼ିଆ ଭାଷାରେ ସୁଟିଂ କରାଯାଉଥିଲା । ହିନ୍ଦି ସଂଳାପ ହିନ୍ଦି ଚଳଚ୍ଚିତ୍ର ଓ ଟେଲିଜଗତର ବିଖ୍ୟାତ ସଂଳାପକର ଅଭିଳାଷ ରଚନା କରିଥିଲେ । ଏହି ଚଳଚ୍ଚିତ୍ରର ସଂଳାପ ରଚନା ମୋ ପାଇଁ ଚ୍ୟାଲେଞ୍ଜ ଥିଲା । କାରଣ ଏଥିରେ ଦୁଇ ପ୍ରକାର ଚରିତ୍ରଙ୍କ ପାଇଁ ମତେ ସଂଳାପ ରଚନା କରିବାକୁ ପଡ଼ିଥିଲା । ଦୈବ ଚରିତ୍ର ଓ ସାଧାରଣ ମାନବୀୟ ଚରିତ୍ର । ପୁଣି ପ୍ରାଚୀନ କାଳ ଓ ପୁରୀର ଲୌକିକ ସଂଳାପକୁ ପ୍ରୟୋଗ କରିବାକୁ ପଡ଼ିଥିଲା । ସବ୍ୟଦାଙ୍କ ସହ ଯଦିଓ ପୂର୍ବରୁ କାମ କରିଥିଲି ତଥାପି 'ଜୟ ଜଗନ୍ନାଥ'ର ସଂଳାପ ରଚନା ମୋ ପାଇଁ ପରୀକ୍ଷାର ବିଷୟ ଥିଲା । ସେତେବେଳେ ମୁଁ ସଂପୂର୍ଣ୍ଣ ଭାବରେ ଶାକାହାରୀ ଥିଲି ଓ ରୀତିମତ୍ ପ୍ରବଚନ ଦେଉଥିଲି । ସବ୍ୟଦା ଏସବୁ ଦୃଷ୍ଟିରୁ ମତେ ଏହି ଚଳଚ୍ଚିତ୍ରର ସଂଳାପ ଲେଖିବାର ଦାୟିତ୍ୱ ପ୍ରଦାନ କରିଥିଲେ । ଜୟ ଜଗନ୍ନାଥ ଚଳଚ୍ଚିତ୍ର ସୁଟିଂ ସମୟରେ ପ୍ରତ୍ୟେକ କଳାକାର ଓ ଟେକ୍ନିସିଆନ୍ ସଂପୂର୍ଣ୍ଣ ଭାବରେ ନିରାମିଶାଷୀ ଥିଲେ । ନିଷ୍ଠାର ସହ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଉଥିଲା ।

ଏହି ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେବାପାଇଁ ଖୋକା ଭାଇଙ୍କୁ ସବ୍ୟଦା ସ୍ଥିର କଲେ । ଏହା ପୂର୍ବରୁ ବିଜୟ ଭାସ୍କର ଶ୍ରୀ ଜଗନ୍ନାଥ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇଥାନ୍ତି । ତାଙ୍କ ଭଳି ଅନୁଭବୀ ସଂଗୀତ ନିର୍ଦ୍ଦେଶକ ହିଁ ଜୟ ଜଗନ୍ନାଥ ପାଇଁ ଯୋଗ୍ୟବ୍ୟକ୍ତି ବୋଲି ସବ୍ୟଦା ସ୍ଥିର କରି ନେଇଥିଲେ ।

ଖୋକାଭାଇଙ୍କୁ ଆମେ ଦେଖା କଲୁ କଟକସ୍ଥିତ ତାଙ୍କ ବାସଭଵନରେ । ଅନେକ ଦିନ ପରେ ମତେ ଦେଖି ଚିହ୍ନି ପାରିଲେ । ଗୀତର ସିକ୍ୟୁଏନ୍ସ ଅନୁଯାୟୀ ଖୋକାଭାଇ ଟ୍ୟୁନ୍ ଆରମ୍ଭ କରିଦେଲେ । (କ୍ରମଶଃ)

## କବିତା.... ଆମ ସମୟର

**● ସଂଯୁକ୍ତା ଦାଶ**



### ॥ ଡିସେମ୍ବର ୧୩ ॥

ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ
ସାହିତ୍ୟର ଏନ୍ତୁଡ଼ିଶାଳରେ
ଗର୍ଭ ବେଦନାରେ ସଦା ଜରଜର
କେତେ କାବ୍ୟ କବିତାର ଭୂମିଷ୍ଠ ହେବାର
ଅମୃତ ଲଗ୍ନକୁ
କେତେ ନାୟକ ନାୟିକାର
କୁଆଁ କୁଆଁ କାନ୍ଦକୁ
କେବେ ଛାତି ପଞ୍ଜରାରେ, କେବେ ହୃଦ
ସ୍ପନ୍ଦନରେ ସାଇତି, କେବେ ଲୁହ କୋହ
ଅନ୍ତର୍ଦାହରେ ସାଉଁଟି
କେବେ ଲଳିତ ଧ୍ରୁପଦୀରେ
କେବେ ଉତ୍ତରିତ ସପ୍ତସ୍ୱରୀରେ
କେବେ ମହାକାଳକୁ ମୁହୂର୍ତ୍ତିଟିଏ ମାଗିବାର
ବଶମ୍ବଦ ମୁଦ୍ରାରେ ତ ଆଉ କେବେ
ମୃତ୍ୟୁକୁ ଅମୃତ ପ୍ରେମର ମନ୍ତ୍ର ଶୁଣାଉଥିବା
ସେଇ ସାରସ୍ୱତ ଭୀଷ୍ମ ପିତାମହଙ୍କର
ଆଜି ଶୁଭ ସ୍ୱନକ୍ଷତ୍ର !

ଜୀବନ ଯାହାର ପ୍ରୟୋଗଶାଳା
ଅନିର୍ବଚନୀୟ କାଳାତୀତ ପ୍ରେମର
ଆୟୁଷ ଯା'ର ଉଦଗ୍ରୀବ ବାହୁଟିଏ
ଅନ୍ତରୀକ୍ଷକୁ ପ୍ରଦକ୍ଷିଣ କରୁଥାଏ ଚିରକାଳ
ଆଶା ଯାହାର ଅଶାନ୍ତ ସମୁଦ୍ର
ଅପେକ୍ଷାରେ ଏବେବି
ସେଇ ଅପ୍ରାପ୍ତ କାବ୍ୟ ପ୍ରତିମାର
ଯନ୍ତ୍ରଣା ଯାହାର ସୃଜନର ମନ୍ତ୍ର
ସେ ଯେ ଚଳନ୍ତି ପ୍ରତିଶ୍ରୁତି ଅନନ୍ତ ସମ୍ଭାବନାର

ଶୂନ୍ୟତାରେ ପୂର୍ଣ୍ଣତାକୁ
ଅପ୍ରାପ୍ତି ମଧ୍ୟରେ ପ୍ରାପ୍ତିର ଅଷ୍ଟ ଐଶ୍ୱର୍ଯ୍ୟକୁ
ସନ୍ନ୍ୟାସ ଭିତରେ
ସାରା ସଂସାରକୁ କଳ୍ପନା କରୁଥିବା
ପ୍ରିୟତମ କବିଙ୍କର
ଅଖଣ୍ଡ ଆୟୁଷ ଆଜି ଭିକ୍ଷା କରେ
ଏ ସଚରାଚର ।

(ବରେଣ୍ୟ କବି ରମାକାନ୍ତ ରଥଙ୍କ ପୂଣ୍ୟ ଜନ୍ମତିଥିରେ)

♥ ୧୬୭ ଗଜପତି ନଗର, ଭୁବନେଶ୍ୱର
(ମୋ)୮୪୨୦୮୯୬୫୪୬

**● ଅଶ୍ୱିନୀ ସୂତାର**



### ॥ ଶୀତ ॥

ମୁଁ ଜାଣିଚି ଗଲା ବର୍ଷ ପରି
ଏ ବର୍ଷ ମଧ ତମେ ମତେ
ଅସ୍ଥିର କରିବ
ଦେଇ ଯିବ ଅନେକ ରୋମାଂଚ
ଭରି ଦେବ ଯାବତୀୟ
ସ୍ମୃତିରେ ଜୀବନ

ତମେ ପ୍ରେମିକାର ଆଖି ପରି
ଯେତିକି ଲୋଭନୀୟ
ସେତିକି ଛଳନାମୟ
ପ୍ରେମ ପରି ଯେତିକି ସୁଖମୟ
ସେତିକି ବି ଯନ୍ତ୍ରଣା ଦାୟକ

ସେ ଯନ୍ତ୍ରଣାରେ ସୁଖଟିଏ
ଲୁଚିଥାଏ ବୋଲି
ତୁମକୁ କୋଳେଇନିଏ
ସ୍ୱେଟର୍ ଚାଦର ଭିତରେ
ସେ ଛଳନାରେ ଲୁଚିଥାଏ
ଭଲପାଇବାର ଝଲକଟିଏ ବୋଲି
ଲୁଟି ନେଇଥାଏ ତୁମ ଆଶ୍ଳେଷକୁ
ଅକ୍ଳେଶରେ ।

ଶୀତ
ହବ ତ ଏଥର
ବାଣ୍ଟି ଦେଇ ଯାଅ କିଛି
ଦରଦୀ ଓଠରେ
ଶିଶିରଭିଜା ହସ

ଶୀତ
ହବ ତ ଏଥର
ଲିଭେଇ ଦେଇ ଯାଅ
କିଛି ଅଭିଶପ୍ତ ଆଖିରୁ
ଟୋପେ ଦୁଇ ଟୋପା ତତଲା ଲୁହ ।

♥ ୭, ଶାନ୍ତି ବିହାର, ପଟିଆ, ଭୁବନେଶ୍ୱର
(ମୋ) ୯୪୩୭୦୦୮୩୪୧

**● ଜ୍ଞାନେନ୍ଦ୍ର ପଣ୍ଡା**



### ॥ ନକ୍ଷତ୍ରର ଲୁହ ॥

ତୁମେ ମୋତେ ଦିଶୁଛ
ଏ ସାରା ଆକାଶ ବ୍ରହ୍ମାଣ୍ଡ
ତୁମ ବାସ୍ନାୟିତ ଆଭାରେ
ଦିନ ରାତି ଧରି ଝଲସୁଛି
ଏ ପୃଥିବୀ ।

ମୁଁ
ଆଜନ୍ମ ବାମନଟିଏ,
ଛୁଇଁ ପାରେନାହିଁ
ନିଷ୍ପାପ ଆଶାର ଚନ୍ଦ୍ରକୁ
କୁହ ତୁମକୁ କେମିତି
ଛୁଇଁବି ??

ଖାତାରେ ପାପ ପୁଣ୍ୟ
କିଛି ବି ଲେଖି ରଖିପାର,
ମୋ ଭିତର ଅସ୍ତିତ୍ୱରେ ଥିବା
ସୀମାହୀନ କାଙ୍ଗାଳପଣ ପରି
ଏ ସବୁ ମଧ ଭୁଲିଯିବି,

ହଁ ଯଦି
କେବେ ତୁମେ ରାଜଗାଦି ଛାଡ଼ି
ସଙ୍ଖୋଳିବାକୁ ଚାଲିଆସ
ଏ ଯାଯାବରକୁ

ଆସ୍ୱର୍ଦ୍ଧାରେ ତୁମ ସହ ମିଶିଯିବି ।

♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର
ମୋ: ୯୮୬୧୧୧୬୩୮୦

**ମୂଳ ହିଂଦୀ:କୁଁୱର୍ ନାରାୟଣ୍ | ଅନୁସୃଜନ- ଡ. ପ୍ରସନ୍ନ କୁମାର ମହାନ୍ତି**



### ॥ କବିତା କାହିଁକି ॥

ବହୁତ କିଛି ଦେଇପାରେ କବିତା
କାରଣ ଜୀବନରେ
କବିତା ବହୁତ କିଛି ହୋଇପାରେ
ଯଦି ଆମେ ତାକୁ ଟିକେ ଜାଗା ଦେଉ;
ଯେମିତି ଫୁଲକୁ ଜାଗାଦିଏ ଗଛ
ଯେମିତି ତାରାକୁ ଜାଗାଦିଏ ରାତି ।

ଆମ ଭିତରେ ଆମେ କବିତା ଲାଗି
କେଉଁଠି କେଉଁ କୋଣରେ
ଏମିତି ଟିକେ ଜାଗାବାଛି ରଖିପାରିବା
ଯେଉଁଠାରେ କି ମାଟି ଓ ଆକାଶ
ଏବଂ ମଣିଷ ଓ ଈଶ୍ୱରଂକ ମଧ୍ୟରେ
ଦୂରତା ଥିବ ଏକ୍‌ଦମ୍ ଅଳ୍ପ ।

ତେବେ ଜଣେ ଯଦି ଚାହେ
ସେ ନିତାଂତ କବିତାରହିତ
ଜୀବନଟେ ମଧ୍ୟ ବଂଚିପାରେ;
ଯଦି ଚାହେ
ସେ କରିପାରେ କବିତା ବିହୀନ ପ୍ରେମ ।

♥ ଅମୃତଶ୍ରୁ
୩-ମହାଲକ୍ଷ୍ମୀ ନଗର, ଗ୍ୟାରେଜ୍ ଛକ,
ଭୁବନେଶ୍ୱର-୨

**● ସୁମିତା ବେହେରା**



### ॥ ଶବ୍ଦ ॥

କଦବା କେମିତି
ଫିଟି ପଡନ୍ତି ଶବ୍ଦମାନେ
ବିଞ୍ଛି ଯାଆନ୍ତି ବିକ୍ଷିପ୍ତ ହୋଇ ଅଗଣାରେ
ବଡ ଉଦବିଗ୍ନ ବି ସେମାନେ
ଯେବେ ବେଳ ବୁଡେ
ପଲ ପଲ ଅସୁରଙ୍କ ଭିଡରେ
ଆପଣା ଅସ୍ତିତ୍ୱକୁ ଖୋଜି ଖୋଜି
ପ୍ରଶ୍ନ ହୋଇଯାଆନ୍ତି ଆପଣା ଛାତିରେ ।

ଶବ୍ଦ ଏବେ ଶୋଇ ପଡିଲେଣି ନିଘୋଡ ନିଦରେ
ସେମାନେ ବି ଯୋଗାଡ କରିନେଲେଣି ସ୍ଥାନ
ଚାହିଦା ମାପରେ
ଗଢି ଶୋକ, ଉଚ୍ଛ୍ୱାସ, ବିଦ୍ରୋହ, ସାଲିସ
କଜ୍ଜଳ ମଖା ଆଖିରେ ।

ସବୁ ଶୂନ୍ୟସ୍ଥାନ ପୂରିଯାଏ
ଛୁଇଁ ଦେଲେ କେତୋଟି ଛୋଟ ଛୋଟ ଶବ୍ଦ
ସଯତ୍ନରେ ଗଢା ହୁଏ ନାନାବିଧ ଅଭିଳାଷ
କିଛି ଲୁଚିଯାଏ ଆଢୁଆଳେ
ଆଉ କିଛି ହିସାବର ସିନ୍ଧୁରେ ବୁଡି
ଦେଖାଯାଏ ସଂଳାପର କେବଳ ବୁଦ୍‌ବୁଦ ।

ଏହିପରି କିଛି ଶବ୍ଦ କୁ ମୁଁ ଏକତ୍ରିତ କଲି
ତିଆରିଲି ସର୍ବଶେଷ ଛୁଆଁ ଦେଇ
ଅପରିକଳ୍ପିତ ଅଭିଳାଷ ସାଥେ
ମୋ ସାଥେ ଛନ୍ଦି ହେଲେ
ଛୁଇଁ ଛୁଇଁ ଗେଲ କଲେ
ନିକାଞ୍ଚନ ନିରୋଳା ସମୟେ
ତୋଫା ଜହ୍ନ ପରି ଚିକ୍ ଚିକ୍ କରି
କବିତାର ରୂପ ନେଇ
ଅଦୃଶ୍ୟରୁ ଦୃଶ୍ୟ ହୋଇ
ସୁଗନ୍ଧିତ ପୁଷ୍ପ ହୋଇ ମୋ ଓଠ ଚୁମିଲେ ।

♥ କଳିକାପୁର, ୱାର୍ଡ ନଂ-୨୪,
ବାରିପଦା, ମୟୂରଭଞ୍ଜ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୨ ଡିସେମ୍ବର, ୨୦୨୧

ପୃଷ୍ଠା ୪ ରବିବାର ଚିନ୍ତନ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୨୭)



■ ବିପିନ ମହାନ୍ତି


♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





### ॥ କିଏ ଲଗାଇଛି ନିଆଁ ॥

କୁହ ଗୋ' ଫଗୁଣ ଦେହରେ ତୁମର
କିଏ ଲଗାଇଛି ନିଆଁ,
ଠଓ ତଳୁ ତୁମ କୃଷ୍ଣଚୂଡ଼ାର
ରଙ୍ଗ ଦିଶୁନାହିଁ କିଆଁ ।

କଅଁଳିଲା ତୁମ ଯଉବନ ତଳେ
କାହିଁ ସେ ରୂପର ହାଟ,
କିଏ ସେ ଲୁଟିଲା କୁଆଁରୀ ସପନ
ଆଖିରୁ ଅସରା ବାଟ,
ତୁମେ ତ ଜଳୁଛ ଦୁନିଆ ଜଳୁଛି
ତୁମ ସାଥେ ପରା ଛାଆଁ ।

ଅଦିନ କୁହୁଡ଼ି ଜାଳିଦେଲା କିବା
ତୁମ ବଉଳିଲା ମନ,
କୋଇଲିର ସ୍ୱନ ହେଲାଣି ସପନ
ଇଏ କେଉଁ ଅଭିମାନ,
ଫଗୁଣ କି କ'ଣ ଉଜୁଡ଼ା ମନର
ଏକ ଉପେକ୍ଷିତ ନାଆଁ ।

## ■ ଆଲୋଚନା ■

# ଯୌନ ଶୋଷଣରେ ଶିଶୁ

### ସୁବ୍ରତ ପଟ୍ଟନାୟକ



କୋମଳମତି ଶିଶୁମାନଙ୍କୁ ଯୌନ ଶୋଷଣରୁ ରକ୍ଷା କରିବା ପାଇଁ ରହିଛି ଆଇନ୍। ଅପରାଧୀଙ୍କ ପ୍ରତି ରହିଛି କଠୋର ଦଣ୍ଡ ବିଧାନ। ୨୦୧୨ ମସିହାରୁ ସରକାର 'ପୋକ୍‌ସୋ' ବା ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ ଆଇନ୍ ଲାଗୁକଲେ। କମ୍ ବୟସର ଶିଶୁ କନ୍ୟାଙ୍କୁ ଯୌନ ଆକ୍ରମଣ କରାଗଲେ, 'ପୋକ୍‌ସୋ' ଅଦାଲତରେ ବିଚାର କରାଯିବ ଓ କମ୍ ବୟସ ମଧ୍ୟରେ ବିଚାର ଶେଷ ହେବ। ଅପରାଧର ଜଘନ୍ୟତା ଅନୁଯାୟୀ ଦୋଷୀକୁ ୧୦ବର୍ଷ କିମ୍ବା ଆଜୀବନ କିମ୍ବା ମୃତ୍ୟୁଦଣ୍ଡ ଦିଆଯାଇପାରେ। ଆଶା କରାଗଲା, 'ପୋକ୍‌ସୋ' ଆଇନ୍ ଲାଗୁ ହେବାପରେ ଶିଶୁଙ୍କ ପ୍ରତି ଯୌନ ଶୋଷଣ କମିବ। ମାତ୍ର ଦେଖାଗଲା, ତାହା ବଢ଼ିଲା ପଛେ, କମିଲା ନାହିଁ। ଏହାର କାରଣ କଣ ?

କେତୋଟି ଉଦାହରଣ ଦେଇ ଆଲୋଚନା ଆରମ୍ଭ କରିବା। ଭଦ୍ରକ ଜିଲ୍ଲାର ଷଷ୍ଠ ଶ୍ରେଣୀର ଛାତ୍ରୀ, ବୟସ-୧୨। ସ୍କୁଲ ୟୁନିଫର୍ମ ବଂଟନ ସମୟରେ ଜଣେ ଶିକ୍ଷକ ଛାତ୍ରୀର ଫ୍ରକ୍ ଉପରେ ଥରକୁ ଥର ହାତ ବୁଲାଇଲେ। ଠିକ୍ ସେହିଭଳି ପୁରୀର ଏକ ପ୍ରସିଦ୍ଧ ମନ୍ଦିରରେ ଜଣେ ପୂଜକ ପଡ଼ୋଶୀ ରାଜ୍ୟର ଜଣେ ତେର ବର୍ଷୀୟା ଝିଅ କପାଳରେ ଚନ୍ଦନ ଟିପା ଦେବା ବାହାନାରେ ଡ୍ରେସ୍ ଉପରେ ଟିପ ମାରିଥିଲେ। ଏ ଦୁଇଟି ଯାକ ଘଟଣା ଥାନାର ଦାଏର୍ ହୋଇଥିଲା। କେବଳ ଯେ ଓଡ଼ିଶାରେ ଏଭଳି ଘଟୁଛି ତା ନୁହେଁ, ଅନ୍ୟ ରାଜ୍ୟରେ ବି ଘଟୁଛି।

୨୦୧୬ ମସିହା ଡିସେମ୍ବର ୧୬ ତାରିଖରେ ମୁମ୍ବାଇରେ ଜଣେ ୧୨ ବର୍ଷୀୟା ଝିଅର ଫ୍ରକ୍ ଉପରେ ଜଣେ ୪୦ ବର୍ଷୀୟ ଯୁବକ ହସ୍ତଚାଳନା କରିଥିଲା। ଡ୍ରେସ୍ ଉପରୁ ଝିଅର ସମ୍ବେଦନଶୀଳ ଅଙ୍ଗକୁ ଛୁଇଁଥିଲା। ୨୦୨୧ ଜାନୁଆରି ମାସରେ ବମ୍ବେ ହାଇକୋର୍ଟ ମାମଲାର ରାୟ ଘୋଷଣା କରିଥିଲେ। ହାଇକୋର୍ଟର ନାଗପୁର ବେଂଚ ମୁଖ୍ୟ ବିଚାରପତି ପୁଷ୍ପା ଗାଡ଼େନିୱାଲା ରାୟ ଦେଇଥିଲେ ଯେ- ଅଭିଯୁକ୍ତ ବ୍ୟକ୍ତି ପୀଡ଼ିତାର ଗୁପ୍ତ ଅଙ୍ଗକୁ 'ସ୍କିନ୍-ଟୁ-ସ୍କିନ୍ ଟଚ୍' ବା 'ଚର୍ମ ସହିତ ଚର୍ମ ସଂସ୍ପର୍ଶ' କରିନାହାନ୍ତି। ତେଣୁ ଏହାକୁ 'ବଡି ଟଚ୍' ବା 'ଦୈହିକ ସ୍ପର୍ଶ' ଭାବେ ଗ୍ରହଣ କରାଯିବ ନାହିଁ। ମାମଲାକୁ 'ପୋକ୍‌ସୋ' ଆଇନରୁ ବାଦ୍ ଦିଆଗଲା। ଅପରାଧ ମାମଲାରେ ଭାରତରେ ଆଇପିସି ବା ଇଣ୍ଡିଆନ୍ ପେନାଲ୍ କୋଡ୍ ଓ ସିଆରପିସି ବା କ୍ରିମିନାଲ ପେନାଲ୍ କୋଡ୍ ରହିଛି। ଏହି ଦୁଇଟି ଆଇନ୍ ମଧ୍ୟରୁ ଆଇପିସି ଧାରାଗୁଡ଼ିକ ଅପେକ୍ଷାକୃତ କୋହଳ। ବିଚାରପତି ପୁଷ୍ପାଙ୍କ ମତରେ ଅପରାଧୀ ପ୍ରତି 'ପୋକ୍‌ସୋ' ବଦଳରେ 'ଆଇପିସି' ଧାରା ଲାଗୁ ହୋଇପାରେ। ଭଦ୍ରକ ଓ ପୁରୀ ଘଟଣାର ରାୟ ଏବେ ବିଚାରଧୀନ।

ମାତ୍ର, ବମ୍ବେ ହାଇକୋର୍ଟର ରାୟକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ୨୦୨୧ ନଭେମ୍ବର ୧୮ ତାରିଖରେ ସୁପ୍ରିମକୋର୍ଟ ୫୩ ପୃଷ୍ଠାର ବିବରଣୀରେ ଦର୍ଶାଇଛନ୍ତି- ବାଳିକାର ଶରୀର ପୋଷାକ ଦ୍ୱାରା ଆବୃତ ହୋଇଥିଲେ ହେଁ, ଅପରାଧୀର ଉଦ୍ଦେଶ୍ୟ ସ୍ପଷ୍ଟ। ସ୍କିନ୍-ଟୁ-ସ୍କିନ୍ ଟଚ୍ ହୋଇନଥିଲେ ହେଁ, ଏହା 'ସେକ୍ସୁଆଲ୍ ଆସଲ୍ଟ' ବା 'ଯୌନ ଆକ୍ରମଣ'। ପୋକ୍‌ସୋ ଆଇନର ଧାରା-୭ ଅନୁସାରେ ଯୌନ ଉଦ୍ଦେଶ୍ୟ ରଖି ଯେଭଳି ଉପାୟରେ ସ୍ପର୍ଶ କଲେ ବି ଏହାକୁ 'ଯୌନ ଆକ୍ରମଣ ଭାବେ ଧରାଯିବ। ଚର୍ମ ସଂସ୍ପର୍ଶରେ କେବଳ ଏକମାତ୍ର 'ପ୍ରମାଣ' ଭାବେ ମାନିଲେ, ଅପରାଧୀ ବି ସହଜରେ ଖସି ଯାଇପାରିବେ। ଏଭଳି ଅପରାଧରୁ ବର୍ତ୍ତିବା ପାଇଁ ଅପରାଧୀ ଗ୍ଲୋବସ୍ କିମ୍ବା କଣ୍ଡୋମ ଆଦି ବ୍ୟବହାର କରିପାରିବେ। ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଭାବେ ସୂଚାଇଛନ୍ତି- ଶିଶୁ କନ୍ୟାର ଗୁପ୍ତ ଅଙ୍ଗ, ଜଂଘ, ବକ୍ଷ ଆଦିକୁ ପୋଷାକ ସହିତ ଛୁଇଁଲେ 'ପୋକ୍‌ସୋ' ଆଇନର ଧାରା ଲାଗୁହେବ। ସେହିଭଳି ପୁରୁଷର ଯୌନାଙ୍ଗକୁ ପୋଷାକ ଉପରେ ଶିଶୁ/କନ୍ୟା ଦ୍ୱାରା ଛୁଆଁ କରାଇଲେ ବି ସମାନ ଧରଣର ଅପରାଧ ହେବ। ଶିଶୁ କନ୍ୟା ସହିତ ରତିକ୍ରୀୟା କରାନଯାଇ ଯୌନ ଉଦ୍ଦେଶ୍ୟରେ ଆଲିଙ୍ଗନ, ଚୁଂବନ ଆଦିକୁ ମଧ୍ୟ ଗୁରୁତର ଅପରାଧ ଧରାଯିବ। ପୁଷ୍ପା ଜଣେ ମହିଳା ହୋଇ କେମିତି ଏତେ କୋହଳ ରାୟ ପ୍ରଦାନ କଲେ, ସେଥିରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କାରଣରୁ, ସୁପ୍ରିମକୋର୍ଟର କଲେଜିୟମ ପୁଷ୍ପାଙ୍କୁ ଅତିରିକ୍ତ ବିଚାରପତିରୁ ପଦୋନ୍ନତି ଦେବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛନ୍ତି।

ପ୍ରଶ୍ନ ଉଠେ ଯେ- ଯୌନ ଉଦ୍ଦେଶ୍ୟ ରଖି ଅପରାଧୀ ଶିଶୁକୁ ସ୍ପର୍ଶ କରିଛି କି ନା, ତାହା ନିର୍ଣ୍ଣୟ କରିବା କାଠିକର ପାଠ। ଜଣେ ପ୍ରୌଢ଼ ବ୍ୟକ୍ତି ଯଦି ଜଣେ ଯୁବତୀର ପିଠି ଆପୁଡ଼ାଇ ଥାନ୍ତି, ତାହା 'ଗୁଡ୍ ଟଚ୍' ନା 'ବ୍ୟାଡ୍ ଟଚ୍' କୁହାଯିବ ? ଏ କ୍ଷେତ୍ରରେ ପ୍ରୌଢ଼ ବ୍ୟକ୍ତିର ଯୌନ ଉଦ୍ଦେଶ୍ୟ ନିର୍ଦ୍ଧାରଣ କରାଯିବ କିପରି ? ତାର ମାପକାଠି କଣ ? ଏହା ଏକ ଜଟିଳ ପ୍ରଶ୍ନ। ହୁଏତ ପୁଷ୍ପା ଦ୍ୱନ୍ଦ୍ୱରେ ପଡ଼ି ଏଭଳି ରାୟ ଦେଇଥାଇପାରନ୍ତି। ତେବେ, ଆମକୁ ସୁପ୍ରିମକୋର୍ଟ ରାୟ ମାନିନେବାକୁ ପଡ଼ିବ।

କେବଳ ଯେ ପ୍ରମାଣ ଅଭାବରୁ ଅପରାଧୀ ଖସି ଯାଉଛନ୍ତି ତା ନୁହେଁ, ଅନେକ କ୍ଷେତ୍ରରେ ପୀଡ଼ିତାର ସମ୍ପର୍କୀୟ ଘଟାଉଛନ୍ତି ଏଭଳି ଅପରାଧ। ଜାତୀୟ ଚାଇଲଡ୍ ୱେଲ୍‌ଫେୟାର କମିସନ ବା ସିଡବ୍ଲ୍ୟୁସି ନିକଟରେ ଯେତିକି ଶିଶୁ ଯୌନ ଶୋଷଣର ଅଭିଯୋଗ ହୋଇଛି, ସେଥିରୁ ପ୍ରାୟ ୯୦ ପ୍ରତିଶତ ପୀଡ଼ିତାର ଚିହ୍ନା ପରିଚିତ। ପାରିବାରିକ ମର୍ଯ୍ୟାଦାହାନି କିମ୍ବା ଲୋକଲଜ୍ଜ୍ୟା କାରଣରୁ ଅଭିଯୁକ୍ତଙ୍କ ବିରୋଧରେ ଠୋସ୍ ପ୍ରମାଣ ଦିଆଯାଏନାହିଁ। କେତେକ କ୍ଷେତ୍ରରେ କର୍ମକ୍ଷେତ୍ରକୁ ଯାଉଥିବା କିମ୍ବା ମୂଲ ମଜୁରୀ ଲାଗୁଥିବା ବାପା ମାଆ ଛୋଟ ଛୁଆଙ୍କୁ ଅନ୍ୟ ହେପାଜତରେ ଛାଡ଼ି ଦିଅନ୍ତି। ଏ କ୍ଷେତ୍ରରେ ଯୌନ ଶୋଷଣ ହେଲେ ପିତାମାତା ନାଚାର କିମ୍ବା ଉପାୟଶୂନ୍ୟ। କରୋନା ସମୟରେ ଶିଶୁମାନଙ୍କୁ ଅନ୍‌ଲାଇନରେ ପାଠ ପଢ଼ାଗଲା। ପିଲାଏ ଇଣ୍ଟରନେଟ୍ ସୁବିଧା ଥିବା ଦାମୀ ମୋବାଇଲ ଧରିଲେ। କୌତୁହଳ ହୋଇ କେତେକ ପିଲା ଅଶ୍ଳୀଳ ଚଳଚ୍ଚିତ୍ର ଦେଖିଲେ। 'ଚିହ୍ନା ଅଚିହ୍ନା' ବ୍ୟକ୍ତି ସହିତ ଫେସବୁକରେ ଫଟୋ ସେୟାର ଓ ଚାଟିଂ କଲେ। ଫ୍ରେଣ୍ଡସିପରୁ ଆରମ୍ଭ ହେଲା ବ୍ଲାକମେଲିଂ। ଶିଶୁମାନଙ୍କୁ ଏକୁଟିଆ ଡ୍ୟାନସ କ୍ଲାସ, ସୁଇମିଂ ପୁଲ୍, ଜିମ୍ କିମ୍ବା ବିଉଟି ପାର୍ଲର ଆଦିକୁ ଛାଡ଼ିବା ଠିକ୍ ନୁହେଁ। ସରଳ ବିଶ୍ୱାସରେ ଶିଶୁମାନଙ୍କୁ ଏକୁଟିଆ ଛାଡ଼ିଦେବା ହୁଏତ ବେଳେବେଳେ ସର୍ବନାଶ ହୋଇପାରେ। ପୁଲିସ୍ କିମ୍ବା ଆଇନ୍ ଅଛି ବୋଲି ପିତାମାତା ବେପରୱା ହେବା ଉଚିତ୍ ନୁହେଁ। ପୁରୁଷମାନଙ୍କ ଅପେକ୍ଷା ମହିଳାଗଣ ଅଧିକ ସତର୍କ ରହିବା ଆବଶ୍ୟକ। ଓଡ଼ିଶାରେ ହଜାର ହଜାର ଶିଶୁ ନିଖୋଜ ହୋଇଯିବା ଘୋର ଚିନ୍ତାର କାରଣ। ଏହି ଶିଶୁଗଣ ଯେ ଯୌନ ଶୋଷଣର ଶିକାର ହେଉନଥିବେ, ତାହା କହିହେବ ନାହିଁ। ପୁଅ ହେଉ ବା ଝିଅ ହେଉ, ଶିଶୁକୁ ସୁରକ୍ଷିତ ରଖିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ। ଏ ଦିଗରେ ଆମେ ସଚେତନ ହେଲେ କ୍ଷତି କଣ ?


♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪


## ଧାରାବାହିକ ଉପନ୍ୟାସ

# ରାଜନୀତି

**ସୃଷ୍ଟିଧର ପରିଡା**


♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୫
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମୌସୁମୀର ଅନୁଭବି ମନ ଜାଣିପାରିଥିଲା ବିଜୟାନନ୍ଦ ବାବୁଙ୍କ ଆଖି ଭିତରେ ଲୁଚି ରହିଥିବା ଅବ୍ୟକ୍ତ ଅଭିବ୍ୟକ୍ତିକୁ । ଆଗଭଳି ତାକୁ ଆଉ ବିରକ୍ତ ଲାଗୁନଥିଲା । ବରଂ ଭାବୁଥିଲା ବୁଝି ନବୁଝିବାର ଛଳନା କରିଚାଲିଲେ ବରଂ ଦୁହିଁଙ୍କର ଫାଇଦା । ସେ ଜାଣେ, ଯିବାକୁ ମନାକଲେ ତା' କଥା ରହିବନି । ଭୁବନେଶ୍ୱରରେ ରହି ଓମ୍‌ଙ୍କ ସହ କଳି କରିବାକୁ କି ଅଭିମାନ କରିବା ସପକ୍ଷରେ ନଥିଲେ ମୌସୁମୀ । ପାଷାଣ ଆଗରେ ମୁଣ୍ଡ ବାଡେଇଲେ କାହାର ଫାଇଦା ?

ଉଭୟ ଯାଇ ପହଞ୍ଚିଥିଲେ ମନ୍ତ୍ରୀ ବିଜୟାନନ୍ଦ ବାବୁଙ୍କ ବାସଭବନରେ। ଖୁବ୍ ଗମ୍ଭୀର ଠାଣିରେ ବୈଠକ ଖାନାରେ ବସିଥାନ୍ତି ବିଜୟାନନ୍ଦବାବୁ । ସାମ୍ନାରେ ବସିଥିବା ପଦସ୍ଥ ଅଫିସରଙ୍କୁ ବିରକ୍ତି ପ୍ରକାଶ କରି କହୁଥାନ୍ତି "ୟୁ ଆର ଅଣ୍ଡର ମାଇ ଡିସପୋଜାଲ୍" ମୁଁ ତୁମକୁ ଯେଉଁକାମ କରିବାକୁ କହିଥିଲି ତାକୁ ତୁମେ କରିଛ ? ମୌସୁମୀ ଦେଖୁଥାଏ ବିଜୟାନନ୍ଦ ବାବୁଙ୍କର ଗର୍ବ ଓ ଅହଂକାରକୁ । କିପରି ତାହା ଅମାନିଆ ହୋଇ ପଦାକୁ ବାହାରି ଆସୁଛି । ଏସବୁକୁ ଦେଖି ମୌସୁମୀ ଭାବୁଥାଏ ଯେଉଁ ବ୍ୟକ୍ତିର ଗର୍ବ ଓ ଅହଂକାର ଶୀର୍ଷ ସୀମାରେ ପହଞ୍ଚିଯାଏ ତାର ପତନ ଅବଶ୍ୟମ୍ଭାବୀ । ବିଜୟାନନ୍ଦ ବାବୁ ସେହିଭଳି ଜଣେ ବ୍ୟକ୍ତିତ୍ୱ । ଦୁଇଜଣଙ୍କୁ ଦେଖି ସ୍ୱାଗତ କରିଥିଲେ ବିଜୟାନନ୍ଦ ବାବୁ । ସତେଯେମିତି ତାଙ୍କ ଭିତରେ ଖୁସି ଝଲସୁଥିଲା । ଆଗଭଳି ଆଉ ବିଚଳିତ ହେଲାନାହିଁ ମୌସୁମୀ । ନିଜ ଅସନ୍ତୋଷକୁ ସଂଯତ କରାଇ ନେଉଥିଲା ଅତି ଚତୁରତାର ସହିତ ।

ବିଜୟାନନ୍ଦଙ୍କ ସହ କଥା ହେଉହେଉ ଆସି ପହଞ୍ଚିଥିଲେ ଆଉ କେତେଜଣ ବିଧାୟକ ଓ ସହରର କିଛି ମାନ୍ୟଗଣ୍ୟ ବ୍ୟକ୍ତି। ମୌସୁମୀ ଆଶ୍ୱସ୍ତ ହେଲା, ଯାହାହେଉ କେବଳ ସେମାନେ ଦୁଇଜଣ ନୁହନ୍ତି ବରଂ ଆଉ କେତେଜଣ ତାଙ୍କ ଭଳି ନିମନ୍ତ୍ରିତ । ସେମାନଙ୍କ ଭିତରେ ଚାଲିଲା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା । ଏହି ଆଲୋଚନାରେ ମୌସୁମୀ ମଧ୍ୟ ଭାଗ ନେଉଥିଲା । ଆଲୋଚନା ଭିତରେ ସମୟ ଗଡୁଥିଲା କିନ୍ତୁ ଆଲୋଚନା ସରୁନାହିଁ । ରାତ୍ରୀଭୋଜନ ପୂର୍ବରୁ ସମସ୍ତେ କିଛି କିଛି ବିଦେଶୀ ପାନୀୟ ଉଦରସ୍ଥ କଲେଣି । ଓମ୍ ବି ସେମାନଙ୍କ ସହ ସାମିଲ୍ ।

ଏଣିକି ଅସ୍ଥିର ଲାଗୁଥିଲା ମୌସୁମୀକୁ । କାହିଁକି ଆସିଲା ସେ ଓମ୍ ସହିତ ? କି ଦୁର୍ବୁଦ୍ଧି ଜୁଟିଲା ତାକୁ ! ସେ ବାହାନା କରି ସେଠାରୁ ରୋଷେଇ ଘର ଭିତରକୁ ଉଠିଆସିଲା । ଦୁଇଜଣ ବୟସ୍କ ବ୍ୟକ୍ତି ରାତ୍ରୀଭୋଜନ ପ୍ରସ୍ତୁତ କରୁଥା'ନ୍ତି। ଠିଆହୋଇ ସେମାନଙ୍କ ସହ କଥାବାର୍ତ୍ତା କଲା ମୌସୁମୀ ।

ସମସ୍ତେ ନିଶାରେ ଟୁଳୁଟୁଳୁ ହେଉଥିବା ବେଳେ ବୈଠକଖାନାରୁ ଉଠି ଆସିଲେ ବିଜୟାନନ୍ଦ, ମୌସୁମୀ ପଛେପଛେ ।

ରୋଷେଇ ଘର ଦୁଆରମୁହଁରେ ମୌସୁମୀକୁ ଛିଡା ହୋଇଥିବାର ଦେଖି ବିଜୟାନନ୍ଦ କହିଥିଲେ- ଆରେ ସୁମି ! ତୁମେ ଏଠି ! ଭାବିଲି କୁଆଡେ ଗଲ ତୁମେ ! ଭଲ ହେଲା ତୁମେ ନିଜେ ରୋଷେଇ କଥା ବୁଝିବାକୁ ଉଠି ଆସିଛ। ଠିକ୍‌ଠାକ୍ ପ୍ରସ୍ତୁତି ଚାଲିଛି ତ ?

ବିଜୟାନନ୍ଦଙ୍କ ପାଟିରୁ 'ସୁମି' ସମ୍ବୋଧନରେ କିଛି ସମୟ ପାଇଁ ଅନ୍ୟମନସ୍କ ହୋଇ ପଡିଥିଲା ମୌସୁମୀ । ଏ ପ୍ରକାର ସମ୍ବୋଧନର ଅର୍ଥ କଣ ? ଏହା ତାର ପ୍ରିୟ ନାଁ ଏବଂ ଏ ନାଁ କେବଳ ଓମ୍‌ଙ୍କ ବ୍ୟବହାର ପାଇଁ । ଏଥିରେ ବିଜୟାନନ୍ଦଙ୍କ ଅନୁପ୍ରବେଶ କାହିଁକି ? ଭିତରେ ଭିତରେ ବିରକ୍ତିରେ ଶିହରି ଉଠିଥିଲା ମୌସୁମୀ । ସେ କେବଳ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା ବିଜୟାନନ୍ଦଙ୍କୁ । ବିଜୟାନନ୍ଦ ନବୁଝି ପାରିଲା ଭଳି ବେଶ୍ ସାବଲୀଳ ହସଟିଏ ହସିଥିଲେ । ମୌସୁମୀକୁ ଲାଗିଲା ରାଜନୀତି କରୁଥିବା ଲୋକ ବୋଧେ ଏମିତି ଖଳନାୟକର ମିଠାହସକୁ ମୁଖା କରିନେଇଥା'ନ୍ତି । ତେଣୁ କିଛି କହିଲା ନାହିଁ । ସେ ବି ରାଜନୀତି କରିବା ଶିଖିଗଲାଣି । ଆଗ ସମୟର କଥା ହୋଇଥିଲେ ସିଏ ଉତ୍ତ୍ୟକ୍ତ ହୋଇଥାନ୍ତା । ବିଜୟାନନ୍ଦଙ୍କୁ ଦି' ପଦ କଟୁ କଥା ଶୁଣେଇଥାନ୍ତା । ତେଣୁ କଥାର ମୋଡ ବୁଲେଇ କହିଥିଲା, ଏଥର ଖାଇବା ବ୍ୟବସ୍ଥା ହେବତ ? ଆମକୁ ପୁଣି ଘରକୁ ଫେରିବାକୁ ପଡିବ ।

ବିଜୟାନନ୍ଦ ଘୁଞ୍ଚି ଆସିଲେ ମୌସୁମୀ ପାଖକୁ ଟଳମଳ ପଦପାତରେ । ମୌସୁମୀକୁ ଲାଗିଲା ତାଙ୍କର ଆୟତ୍ତହୀନ ଶରୀରଟି ଯେମିତି ତା' ଉପରେ ଅଜାଡି ହୋଇପଡିବ !

ସେ ମୌସୁମୀର ହାତକୁ ମୁଠେଇ ଧରିଲେ ଅକସ୍ମାତ୍ । ଚମକି ଉଠିଥିଲା ମୌସୁମୀ । ପର ପୁରୁଷର ସ୍ପର୍ଶର ଉଷ୍ମତାରେ ଦେହ ହାତ ଝିମ୍ ଝିମ୍ କରିଉଠିଲା ସତେଅବା । କଣ କରିବ ନକରିବ ଦ୍ୱନ୍ଦ୍ୱ ଭିତରେ ସେ ରୋଷେଇ କରୁଥିବା ଦୁଇଜଣଙ୍କୁ ଚାହିଁଲା । ସତେ ଯେମିତି କିଛି ଗର୍ହିତ ଘଟୁନାହିଁ, ସେମିତି ନିର୍ବିକାର ସେମାନେ । ସେ ବି ଢୋକିନେଲା ନିଜର କ୍ରୋଧ । ସ୍ମିତ ହସି ନିଜର ହାତକୁ ଖସେଇ ନେଇ ବୈଠକ ଖାନାରେ ବସିଥିବା ଓମ୍‌ଙ୍କ ପାଖରେ ଆସି ବସିପଡିଲା ମୌସୁମୀ । ମନେମନେ ଧିକ୍କାରୁଥିଲା ନିଜକୁ । ଭାଗ୍ୟକୁ ନିନ୍ଦୁଥିଲା - ଯେଉଁ ସ୍ୱାମୀ ସ୍ତ୍ରୀର ହୋଇପାରେନା ସେ ପରିବାରର କାହା ପାଇଁ କଣ କରିବ । କାହିଁକି ସେ ଆସିଲା ଓମ୍‌ଙ୍କ ସହିତ ! ପୁଣି ବିଜୟାନନ୍ଦର ରାତ୍ରୀ ଭୋଜନ ଆସରକୁ !!

ସେଦିନ ବିଜୟାନନ୍ଦଙ୍କ ବ୍ୟବହାର ସଂକ୍ରାନ୍ତରେ କିଛି ବି କହିଲା ନାହିଁ ମୌସୁମୀ ଓମ୍‌ଙ୍କୁ । ସେ ଜାଣେ ଏଥିରେ ଓମ୍‌ଙ୍କର କିଛି ପ୍ରତିକ୍ରିୟା ହେବନାହିଁ, ବରଂ ସେ ତାକୁ କେମିତି ଅବିଶ୍ୱାସ ଆଖିରେ ଚାହିଁବେ । ଦୁହିଁଙ୍କ ଭିତରେ ତର୍କ ବଢିବ। ଓମ୍ ଆଉ ବୁଝିବା ଅବସ୍ଥାରେ ନାହାଁନ୍ତି । ରାଜନୀତି ପାଇଁ ସେ ଏପରି ପାଗଳ ଯେ, ତା' ଆଗରେ ନିଜ ସ୍ତ୍ରୀର ମର୍ଯ୍ୟଦାହାନୀ ବି ତୁଚ୍ଛ ! ମନେ ମନେ ଭାବୁଥିଲା ଯେଉଁଠି ସ୍ୱାମୀ ନାମକୁ ମାତ୍ର ତାଙ୍କ ଠାରୁ କିଛି ଆଶା କରିବା ବି ବୋକାମୀ । ସ୍ୱାମୀ ଭାବରେ ପୂର୍ବର ସେଇ ଆସନରେ ଓମ୍ ଆଉ ନାହାନ୍ତି । ବରଂ ବାହାରେ ତାଙ୍କର ସ୍ଥିତି ସମସ୍ତଙ୍କୁ ଦୃଶ୍ୟମାନ ହେଉଥିଲେ ବି ଭିତରେ କିନ୍ତୁ ସେ ହଜିହଜି ଚାଲିଛନ୍ତି । ତାଙ୍କର ଅଧପତନ ଦେଖିବା ଛଡ଼ା ତା ପାଖରେ ଆଉ କିଛି ନାହିଁ । ଆଖିରୁ ଲୁହକୁ ଢୋକିନେବା ହିଁ ସାର ।

ତେଣୁ ସାଲିସ୍ ହିଁ ଏକମାତ୍ର ବିକଳ୍ପ । ଚାହିଁଲେ ଛାଡି ପାରିବନାହିଁ କି ବିରୋଧ ବି କରିପାରିବନାହିଁ । ବରଂ ନିଜକୁ ସମର୍ପଣ କରିଦେବା ଭଲ । ସ୍ରୋତର ପ୍ରତିକୂଳରେ ଯାଇ ଲାଭ କଣ ? ସେ କଣ ପାରିବ ? ସାଙ୍ଗରେ ସାଥୀଟିଏ ଥିଲେ ଅନ୍ଧାର ବି ଡରେଇ ପାରେନା । କିନ୍ତୁ ସାଥୀହୀନ ମଣିଷକୁ ଆଲୁଅରେ ବି ଗ୍ରାସ କରିବସେ ଆକଣ୍ଠ ଭୟ । ସେଦିନ ବିଜୟାନନ୍ଦ ଯେଉଁଭଳି ଭାବେ ଆଚରଣ କଲେ ତାହା ତାକୁ ମାନସିକ ଆଘାତ ଦେଇଥିଲା । ଏହା ଏବେ ବି ତା' ଦେହରେ କ୍ଷତ ହୋଇ ତାକୁ ଯନ୍ତ୍ରଣା ଦେଉଛି। ମାତ୍ର ପରିସ୍ଥିତି ଦୃଷ୍ଟିରୁ ସେସବୁକୁ ଦୁଃସ୍ୱପ୍ନ ଭଳି ଭୁଲିବାକୁ ବାଧ୍ୟ ହେଉଥିଲେ ମୌସୁମୀ । ଲାଗୁଥିଲା ସେ ଯେମିତି ଓମ୍‌ଙ୍କ ହାତର କଣ୍ଢେଇ ।

କେମିତି ସେ ନିଜର ପତ୍ନୀଧର୍ମରେ ଅଟଳ ରହିପାରିବ ! ଏଇ ପ୍ରଶ୍ନ ତାକୁ ବିଚଳିତ କରୁଥିଲା ଅହରହ ।

॥ ୮ ॥

ଅଭିଷେକ ଭିତରେ ଗୋଟିଏ ସ୍ୱପ୍ନ, କିପରି ଗଠନ ହୋଇପାରିବ ଏକ ସୁସ୍ଥ ସମାଜ । ଏକ ଉତ୍ତମ ବିଧି ବ୍ୟବସ୍ଥା । କିପରି ରାଜନୀତିରୁ ଦୂର ହୋଇପାରିବ ଦୁର୍ନୀତି, ଅନୀତି ଓ ଭ୍ରଷ୍ଟାଚାର । କିପରି ଉତ୍ତମ ରାଜନେତା ଓ ଉତ୍ତମ ବ୍ୟବସ୍ଥା ଫେରିଆସିବ ସମାଜ ଭିତରକୁ ।

ସେଇ ଇଚ୍ଛା ଅଭିଷେକକୁ ସବୁବେଳେ ବିଚଳିତ କରୁଥିଲା ।

ଦୁର୍ନୀତିର ଅକ୍ଟୋପାସରୁ କିପରି ମୁକ୍ତ ହେବେ ସାଧାରଣ ଜନତା । ମନରେ ଅନେକ ପ୍ରଶ୍ନ ଯେଉଁ ଦେଶର ନାଗରିକ ଓ ନେତାଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ ସେ ଦେଶ କେବେ ଉନ୍ନତିର ଶୀର୍ଷ ସୀମାରେ ପହଞ୍ଚି ପାରିବ ନାହିଁ । ଏ ଦେଶର ନେତାମାନଙ୍କ ଉପରେ ଭରସା କରିବା ଅର୍ଥ ଜାଣିଶୁଣି ନିଜପାଇଁ ଗାତ ଖୋଳିବା । ସେମାନେ ସମସ୍ତେ ଲକ୍ଷ୍ୟହୀନ, ପଥଭ୍ରଷ୍ଟ ଓ ଦୁର୍ନୀତିଗ୍ରସ୍ତ । ଆଜିର ଗଣତନ୍ତ୍ର ଶାସନର ମେହୀଖୁଣ୍ଟ କୁହାଯାଉଥବା ବିଶିଷ୍ଟ ପ୍ରଶାସନିକ ଅଧିକାରୀଙ୍କୁ ହାଡ଼ ଖଣ୍ଡେ ଧରାଇ ଦେଲେ ସେମାନେ ଶ୍ୱାନ ପରି ଭ୍ରଷ୍ଟନେତାଙ୍କ ପଦଲେହନ କରୁଥିବେ । ଆଉ ସାଧାରଣ ଲୋକ ନିଜର ସାମୟିକ ସ୍ୱାର୍ଥ ପାଇଁ ଶୋଷିତ ହେଉଥିବେ । ସେମାନେ ମେଣ୍ଢା ପରି ଜୀବନ କଟାନ୍ତି । ପ୍ରତାରିତ ହୋଇ ମଧ୍ୟ ବାରମ୍ବାର ସେଇ ଛଳନାକରୀ ନେତାଙ୍କର ଶରଣଗାମୀ ହୁଅନ୍ତି । ଭୁଲିଯାଆନ୍ତି ସେଇ ନେତାଙ୍କର ଶୋଷଣ ଓ କଷଣକୁ ।

ବାପା-ମା'ଙ୍କ ଉପରେ କିଛି ମାତ୍ରାରେ ଭରସା ଥିଲା ତାର । ମାତ୍ର ସେମାନେ ବି କ୍ରମଶଃ ସେଇ ପଥର ଯାତ୍ରୀ । କିଏ ଆଉ ଉଦ୍ଧାର କରିବ ଦୁର୍ନୀତି ପଙ୍କରେ ଲଟପଟ ହେଉଥିବା ଏଭଳି ଚରିତ୍ରମାନଙ୍କୁ । ସେହି ଚିନ୍ତା ସବୁବେଳେ ଘାରୁଥିଲା ଅଭିଷେକକୁ। ମାନସିକ ଯନ୍ତ୍ରଣାରେ ଅସ୍ଥିର ହୋଇ ଉଠୁଥିଲା ସେ । ପ୍ରଚଳିତ ଶାସନ ବ୍ୟବସ୍ଥା ଓ ନେତାମାନଙ୍କ ପ୍ରତି ଘୃଣା ଓ ବିତୃଷ୍ଣାରେ ମନ ଭରିଯାଉଥିଲା । ସବୁ ଖବରକୁ ତନ୍ନତନ୍ନ କରି ପରିଖି ଚାଲିଥିଲା । ତଥାପି ମନରେ ଅନେକ ଆଶା କେହି ତ ଜଣେ ଆବିର୍ଭାବ ହେବେ, ଯିଏ ପରିବର୍ତ୍ତନର ଶୁଭଶଙ୍ଖ ଫୁଙ୍କିବେ ! କେହି ଜଣେ ମଙ୍ଗ ଧରିବାକୁ ଆଗଭର ହେବ ବୁଡିଯାଉଥିବା ନାଆକୁ ଓ ଉପଯୁକ୍ତ ଦିଶା ଦେବାକୁ ! କିଏ ସିଏ ? କିଏ ?

ଏମିତି ଚିନ୍ତା ଭିତରେ ମନେ ପଡୁଥିଲା ପ୍ରାଚୀପ୍ରଭା, ଯିଏ କଲେଜ ଜୀବନରେ ତାର କେବଳ ସହପାଠିନୀ ନୁହେଁ ବରଂ ସବୁଠାରୁ ଭଲ ବାନ୍ଧବୀଟିଏ ଥିଲା ।

ପ୍ରାଚୀପ୍ରଭାର ବିଚକ୍ଷଣତା, ସୁଦୂରପ୍ରସାରୀ ଚିନ୍ତାଧାରା ଓ ମାର୍ଜିତ ଆଚରଣ ପ୍ରତି ଆକୃଷ୍ଟ ହୋଇପଡିଥିଲା ଅଭିଷେକ । ପ୍ରାଚୀପ୍ରଭା କେବଳ ରୂପରେ ନୁହେଁ ଶିକ୍ଷା, ଦୀକ୍ଷା ଓ ସବୁଥିରେ ଥିଲା ଅଦ୍ୱିତୀୟା । ସମାଜସେବା କରୁଥିଲା, କବିତା ଲେଖୁଥିଲା, ସୁନ୍ଦର ଭାଷଣ ବି ଦେଉଥିଲା । ଇତିହାସରେ ଗଭୀର ଜ୍ଞାନ। ତାର ହୃଦୟସ୍ପର୍ଶୀ ଭାଷଣ ଆକର୍ଷିତ କରିଥିଲା ଅଭିଷେକକୁ । ପ୍ରାଚୀପ୍ରଭାର ବି ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଆଜିର ପତନମୁଖୀ ରାଜନୀତି ପ୍ରତି ଥିଲା ବୀତସ୍ପୃହ ଭାବ । ପ୍ରାଚୀପ୍ରଭାର ପ୍ରଗାଢ଼ ସାମ୍ୟବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲା ଅଭିଷେକ ।

ଦୁହେଁ ବୈଷୟିକ ଶିକ୍ଷାରେ ସ୍ନାତକ ହାସଲ କଲା ପରେ ପ୍ରାଚୀପ୍ରଭା ସଂଗେ ସଂଗେ ପାଇଯାଇଥିଲା ସରକାରୀ ଚାକିରୀ । ମାତ୍ର ସରକାରୀ ଚାକିରୀରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ ଓ ଚାପକୁ ବରଦାସ୍ତ କରିପାରିନଥିଲା ସେ । ବିବେକର ଅନିଚ୍ଛା ସତ୍ତ୍ୱେ ନିଜ ବ୍ୟକ୍ତିତ୍ୱକୁ ଅନ୍ୟ ନିକଟରେ ବିକ୍ରି କରିଚାଲିବା ସହଜ ହୋଇନଥିଲା ତା ପାଇଁ । ପଙ୍କ ଗଡିଆରେ ରହି ପଙ୍କରେ ଲଟପଟ ହେବା ସ୍ୱଭାବ ତାର ମୂଳରୁ ହିଁ ନଥିଲା । ସାମ୍ୟବାଦରେ ବିଶ୍ୱାସ କରୁଥିବା ପ୍ରାଚୀପ୍ରଭା ସମାଜର ବଡପଣ୍ଡାଙ୍କ କାର୍ଯ୍ୟକଳାପ ଦେଖି ଅତିଷ୍ଠ ହୋଇ ଦିନେ ଖୋଜିଥିଲା ନିଜର ପରିଚୟ । ତାକୁ ଲାଗିଥିଲା ଯେତେଦିନ ଚାକିରୀରେ ରହିବ ସେତେଦିନ ନିଜ ବିବେକ ସହିତ ତାକୁ କେବଳ ଯୁଦ୍ଧ କରିବାକୁ ହିଁ ପଡିବ । ଦୁର୍ନୀତିଗ୍ରସ୍ତଙ୍କ ମେଳରେ ରହିବା ସହଜକଥା ନୁହେଁ । ତା'ଠାରୁ ଆହୁରି ଅସହଜ ସେମାନଙ୍କ ଇସାରାରେ କଣ୍ଢେଇ ପରି ନାଚିବା । ଶେଷରେ ସାମ୍ୟବାଦ ଆନ୍ଦୋଳନକୁ ଆୟୁଧ ଭାବେ ଗ୍ରହଣ କରି ନେଇଥିଲା ତା ମନ। ତା' ମତରେ ଏଇ ସାମ୍ୟବାଦ ଆନ୍ଦୋଳନ ହିଁ ଏହି କଳଙ୍କିତ ବିଧିବ୍ୟବସ୍ଥା, ରାଜନୀତି, ଦୁର୍ନୀତି ଓ ଅସ୍ଥିରତାକୁ ଦୂର କରି ଏକ ସୁସ୍ଥ ସମାଜ ଗଠନ କରିପାରିବ। (କ୍ରମଶଃ)

## ଅନୁବାଦ ଗଳ୍ପ

# ଶାନ୍ତିର ସ୍ୱର

ମୂଳହିନ୍ଦୀ- ଡ. ଲତା ଅଗ୍ରବାଲ

ଅନୁସୃଜନ- ବିନୟ କୁମାର ଦାସ



"କାହ୍ନା, ମହାଭାରତ ଯୁଦ୍ଧ ତ ଏବେ ସମାପ୍ତ । ଧର୍ମର ଧ୍ୱଜା ଫରଫର ହୋଇ ଉଡୁଛି । ଏବେ ତ ଆପଣ ଖୁସି ହେବା କଥା । ଅଥଚ ସେମିତି ତ କାହିଁ କିଛି ପରିଲକ୍ଷିତ ହେଉନି । ଏବେ ବି କେମିତି ଚାରିଆଡେ ନିସ୍ତବ୍ଧତା ଘେରି ରହିଛି । ଏହା କଣ ଶୋଭା ପାଉଛି ? ଆମର ଏକାନ୍ତ ଅଳି, ଆପଣ ବଂଶୀ ବଜାନ୍ତୁ...ଶାନ୍ତିର ସ୍ୱର ଚତୁର୍ଦ୍ଦିଗରେ ଖେଳି ଯାଉ । ସମସ୍ତଙ୍କ ତନୁମନରେ ନୂତନ ଉଦ୍ଦୀପନାର ତରଙ୍ଗ ଲହରୀ ଯାଉ ।"

ଉଦାସ ମନରେ ବସିଥିବା ଶ୍ରୀକୃଷ୍ଣଙ୍କୁ କହିଲେ ଗୋପୀଗଣ ।

"ମୁଁବି ଠିକ୍ ସେଇଆ ଭାବୁଥିଲି, ମୁରଲୀ ବଜାଇବାକୁ ପ୍ରୟାସ ବି କରିଛି । ହେଲେ ଜାଣିଛ .....?"

"କଣ ହେଲା କାହ୍ନା ?"

"ମୁରଲୀକୁ ମୋ ଓଠରେ ଲଗାଇବା ମାତ୍ରେ...... "

"କୁହ କାହ୍ନା...କଣ ହେଲା ସେଇଠୁ ?"

"ମୁରଲୀରୁ କେବଳ ଆର୍ତ୍ତ ସ୍ୱରର ରାଗିଣୀ ଝଂକୃତ ହେବାକୁ ଲାଗିଲା । ତା ଛିଦ୍ରରୁ ପଚାମାଂସର ଦୁର୍ଗନ୍ଧ ବାହାରିଲା ।"

"ଏ କଣ କହୁଛ କାହ୍ନା ?"

"ମୁଁ ସତ କହୁଛି ସଖାଗଣ, ଏହାର ଅସଲ କାରଣ କଣ ହୋଇପାରେ ବୋଲି ଜାଣିବାକୁ ମୁଁ ଚେଷ୍ଟା କଲି ।"

"କଣ ଜାଣିଲେ ଆମକୁ କହିବେ ନି ?"

"ଜାଣିଲି..ମହାଭାରତ ଯୁଦ୍ଧ ସିନା ସରିଲା, ହେଲେ ଭାରତରେ ନାରୀ ଧର୍ଷଣ ଜାରି ରହିଛି, ଶିଶୁ ଯୌନ ନିର୍ଯ୍ୟାତନା ବଳତ୍କାର ବନ୍ଦ ହେବାର ନାମ ଧରୁନି । ନିର୍ଯ୍ୟାତୀତ ପୀଡିତାକୁ ପୋଡି ମାରି ଦିଆଯାଉଛି । ସେହି ଭସ୍ମର ବୋଝରେ ଭାରତମାତାର ଛାତିରେ କୋହ ଭରି ଯାଇଛି । ମୋତେ ତ ଭୟ ଲାଗିଲାଣି, ଏଇ ଦୁଃଖରେ ମ୍ରିୟମାଣ ହୋଇ ହୁଏତ ଭାରତମାତା ନିଜେ ସଂକଳ୍ପ ନେଇପାରେ ସେ ଆଉ କନ୍ୟାରତ୍ନ ପ୍ରସବ କରିବ ନାହିଁ । ଆଉ ଯଦି ସେ ସତକୁ ସତ ଏମିତି ଏକ ନିର୍ଣ୍ଣୟ ନେଇ ନେବ ....ତେବେ..."

"ତାହେଲେ କଣ ହେବ କାହ୍ନା ? ଏହା ତ ଏକ ଘାତକ ନିର୍ଣ୍ଣୟ ।" ଭୟରେ ଶିହରି ଉଠୁଥିଲେ ଗୋପୀଗଣ ।

"କେବଳ କଣ ସେତିକି..କୁକର୍ମ ବି ତ ଏବେ ଘାତକ ସାଜିସାରିଲାଣି । ଗଙ୍ଗା ଯମୁନାର ପବିତ୍ର ନୀର ଏବେ ବିଷାକ୍ତ, ଅପବିତ୍ର । ଆଉ ସେହି ନୀରକୁ ଭୂମିରେ ସିଂଚିଲେ, ତାର ଭୟାବହ ପରିଣତି ହେବା କିଛି ବିଚିତ୍ର ନୁହେଁ । ଭୂମିରୁ ଯେଉଁ ଶସ୍ୟ ଉତ୍ପାଦନ ହେଉଥିଲା ଆଉ ମାନବ ସମାଜ ଯାହାକୁ ଭକ୍ଷଣ କରି ଜୀବନ ଧାରଣ କରୁଥିଲା, ସେତକ ତ ମିଳିବ ନାହିଁ, ପକ୍ଷାନ୍ତରେ କେବଳ ବିଷ ହିଁ ଉତ୍ପନ୍ନ ହେବ । ନିକଟ ଭବିଷ୍ୟତରେ ମାନବ ସମାଜର ମରଣର ତାଣ୍ଡବ ନୃତ୍ୟ ମୋତେ ସ୍ପଷ୍ଟ ଭାବରେ ଦେଖା ଯାଉଛି ।"

"ତାହାଲେ ତ ଆମକୁ ଜଣାଯାଉଛି, ଏହା ମହାଭାରତ ଯୁଦ୍ଧ ଠାରୁ ବି ଆହୁରି ଭୟଙ୍କର..."

"ଠିକ୍ କହୁଚ ତୁମେମାନେ । ମଣିଷର ଘୃଣିତ ପାପାଚାର କର୍ମ ଧରିତ୍ରୀମାତାକୁ ବ୍ୟଥିତ କରିଚାଲିଛି । ନାରୀ ଏବେ ଅସୁରକ୍ଷିତ ..ବାୟୁମଣ୍ଡଳରେ ଶୋକସନ୍ତପ୍ତା ନିଷ୍ପେଷିତା ନାରୀର ଦୀର୍ଘଶ୍ୱାସ ଆଉ ଆର୍ତ୍ତ ଚିତ୍କାର ।"

"କଣ ହେବ ତାହାଲେ ? କିଛି ତ ପ୍ରତିକାର ଥିବ କାହ୍ନା ?"

"ମୁଁ ବି ତ ଠିକ୍ ସେଇଆ ଭାବୁଛି । ମୋତେ ଖୁବ୍ ବିଚଳିତ ଲାଗୁଛି । ଏବେ ମୋତେ ଭିନ୍ନ ଏକ ଭୟ ଆଚ୍ଛନ୍ନ କରି ଚାଲିଛି । ଆଉ ଯଦି ତାହା ସତରେ ହୋଇଯାଏ..ତେବେ ତ ..."

"ପୁଣି କି ଭୟ କାହ୍ନା ?"

"ଯଦି ଭାରତମାତାର କନ୍ୟାସନ୍ତାନଗଣ ଏହି ଅତ୍ୟାଚାରୀ ଦୁର୍ଯ୍ୟୋଧନ ଆଉ ଦୁଃଶାସନମାନଙ୍କ ରକ୍ତରେ ନିଜ ନିଜର ବେଣୀ ବନ୍ଧନ କରିବାପାଇଁ ଶପଥ ନେଇ ନେବେ...ତେବେ ଚିନ୍ତା କରି ପାରୁଛ ତ...କଣ ହେବ ତାର ଅନ୍ତିମ ପରିଣତି ??"

"ନା ନା କାହ୍ନା...ତୁମେ ଥାଉଁ ଥାଉଁ ଏମିତି ଅଘଟଣ କେମିତି ଘଟିବ ଯେ.. କିଛି ତ କର କାହ୍ନା ।"

"ମୁଁ ନାଚାର ସଖାଗଣ । ମୋତେ ତ କାହିଁ କିଛି ଶୁଭ ଲକ୍ଷଣ ଦେଖା ଯାଉ ନାହିଁ । ଚତୁର୍ଦ୍ଦିଗରେ କେବଳ ବିଷାକ୍ତ ନାଗମାନେ ଫଣା ଟେକି ଫୁତ୍କାର କରୁଛନ୍ତି । ଏ ପରିସ୍ଥିତିରେ ମୋ ମୁରଲୀରୁ ଶାନ୍ତିର ସ୍ୱର ନିର୍ଗତ ହେବ ବା କେମିତି ??"


♥ ଅନାମିକା ନୀଡ, ଅଂଗାରଗଡିଆ
ବାଲେଶ୍ୱର ୧,
ମୋ- ୭୯୭୮୮୬୦୩୬୩

ସମୀକ୍ଷାୟନ...

# କବି ରତ୍ନାକରଙ୍କ କବିତା କାନ୍‌ଭାସ : ଯେଉଁଠି ଛାଇ ପାଲଟିଯାଏ ବେଲାଳସେନ



ସାଂପ୍ରତିକ ସମୟର କବି ରତ୍ନାକର ରାଉତ ଜଣେ ସ୍ଥିତପ୍ରଜ୍ଞ କାବ୍ୟଶିଳ୍ପୀ। 'ବିଷଣ୍ଣ ଫଗୁଣ'ଠାରୁ ଆରମ୍ଭ କରି 'ଛାଇ' ପର୍ଯ୍ୟନ୍ତ ବିଭିନ୍ନ ଚିନ୍ତା ଚେତନାର ସ୍ୱାକ୍ଷରରେ ଅନ୍ୟୂନ ୧୨ ଖଣ୍ଡ ପୁସ୍ତକର ରଚୟିତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଷୟବସ୍ତୁ ଦୃଷ୍ଟିରୁ ବିଶ୍ଳେଷଣ କଲେ କବି କେତେବେଳେ ପ୍ରେମ, କେତେବେଳେ ଅଭାବ ଅନଟନ, କେତେବେଳେ ବା ଚଳନ୍ତି ସମୟର ଜଟିଳତାବୋଧରେ ସ୍ୱନ୍ଦିତ ହୋଇଛନ୍ତି। ସୁତରାଂ ବିଷୟବସ୍ତୁ ଦୃଷ୍ଟିରୁ କବିତା ଗୁଡ଼ିକରେ ଭିନ୍ନତାର ସ୍ୱାଦ ମିଳେ। 'ବିଷଣ୍ଣ ଫଗୁଣ' ଏବଂ 'ଅବସନ୍ନ ଅପରାହ୍ଣ' ଭିତରେ ଦୁଃଖର ଶବ୍ଦମାନଙ୍କୁ ଉଡ଼ାଇ ଦେଇଛନ୍ତି ସରୀସୃ ଏବଂ ଅନ୍ୟାନ୍ୟ କବିତା ପର୍ଯ୍ୟନ୍ତ। ପୁନଶ୍ଚ ସମୁଦ୍ର ପଠାରେ ଏକାଏକା ନିଶିକାନ୍ତ 'ତୁମ ତୁମ ଭାବ'କୁ ଅନୁଭବ କରିଛନ୍ତି। ଭେଦ ହିଁ ଜୀବନର ଛାଇ ପାଲଟି ଯାଇଛି। ତେବେ ଏଇ 'ଛାଇ' କବିତା ସଂକଳନଟି ସଦ୍ୟ ପ୍ରକାଶିତ ଏକାଦଶତମ କବିତା ପୁସ୍ତକ। 'ଛାଇ' ୪୯ଟି କବିତାର ଏକ କାବ୍ୟିକ ସମ୍ଭାର। ମନେହୁଏ 'ପ୍ରତିବନ୍ଧକ' କବିତାଠାରୁ ଆରମ୍ଭ କରି 'ଶବସମ' ପର୍ଯ୍ୟନ୍ତ କବି ଅଣରୁଣ ନିଃଶ୍ୱାସ ନିର୍ଗତ କରିଛନ୍ତି। ଏଥିରେ ଭାବବଳୟ, ରୂପ ବଳୟ ଓ ଗୀତିବଳୟର ଅପୂର୍ବ ସମନ୍ୱୟ ଘଟିଛି। ଧର୍ମଧାରଣା ପ୍ରତି ରୁଚି ପରିବର୍ତ୍ତନ, ବିଜ୍ଞାନର ଅଗ୍ରଗତି, ଶ୍ରେଣୀ ସଂଘର୍ଷ, ଯୌନ ଜଟିଳତା ଏବଂ ବ୍ୟକ୍ତିସତ୍ତାର ନବ ଉତ୍ତରଣ ପରି କେତେକ କାରକକୁ ନେଇ କବି ପ୍ରୀତିଦଗ୍ଧ ରୂ ଟିକୁ ଚିହ୍ନାଇବା ପାଇଁ ପ୍ରୟାସ କରିଛନ୍ତି। ବସ୍ତୁଜଗତର କ୍ଲିଷ୍ଟ ବେଦନାବୋଧ ମଧ୍ୟରେ ମଣିଷ ପଣିଆ କିଭଳି ବାରମ୍ବାର ପରାହତ ହୋଇଛି, ତା'ର ଏକ ରୂପ ଚିତ୍ର ପ୍ରଥମ କବିତା 'ପ୍ରତିବନ୍ଧକ'ରେ ପ୍ରତିଫଳିତ। 'ଅନ୍ୱେଷ ଅନ୍ତିମ' ଶିକ୍ଷାର୍ଜନ ପାଇଁ ବିଦ୍ୟାଳୟରେ ଯେତେବେଳେ ପ୍ରଥମ ପାଦ ରଖିଛି, ଠିକ୍ ସେତିକିବେଳେ ଅନ୍ତିମର ପିତା ବିଜୟଙ୍କୁ କେଉଁ ଧର୍ମର ବୋଲି ପ୍ରଶ୍ନ କରାଯାଇଛି। ଉତ୍ତରରେ ସେ କହିଛନ୍ତି, "ମଣିଷ ଜାତି ଏବଂ ମାନବଧର୍ମ।" ଲକ୍ଷ୍ୟ କରିବାର କଥା, ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ଧର୍ମର ସଂଜ୍ଞା ଯେ ନିହାତି ଜରୁରୀ ଏକଥା ବିଚଳିତ କରିଛି ବିଜୟଙ୍କୁ। ବିଜୟଙ୍କର ଏତାଦୃଶ ଉତ୍ତରରେ ଅଧକ୍ଷ ନିର୍ବାକ୍ ନିସ୍ପନ୍ଦ ହୋଇଯାଇଛନ୍ତି। ମାନବଧର୍ମ କ'ଣ ଗୋଟିଏ ଧର୍ମ ଏକ ପ୍ରଶ୍ନିଳ ଆଖିରେ ଅଧକ୍ଷ ପ୍ରଶ୍ନ କରିଛନ୍ତି - ପ୍ରଚଳିତ ଧର୍ମମାନଙ୍କ ଠାରୁ ଭିନ୍ନ ଗୋଟେ ଧର୍ମ କ'ଣ? ଏଇମିତି ଏକ ସ୍ୱଷ୍ଟ ଉତ୍ତର ଅଧକ୍ଷଙ୍କୁ ସନ୍ତୁଷ୍ଟ କରି ପାରିନାହିଁ। ବରଂ ପରବର୍ତ୍ତୀ ଛାତ୍ରଙ୍କୁ ପ୍ରବେଶ ପାଇଁ ସଂକେତ ଦେଇଛନ୍ତି। ଏମିତି ଏକ ଜାତିଗତ ପ୍ରସଂଗକୁ କେନ୍ଦ୍ର କରି କବି ସମସାମୟିକ ସମାଜର ଜାତିପ୍ରଥା ସୃଷ୍ଟି କରୁଥିବା କିଛି ବଡ଼ ପଣ୍ଡା ମାନଙ୍କର ମୁଖା ଖୋଲିବାରେ ପ୍ରୟାସ କରିଛନ୍ତି। କାରଣ କବିଟିଏ ଆଗକୁ ଦେଖି ବର୍ତ୍ତମାନକୁ ପରଖେ ଏବଂ ଭବିଷ୍ୟତକୁ ଉପଲବ୍ଧି କରେ, ଯାହା ଦେଖାଦେଇଛି କବି ରାଉତଙ୍କ ପାଖରେ।

କବି ରାଉତ ଜଣେ ସ୍ରଷ୍ଟା, ଦ୍ରଷ୍ଟା ଏବଂ କଳାପ୍ରବଣ କ୍ରାନ୍ତି ଥର ଯାତ୍ରୀ। ସାହିତ୍ୟ ସହିତ ଏକ ଉଦାର ମାନବିକ ଭାବନାର ନିବିଡ଼ ସଂପର୍କ ରହିଛି ତାଙ୍କର ସର୍ଜନାରେ। ଆଧୁନିକ ମଣିଷର ବିଚିତ୍ର ଜୀବନଚର୍ଯ୍ୟା, ମାନସିକ ଅବସାଦ ଏବଂ ନିଃସଂଗତାର ଉପସର୍ଗ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତାଙ୍କର ପ୍ରତିଟି ରଚନା ମାନବିକ ଆଦର୍ଶରୁ ବିଚ୍ୟୁତ ହୋଇନାହିଁ। ବିଭିନ୍ନ ଘଟଣା,

ଚିନ୍ତା ଅନୁଭବ ଏବଂ ତଦ୍‌ଜନିତ ମାନସିକ ଅବସ୍ଥା ଅବଲମ୍ବନରେ ସେ କବିତା ଗୁଡ଼ିକର ସ୍କେଚ୍ ଆଙ୍କିଛନ୍ତି। 'ଜବାବ୍' କବିତାର ନେପଥ୍ୟରେ ସାମାଜିକ ନ୍ୟାୟ (Social Justice) ପାଇଁ ସେ କିଭଳି ଆତୁର ହୋଇ ଉଠିଛନ୍ତି, ସେ ସଂପର୍କରେ ଅତି ଆବେଗପୂର୍ଣ୍ଣ ଶବ୍ଦ ସହିତ କସ୍‌ରତ କରିଛନ୍ତି। ସତର ବର୍ଷର ମୂକବଧିର ପୁଅ ପାଖରେ ଚମ୍ପାର ମାଆ ଦର୍ପଣ ସାମ୍ନାରେ ନିତି ଜୁଡ଼ା ବାନ୍ଧେ। ଏବେ ଏବେ କାରଖାନାରେ ତାଲା। ଆର୍ଥିକ ଅନଟନ ଭିତରେ ଚଂପାର ବାପା ନିରୁଦ୍ଦିଷ୍ଟ ହୋଇଯାଇଛି। ଘରେ କେବଳ ଚଂପା, ତା'ର ମା' ଏବଂ ସତର ବର୍ଷର ମୂକବଧିର ପୁଅ। ଏବେ କିନ୍ତୁ ମା' ଜୁଡ଼ା ବାନ୍ଧୁଛି। କିନ୍ତୁ କାହା ପାଇଁ? ପ୍ରତିଦିନ ମା'ର ଅଣ୍ଟିକୁ ପଇସା କେଉଁଠୁ ଆସୁଛି? ଧୀରେ ଧୀରେ ଚଂପା ଏକଥା ବୁଝୁଛି। ଦେହର ସଉଦା ଯେ ମା'ର ଏକମାତ୍ର ପୁଂଜି ଏକଥା ଚଂପାକୁ ଅଛପା ରହିଲା ନାହିଁ। ଅପରିଚିତ ଜଣେ ଗୌରବର୍ଣ୍ଣର ପୁରୁଷ ମା' ପଛରେ ଯେତେବେଳେ ଛିଡ଼ାହୁଅନ୍ତି, ଠିକ୍ ସେତିକିବେଳେ ମା' ଚଂପା ଏବଂ ତା'ର ବଡ଼ ଭାଇକୁ ଚକୋଲେଟ୍ ଆଣିବା ବାହାନାରେ ବାହାରକୁ ପଠାଇ ଦିଏ। ମାଟି କାନ୍ଥ କବି ରତ୍ନାକରଙ୍କ କବିତା କାନ୍‌ଭାସ : ଯେଉଁଠି ଛାଇ ପାଲଟିଯାଏ ବେଲାଳସେନ ଡ. ରାଧାରଂଜନ ପଟ୍ଟନାୟକ ଠଣାରୁ ଦୁଇଟଂକା ବଢ଼ାଇଦିଏ ଚଂପାର ମା'। ଏମିତି ଏକ ଘଟଣାରେ କବିଂକର କଲମ ବିରାମ ନେଇନାହିଁ। ବରଂ ପରବର୍ତ୍ତୀ ଦୃଶ୍ୟର ବର୍ଣ୍ଣନା ପାଠକମାନଙ୍କ ମନରେ ଜବାବ୍‌ର ତଲବ ସୃଷ୍ଟି କରିଛି। ସ୍ୱାମୀ ନଥିବାବେଳେ ସ୍ତ୍ରୀ ନିଜକୁ ସଜାଏ। ମଥାରେ ଜୁଡ଼ା ବାନ୍ଧେ। ରାତି ମହକା ଅତର ବାସେ। ଜଣେ ନାରୀ ସ୍ୱ-ଇଚ୍ଛାରେ ଏମିତି କରେନା। ପରିସ୍ଥିତି ବାଧକରେ ତାକୁ। ସଂସାର ଚଳାଇବା ପାଇଁ କୂଳକିନାରା ପାଏନାହିଁ ସେ। ହୁଏତ ଏଇଥି ପାଇଁ ଏମିତି ଏକ ଘୃଣ୍ୟ କାର୍ଯ୍ୟକୁ ଆଦରି ନେଇଛି ଚଂପାର ମାଆ। ଠିକ୍ ପରବର୍ତ୍ତୀ ଦୃଶ୍ୟରେ ଚଂପା ଦେହରେ ନୂଆ ନୂଆ ଫଗୁଣ। ଯୌବନର ପହିଲି ଛୁଆଁ। ଭାଇଭଉଣୀ ଚକୋଲେଟ୍ ଆଣିବା ପାଇଁ ଯା'ନ୍ତି। ଚକୋଲେଟ୍ ଖାଆନ୍ତି। କିନ୍ତୁ କିଏ ଜାଣିଥିଲା ଗ୍ରରିଜଣ କାମାନ୍ଧ ଯୁବକ ଦେହର ଭୋକକୁ ମେଣ୍ଟାଇବା ପାଇଁ ଭିଡ଼ି ନେବେ ନାବାଳିକା ଚଂପାକୁ। ସେମାନଙ୍କ ଲୋଲୁପ ଆଖିରୁ ବର୍ତ୍ତି ପାରିନି ସେ। ଚଂପାର ସମସ୍ତ କାକୁତି ମିନତିକୁ ଶୁଣି ନାହାନ୍ତି ସେମାନେ। ପଶୁ ଖେଳିଛନ୍ତି ଦେହର କାଠିରେ। ନିର୍ବାକ୍ ଭାଇ ତା'ର ପ୍ରତିରୋଧ କରିଛି। କିନ୍ତୁ ହାରିଯାଇଛି। କବିଙ୍କ ଭାଷାରେ "ସଭିଙ୍କ ଆଖି ସାମ୍ନାରେ ଝଂପି ପଡ଼ିଲେ ଟୋକା ଗ୍ରରିଟା ଚଂପା ଉପରକୁ / ଯେପରି ବୁଦୁବୁଦିକିଆ ଝାଡ଼ ଜଂଗଲ ଉହାଡ଼ରୁ / ବାଘ ଝାମ୍ପି ଦ୍ୱେ ବେଫିକର ମୃଗଶିଶୁ ଉପରକୁ ଛପିଛପି।" ସେମାନଙ୍କ ପନ୍ଝାରେ ଛାଟିପିଟି ହେଉଥିବା ଚଂପାର ଅସହାୟତାର ପ୍ରତିଟି ଦୃଶ୍ୟକୁ ବିଚରା ଦୋକାନୀ ବୁଢ଼ା ଦେଖି ଗ୍ରଲିଥିଲା। ମାତ୍ର ସେ ମଧ ଥିଲା ଉପାୟଶୂନ୍ୟ। କାରଣ ସେଇ ଯୁବକ ମାନଙ୍କର ଭୟରେ ଚୁପ୍‌ଚାପ୍ ବସିଥିଲା ସେ। କିଛି ନ ଜାଣିଲା ପରି। ଏଇମିତି ଅନେକ ଅଘଟଣ ଘଟୁଛି ଏଇ ମାଟିରେ ନିତି ପ୍ରତିଦିନ। କବି ରାଉତ କିନ୍ତୁ ଅତି ଚମତ୍କାର ଶବ୍ଦ ବିନ୍ୟାସରେ, ନିର୍ଭୟରେ ଏମିତି ଅମାନୁଷିକ ଦୃଶ୍ୟକୁ ଖୁବ୍ ସତର୍କତାର ସହ ବର୍ଣ୍ଣନା କରିଛନ୍ତି। ଯେଉଁଦିନ ସଂପୃକ୍ତ ଗ୍ରରିଜଣ ଯୁବକଙ୍କ ରକ୍ତାକ୍ତ ଶରୀରକୁ ବିଚରା ବୁଢ଼ା ଦୋକାନୀ ପ୍ରଥମେ ଦେଖିଛି, ସେବେ ସେ କେବଳ ନିଜେ ଖୁସି ହୋଇନାହିଁ ବରଂ ଗାଁର ପ୍ରତ୍ୟେକ ପିଲାଙ୍କୁ ଚକୋଲେଟ୍ ବାଣ୍ଟି ଚାଲିଛି। ଖୁସିରେ। ଉଲ୍ଲାସରେ। ସୁତରାଂ କବି କଣ୍ଠର ସ୍ୱୀକାରୋକ୍ତି - "ଏଇ ଘଟଣା ଦେଖି ବୁଢ଼ା ଦୋକାନୀ / ପାଗଳ ହୋଇ ଗଲାକି କ'ଣ / ତାଳି ବଜାଇ ଖୁସିରେ ନାଚୁଥିଲା।" (ପୃ. ୧୩) ବାସ୍ତବରେ କବି ଭାବନାର ସଂକ୍ରମଣରେ କବିତାଟିକୁ ଦୀର୍ଘ କରିଛନ୍ତି, ସେଥିରେ ସାମାଜିକ ନ୍ୟାୟ ଦେବାର ବେଶ୍ ପ୍ରୟାସ କରିଛନ୍ତି। ଯେଉଁମାନେ ଏଇଭଳି ବର୍ବରୋଚିତ କାର୍ଯ୍ୟ କରନ୍ତି, ସେମାନଙ୍କର ଶେଷ ଅବସ୍ଥା ହିଁ ରକ୍ତର ପ୍ଲାବନ ସୃଷ୍ଟି କରେ ଏବଂ ସେଇଥିରେ ସେମାନେ ଜୀବନର ଶେଷ ମୁହୂର୍ତ୍ତ ଆସି ପହଞ୍ଚିବ। ଏତାଦୃଶ ବାସ୍ତବ ସତ୍ୟ ଭାବନାକୁ ବର୍ଣ୍ଣନା କରି ନିଜ ମର୍ମବେଦନାର ସ୍ୱରକୁ କବିତାର ରୂପ ଦେଇଛନ୍ତି। ବାସ୍ତବରେ କବି ରାଉତ କଥା କହିବା ଢଂଗରେ ଯେପରି କବିତା ଲେଖିଛନ୍ତି, ତାହା ତାଙ୍କ ମୌଳିକ ପ୍ରତିଭାର ପରିଚୟ ପ୍ରଦାନ କରିଛି। କବି ରାଉତ ରାମାୟଣର ବାଲ୍ମୀକି ପରି, ମହାଭାରତର ବ୍ୟାସଙ୍କ ପରି କବିତାକୁ ଆଖି ପୂରାଇ ଦେଖିଛନ୍ତି। ସାହିତ୍ୟକୁ ଉପଭୋଗ କରିଛନ୍ତି। ସାହିତ୍ୟର ତାରଲ୍ୟରେ ବାରମ୍ବାର ହଜିଛନ୍ତି। ଜୀବନ ଓ ଜଗତର ମଧ୍ୟବିନ୍ଦୁରେ ଘଟଣା ପ୍ରବାହର ଗ୍ରତକୀୟ ପ୍ରତିନିଧି ଭାବେ କବିତାର ବୈଶିଷ୍ଟ୍ୟତାକୁ ଗ୍ରହଣ କରିଛନ୍ତି 'ଫେରି ପାଇବାକୁ ହରାଇଥିବା ପଥ' କବିତାରେ। ନିଜ ମାଆଙ୍କ କଥା ସ୍ମରଣ କରି ଶୈଶବରୁ କୈଶୋର ପର୍ଯ୍ୟନ୍ତ ସକଳ ସୁଖ ଏବଂ ଐଶ୍ୱର୍ଯ୍ୟ ଯେ ମା'ଙ୍କ ଠାରୁ ମିଳିଛି - ଏକଥା ନିର୍ବିବାଦରେ ସ୍ୱୀକାର କରିଛନ୍ତି ସେ। ଯେତେବେଳେ କବିଙ୍କୁ ଯୌବନ ଛୁଇଁଛି ଠିକ୍ ସେତିକିବେଳେ କବିର ଚପଳ କାବ୍ୟପୁରୁଷ ପ୍ରଜାପତିର ଡେଣା ଦୋହଲାଇ ସାରା ଦୁନିଆଁ ଉଡ଼ିଛି। ମାତ୍ର ସଂପ୍ରତି ଅପରାହ୍ଣର ଡାହାଣିଆ ଖରା ମେଲାଣି ମାଗୁଛି କେଉଁ ଏକ ଶାବକ ସଂବାଳୁଆ ହୋଇ। ଅପରାହ୍ଣର ଡାହାଣିଆ ଖରା ଏକ ଦୃଶ୍ୟମାନ ଚିତ୍ରକଳ୍ପ (Visible Image) ଭିତରେ ଐଶ୍ୱର୍ଯ୍ୟ ଭରା ସଂସାରରେ କବି କିଭଳି ଏକାକୀ ପଦାତିକ ସାଜିଛନ୍ତି, ତାହାହିଁ ଏହି କବିତାରେ ସ୍ପଷ୍ଟ। ମା' ଏକ ଚିରନ୍ତନୀ ଆବେଗର ପୁଣ୍ୟ ଶ୍ଳୋକ। ମା' ଦିଏ; ମାତ୍ର ନିଏନି। ସେଇଥି ପାଇଁ ତ କବି ମା'ଙ୍କ ମହନୀୟତାକୁ ବାରମ୍ବାର ସ୍ମରଣ କରିଛନ୍ତି - "ମନେ ହେଉଛି ଯେମିତ କକ୍ଷଚ୍ୟୁତ କେଉଁ ଜଣେ / ଅଭିଶପ୍ତ ଗନ୍ଧର୍ବ ମୁଁ / ଜଣେ ପଥହରା / କୃପଣ ସୌଦାଗର / ମୁଁ ଫେରିବାକୁ ଗ୍ରହୁଁଛି ମା' / ସାହସ ଅଣ୍ଟୁନି।" (ପୃ.୧୭) କବି ଅସମର୍ଥତା ପ୍ରକାଶ କରିଛନ୍ତି। ବିଚଳିତ ମନ ଭାଂଗି ପଡ଼ିଛି। ସତେ ଯେମିତି ସାର୍ବଜନିନ ସତ୍ୟରେ ଚର୍ଚ୍ଚିତ କବିତା ଜୀବନ ଏବଂ ଜଗତ ପାଇଁ ଭିନ୍ନ ଏକ ମୂଲ୍ୟବୋଧ ସୃଷ୍ଟି କରିଚି। ଭଂଗା ସ୍ୱପ୍ନର ଖିଅ ଖୋଜି ତା'ର ସମ୍ଭାବ୍ୟ ପରିଣତିର ଆକଳନ ପାଇଁ କବି ଚେଷ୍ଟା କରିଛନ୍ତି। ଶେଷହୀନ ଆକୁଳତା ସତ୍ତ୍ୱେ ସ୍ୱପ୍ନ ଆଉ ବାହୁଡ଼ି ଆସେ ନାହିଁ। ଛଟପଟ ହୁଏ ପ୍ରାଣ। କେବଳ ହତାଶାର ଦୀର୍ଘଶ୍ୱାସ ଛାଡ଼ିବାକୁ ପଡ଼େ। ଯାହା ଦୃଶ୍ୟ ହୋଇଛି ଏହି କବିତାର ପ୍ରତିଟି ଶବ୍ଦରେ। ସାଂପ୍ରତିକ ମଣିଷର ସ୍ଥିତି ସଂପର୍କରେ ସନ୍ଦିହାନ ହୋଇ ପଡ଼ିଛନ୍ତି କବି। ମାଟି ଉପରେ ପାଦ, ଉପରେ ଶୂନ୍ୟ ଆକାଶ। ଏହାରି ଭିତରେ ବଂଚିବାର ସଂଜ୍ଞା ଖୋଜିଛନ୍ତି କବି 'ସେଇ ଲୋକ' କବିତାରେ। ରାଜଧାନୀର ଛାତି ଉପରେ ରବୀନ୍ଦ୍ରମଣ୍ଡପ। ପୁଣି ସେଇ ମଣ୍ଡପର ଦକ୍ଷିଣ ଦ୍ୱାର। ଯେଉଁଠି ବର୍ଷତମାମ୍ ଝୁଲୁଥାଏ କୋଲପ। ଏଇମିତି ଏକ ସ୍ଥାନରେ ଜଣେ ଅପରିଚିତ ମଣିଷ ସାରାରାତି ଶୁଏ। ସମାଜ ପାଇଁ ସେ ଯେମିତି ଅଲୋଡ଼ା ମଣିଷ। କେହି କେବେ ତା'ର ଠିକଣା ଖୋଜିନି କି ପରିଚୟ ସଂପର୍କରେ ଖୋଳତାଡ଼ କରିନାହିଁ। ଶୀତ, କାକର, ଖରା, ବର୍ଷା ସବୁ ସମୟରେ ସେ ଶୋଇଥାଏ ନିର୍ବିକାର ଭାବରେ। ବେସାଲିସ୍ ନିଦ। କାହାର ପଣତକାନି କିୟା ଜଉମୁନ୍ଦ ଫରୁଆ ଛୁଇଁବା ତା' ଭାବନାରେ ନଥାଏ। ନୀରବ କ୍ରାନ୍ତିରେ ମାତିଥାଏ ଚିରକାଳ। "ପଛରେ କେଉଁ ଅବୁଝା ଅଭିମାନରେ / ଅବା ବ୍ୟବସ୍ଥା ପ୍ରତି ବିଦ୍ରୋହ ବାରୁଦ ସଜାଡୁ ଥାଏ ଏକା ଏକା।" ଚଳିତ ଶତାବ୍ଦୀର ସମାଜ ଏବଂ ବିଧିବିଧି। ନ-ସମ୍ବିଧାନ କିଭଳି ବି ର୍ଯ୍ୟସ୍ତ, ତା'ର ରୂ ଚିତ୍ର ଦେବାକୁ ଯାଇ କବିର କାବ୍ୟପୁରୁଷ ବିଦ୍ରୋହର ବାରୁଦ ସଜାଡ଼ିଛି। ସମାଜ ବ୍ୟବସ୍ଥାର ଅବକ୍ଷୟ ଏବଂ ବିବସ୍ତ୍ର ହେଉଥିବା ସମାଜର ଦୃଶ୍ୟ କବିଙ୍କୁ ଆଘାତ ଦେଇଛି। ଫଳରେ ବିଦ୍ରୋହର ବାରୁଦ ଅଦୃଶ୍ୟମାନ ଚିତ୍ରକଳ୍ପ (ସଭଙ୍ଗସସ୍ୱସଭକ୍ଷର ସଙ୍କବଶର) ଭଳି ଶବ୍ଦ ପ୍ରୟୋଗ କରିଛନ୍ତି। ଫଳତଃ କବିଙ୍କର ବ୍ୟକ୍ତିଗତ ଭାବନାର ଉତ୍ତରଣକୁ ସାର୍ବଜନୀନ କଳାଶିଳ୍ପରେ ରୂ ାନ୍ତରିତ କରିଛନ୍ତି। ଏସବୁ ସତ୍ତ୍ୱେ କବି ହାରିଯାଇଛନ୍ତି। ଅସଫଳ ସହରର ନାୟକ ପରି ଦୋହଲି ଯାଇଛି ତାଙ୍କ ମନ - "ଶ୍ରମଣା ଭାଗ୍ୟ ପରି ଏବଂ ଦେଖିଲା ଲୋକଟି / ହାରି ଯାଉଥାଏ / ନିଜ ସହିତ ଖେଳୁଥିବା ବାଜି ବାରବାର।" (ପୃ. ୨୦) କବି ରତ୍ନାକର ରାଉତଙ୍କ କବିତା ସମଗ୍ର କୌଣସି ନିର୍ଦ୍ଦିଷ୍ଟ ଫ୍ରେମ୍‌ରେ ବନ୍ଦୀ ନୁହେଁ। ବରଂ ମୁକ୍ତ ଚେତନାର ଶବ୍ଦଶିଳ୍ପ। ମଣିଷ ଜୀବନର କେତୋଟି ସାଧାରଣ ତଥା ଅବଶ୍ୟମ୍ଭାବୀ କ୍ରିୟା-ପ୍ରକିୟା, ଘଟଣାବଳୀ ଓ ଅନୁଭୂତିର ଏକ ଆବେଗସ୍ନିଗ୍ଧ ଭାବପ୍ରବଣତା ପ୍ରକାଶ ପାଇଛି ତାଙ୍କ କାବ୍ୟଜଗତରେ। ମଣିଷ ମାତ୍ରକେ ହିଁ ଜଣେ ଜଣେ ଅଭିନେତା। ମୁହଁରେ ରଂଗ ବୋଲି ଜୀଇଁବା ପର୍ଯ୍ୟନ୍ତ ସେ ଅଭିନୟ କରିଗ୍ରଲେ ଅହରହ। ହସ-କାନ୍ଦ, ସୁଖ-ଦୁଃଖକୁ ଆପଣେଇ ବଂଚିବାର ଆସ୍ପର୍ଦ୍ଧାରେ ସଂଗ୍ରାମ କରିଗ୍ରଲେ। ଜନ୍ମ ଏବଂ ମୃତ୍ୟୁ ଭଳି ଏକ ଅପ୍ରିୟ ସତ୍ୟ କଥାକୁ ବେଶ୍ କଳାତ୍ମକ ଭାବରେ ପ୍ରକାଶ କରିଛନ୍ତି କବି ରାଉତ। ଜୀବନର ଶେଷ ସରଳରେଖା ବିନ୍ଦୁରେ ପହଂଚିବା ଏବଂ ନାଟକର ଶେଷ ଅଂକରେ ଉଚ୍ଚାରିତ ସଂଳାପ କବିଙ୍କ ଉପରେ ବାରମ୍ବାର ସବାର ହୋଇଛି। ସେଇଥି ପାଇଁ ତ କବି ଆବେଗଭରା କଣ୍ଠରେ ପ୍ରକାଶ କରିଛନ୍ତି - "ଏବେ ତ ଫର୍‌ଚ୍ଚ ହୋଇ ଆସୁଛି ଆକାଶ / ବାହୁଡ଼ିବାର ବେଳ / ନାଟକର ଶେଷ ଅଂକରେ / ନାୟକ ଶେଷଦୃଶ୍ୟର ସଂଳାପ ଶୁଣୁଛି / ଏପରି ସମୟରେ / ପଛକଥାକୁ ପୁନରାବୃତ୍ତି କରି ଲାଭ କ'ଣ?" (ପୃ.୨୨) କେବଳ ପ୍ରଶ୍ନ ପରେ ପ୍ରଶ୍ନ। ସବୁ ଯେମିତି ଅସମାହିତ ହୋଇ ରହି ଯାଇଛି ରହସ୍ୟଘେରରେ। କେବେ ଶ୍ରମଣର ଭାଗ୍ୟ ନେଇ ସମାଜକୁ ଦେଖିଛନ୍ତି ତ; ପୁଣି କେବେ ଖୋଲା ଆକାଶର ପକ୍ଷୀଟିଏ ଭଳି ସ୍ୱାଧୀନ ମତ ଜାହିର୍ କରିବାର ହିମ୍ମତ ରଖିଛନ୍ତି। ଏସବୁ ସତ୍ତ୍ୱେ ତାଙ୍କ ପ୍ରଶ୍ନର ଉତ୍ତର ମିଳିନି ତାକୁ। ବାରମ୍ବାର ପଗ୍ରରି ଗ୍ରଲିଛି କବିର ପ୍ରାଣ ପୁରୁଷ। ନା ମିଳିଛି ଉତ୍ତର ନା ମିଳିଛି ବିଭାଜ୍ୟର ଭାଗଫଳ। ଭାଗ୍ୟରେଖା ଉପରେ ଆସ୍ଥା ରଖିନାହାନ୍ତି କବି ରାଉତ। ଜୀବନ ପ୍ରତି ସଶ୍ରଦ୍ଧ ସ୍ୱୀକୃତ ଏବଂ ଅଙ୍ଗୀକାରବଦ୍ଧତାକୁ ନେଇ କବି ନିଜର କର୍ମ ଉପରେ ବିଶ୍ୱାସ ରଖିଛନ୍ତି। ସୁତରାଂ କବି ଘୋଷଣା କରନ୍ତି - "ହାତ ପାପୁଲିରେ ନଥାଏ କାହାର ଭାଗ୍ୟ କି ଭବିଷ୍ୟତ / ସେଇ ଦିନର ସେଇ ଗାଈଆଳ ଟୋକା ଓ ଅଧାରୁ ପାଠ ଛାଡ଼ିଥିବା / ପିଲାମାନେ ଏବେ ଜଣେ ଜଣେ ସୁନାମଧନ୍ୟ ବ୍ୟକ୍ତି / କିଏ ଇଂଜିନିୟର; ପୁଣି କିଏ ଡାକ୍ତର / କିଏ ବିଶ୍ୱବିଜୟୀ କ୍ରୀଡ଼ାବିତ୍ ତ; କିଏ ସୁଦକ୍ଷ ପ୍ରଶାସକ।" (ପୃ. ୨୪) ଆଦିବାସୀ ଅଧ୍ୟୁଷିତ କୋରାପୁଟ ଅଂଚଳରୁ (ଅରଣ୍ୟରୁ) ସାଉଁଟି ଆଣିଥିବା ସତରଟି ବୀଜ ଏବେ ଆପଣାର ନିରବଚ୍ଛିନ୍ନ ସାଧନାରେ କି ରି ଅସହାୟ ପଥିକଙ୍କ ଆଶ୍ରୟର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି, ତାହା ବର୍ଣ୍ଣନା କରିବାକୁ କବି ବିସ୍ମରି ନାହାନ୍ତି। ନିଜର କର୍ତ୍ତବ୍ୟ ପରାୟଣ ଏବଂ ଏକାଗ୍ରତା ହିଁ ପ୍ରତ୍ୟେକ ମଣିଷକୁ ଶୀର୍ଷ ସୋପାନରେ ପହଞ୍ଚାଇ ଥାଏ ବୋଲି କବି ପରୋକ୍ଷରେ ପ୍ରକାଶ କରିଛନ୍ତି। 'ନିଜ ପାଇଁ ନିଜ' ଦର୍ଶନକୁ ପରିତ୍ୟାଗ କରି ଜନ କଲ୍ୟାଣରେ ଜୀବନକୁ ବାଜି ଲଗାଇ ପାରିଲେ ଜୀବନ ହେବ ଧନ୍ୟ ଏବଂ ସାର୍ଥକ। ହୁଏତ ଏଇଥି ପାଇଁ କବି କଣ୍ଠର ସ୍ୱର ଓ ସରମନ୍ - "ସତରଟି ବୀଜ ଏବେ ଆପଣାର ପ୍ରୟାସରେ / ଅନେକ ଅସହାୟ ପଥିକଙ୍କ ଆଶ୍ରୟର ଉତ୍ସ।" (ପୃ. ୨୫) (କ୍ରମଶଃ)



ଡ. ରାଧାରଂଜନ ପଟ୍ଟନାୟକ
କାଦ୍ରାବାଦ, ସୁନହଟ, ବାଲେଶ୍ୱର,
ମୋ: ୯୪୩୮୨୯୦୦୭୨



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ବମ୍ ତୁଲ୍ ବୁଖାରା



୬

ଦୀପକ ରଂଜନ ମିଶ୍ର

# ॥ ଶହୀଦ ମହାବୀର ସିଂହ ॥

(ଅନ୍ତିମ ଭାଗ)




ଜେଲର୍ ଉପରକୁ ହାତ ଉଠାଇଥିବା ଅଭିଯୋଗରେ ମହାବୀର ସିଂହଙ୍କୁ ତିରିଶ ବେତ ପ୍ରହାରର ଦଣ୍ଡବିଧାନ । ଏଇ ପ୍ରହାର ଏମିତି ହେବା ଦରକାର ଯେମିତି ଆଉ କେବେ କୌଣସି ଭାରତୀୟ କୈଦୀ ଜେଲ୍ ଅଧିକାରୀଙ୍କ ଉପରକୁ ହାତ ଉଠାଇବା ତ ଦୂରର କଥା ସେ ବିଷୟରେ ଚିନ୍ତା ମଧ୍ୟ କରିବାକୁ ଭୟ କରିବ । ସେଇଥିପାଇଁ ଜେଲ୍ ଭିତରେ ପ୍ରସ୍ତୁତି ଚାଲେ । ଯେଉଁ ବେତରେ ମାରିବାର ଅଛି ତାକୁ ପାଣିରେ ବତୁରାଇ ଦିଆଯାଏ । ଜଣେ ହଟ୍ଟା କଟ୍ଟା କୈଦୀକୁ ବଛାଯାଏ ଏଇ କାର୍ଯ୍ୟ ପାଇଁ । ତାକୁ ପ୍ରଚୁର ମଦ ପିଆଇ କୁହାଯାଏ ପ୍ରତ୍ୟେକ ପାହାରରେ ଚମଡ଼ା ନିଶ୍ଚିତ ଫାଟିବା ଆବଶ୍ୟକ ବୋଲି । ଯେତେଟା ପାହାରରେ ଆଶାନୁରୂପ କ୍ଷତ ସୃଷ୍ଟି ନହେବ ସେତିକିଟା ପାହାର ଗଣି ଗଣି ତା' ପିଠିରେ ପଡ଼ିବ । ଆଉ ପ୍ରତ୍ୟେକ ପାହାର ଯଦି ଚମଡ଼ା ଫଟାଇ ଗଭୀର କ୍ଷତ ସୃଷ୍ଟି କରେ ତେବେ ତାକୁ ପୁରସ୍କୃତ କରାଯିବ । ଏଭଳି ପ୍ରସ୍ତୁତି ଦେଖି ମହାବୀର ସିଂହଙ୍କ ଅନେକ କୈଦୀ ସାଥୀ ଆତଙ୍କିତ ହୋଇ ପଡ଼ନ୍ତି । ଜୟଦେବ କପୁର ଓ ଡା. ଗୟାପ୍ରସାଦ କିନ୍ତୁ ଆଦୌ ବିଚଳିତ ହୁଅନ୍ତି ନାହିଁ । ବରଂ ମହାବୀରଙ୍କ ମନୋବଳକୁ ଆହୁରି ଦୃଢ଼ କରିବାର ଉଦ୍ୟମ କରନ୍ତି ବିଭିନ୍ନ କଥା କହି । ଏହାତ କ୍ରାନ୍ତିକାରୀ ପାଇଁ ଏକ ସୁଯୋଗ । ମାତୃଭୂମି ପ୍ରତି ଆପଣା ପ୍ରଗାଢ଼ ମମତ୍ୱଭାବ ପ୍ରଦର୍ଶନର ଏକ ଅବସର । ରାଣାସାଙ୍ଗା, ରାଣାପ୍ରତାପଙ୍କ ରାଜପୁତ ରକ୍ତ ପ୍ରବାହିତ ମହାବୀରଙ୍କ ଶିରା ପ୍ରଶିରାରେ । କେବେ ମୁଣ୍ଡ ନୁଆଁଇବା କି ପରାଜୟ ସ୍ୱୀକାର କରିବା ଠାକୁର୍‌ମାନଙ୍କ ଗୁଣସୂତ୍ରରେ ନଥାଏ ।

ମହାବୀର ସିଂହଙ୍କୁ ଜେଲ ପରିସର ଭିତରେ ଥିବା 'ଟିକ୍‌ଟିକି' ପାଖକୁ ନିଆଯାଏ । ଏହା ଏକ ତିନିକାଠିଆ । ତାର ଗୋଡ଼ ମାନଙ୍କୁ ମଜଭୁତ କରି ମାଟି ଭିତରେ ପୋତି ଦିଆହୋଇଥାଏ । ମହାବୀରଙ୍କୁ ସମ୍ପୂର୍ଣ୍ଣ ନିର୍ବସ୍ତ୍ର କରି ତାଙ୍କ ଦୁଇହାତକୁ ଟିକ୍‌ଟିକିର ଉପରୁ ଝୁଲୁଥିବା ଲୁହାକଡ଼ିରେ ବାନ୍ଧିଦିଆଯାଏ । ଦୁଇଗୋଡ଼କୁ ସେମିତି ତଳେଥିବା ଲୁହାକଡ଼ିରେ ଶକ୍ତଭାବେ ବନ୍ଧାଯାଏ । ଅଣ୍ଟା ପାଖରେ ବି ଗୋଟେ ଶକ୍ତ ବନ୍ଧନ । ଆଉ ଯେତେ କଷ୍ଟ ହେଲେ ସୁଦ୍ଧା ସାମାନ୍ୟ ହଲିବାର ବି ସମ୍ଭାବନା ନାହିଁ । ଖୋଲା ନିତମ୍ବ ଓ ପିଠିରେ ବେତ ସାହାଯ୍ୟରେ ଚିତ୍ର ଅଙ୍କନର ପ୍ରସ୍ତୁତି ପର୍ବ ସରିବାରୁ ଜେଲର୍ ଆପଣା ଦଳବଳ ସହିତ ବେତ ପ୍ରହାରର ଭରପୂର ଆନନ୍ଦ ନେବାପାଇଁ ସେଠାରେ ଆସି ଉପସ୍ଥିତ ହୁଅନ୍ତି । ମୁଖ୍ୟ ୱାର୍ଡ଼ରଙ୍କୁ କାର୍ଯ୍ୟକ୍ରମ ଆଗେଇ ନେବାପାଇଁ ଆଦେଶ ମିଳେ । ମନୋନୀତ କୈଦୀ ଜଣକ ନହକା ବେତଟିକୁ ଉଠାଇ ପବନରେ ଥରେ ବୁଲାଇ ଆଣିବାରୁ ଉତ୍ପନ୍ନ ହୋଇଥିବା 'ସାଏଁ' ଶବ୍ଦଟି ଜେଲ ପରିସର ଭିତରେ ପ୍ରତିଧ୍ୱନି ତୋଳି ଅନ୍ତେବାସୀଙ୍କୁ ଥରାଇଦିଏ । ପଥର ଚଟାଣ ଭଳି ପ୍ରତିକ୍ରିୟା ଶୂନ୍ୟ ମହାବୀର ଘାତକର ଶକ୍ତି ପରଖିବା ପାଇଁ ଥାଆନ୍ତି ପ୍ରସ୍ତୁତ । ଘାତକ, ଦୁଇପାଦ ପଛକୁ ଘୁଞ୍ଚି, ବେତଟିକୁ ଦୁଇହାତରେ ଶକ୍ତଭାବରେ ଧରି ମହାବୀର ସିଂହଙ୍କ ପିଠିରେ ପ୍ରହାର କରେ । ଶକ୍ତ ପ୍ରହାରରେ ପିଠିର ଚମଡ଼ା ଦୁଲୁକି ଫାଟିଯାଏ । ରକ୍ତ ଧାର ଧାର ହୋଇ ବୋହିଆସେ । ମୁଖ୍ୟ ୱାର୍ଡ଼ର ଗଣତି ଆରମ୍ଭ କରନ୍ତି 'ଏକ୍' ! ଘାତକ ପୁଣି ବେତ ସମ୍ଭାଳି ସେତିକି ଶକ୍ତିର ସହ ଆଉ ଗୋଟେ ଭିନ୍ନ ଜାଗାରେ ବସାଏ ପାହାର । ସେଇ ଜାଗାର ଚମଡ଼ା ବି ଦୁଲୁକି ଫାଟିଯାଏ । ରକ୍ତ ଝରିବା ଆରମ୍ଭ ହେବା ବେଳକୁ ମୁଖ୍ୟ ୱାର୍ଡ଼ର ଗଣତି ଆଗକୁ ବଢ଼ାନ୍ତି 'ଦୁଇ' ! ଭରପୂର ଶକ୍ତି ତଥା ସଙ୍କଳ୍ପର ସହିତ କୈଦୀ ଘାତକର ପ୍ରହାର ମହାବୀର ସିଂହଙ୍କର ନିର୍ବସ୍ତ୍ର ନିତମ୍ବ ଉପରେ ମଧ୍ୟ ପଡ଼ିବାକୁ ଲାଗେ । ଏଥର ରକ୍ତ ପିଚ୍‌କାରୀ ମାରିବା ଭଳି ବାହାରିବା ସହ ଛୋଟ ଛୋଟ ମାଂସ ଟୁକୁଡ଼ା ଛିଟ୍‌କିବା ଆରମ୍ଭ କରେ । ଟିକ୍‌ଟିକିର ତଳେ ରକ୍ତ ମନ୍ଦା ମନ୍ଦା ହୋଇ ଜମିଯାଏ । ସେଇ କ୍ରାନ୍ତିବୀର ବି କୋଉ ଦବିବାର ଲୋକ । ପ୍ରତ୍ୟେକ ପ୍ରହାର ବେଳକୁ ଅଧିକ ଉତ୍ସାହର ସହ ଭୀମଗର୍ଜନ କରି 'ଇନ୍‌କିଲାବ୍ ଜିନ୍ଦାବାଦ୍' ଉଚ୍ଚାରଣ କରି ଚାଲିଥାନ୍ତି । ଗଣତି ପୂରା ହେବାରୁ ଟିକ୍‌ଟିକିରୁ ମହାବୀର ସିଂହଙ୍କ ହାତଗୋଡ଼ ଖୋଲିଦିଆଯାଏ । ତାଙ୍କୁ ଟେକିନେବା ପାଇଁ ୱାର୍ଡ଼ରମାନେ ଷ୍ଟ୍ରେଚର ଆଣିବାରୁ ତାକୁ ଗୋଟେ ଗୋଇଠା ମାରି, ଘୃଣାପୂର୍ଣ୍ଣ ଚକ୍ଷୁରେ ଜେଲର୍‌ଙ୍କ ଆଡ଼କୁ ଅନାଇ ପୁଣିଥରେ 'ଇନ୍‌କିଲାବ୍ ଜିନ୍ଦାବାଦ୍' ଉଚ୍ଚାରଣ କରି ବିନା କାହାରି ସହାୟତାରେ ଆସ୍ତେ ଆସ୍ତେ ନିଜ କୋଠରୀ ଆଡ଼କୁ ଚାଲିଯାଆନ୍ତି ମହାବୀର ସିଂହ । ଉପସ୍ଥିତ ଜେଲ୍ କର୍ମଚାରୀମାନେ ପଥର ଚଟାଣ ଭଳି ମଜଭୁତ୍ ବ୍ୟକ୍ତିତ୍ୱକୁ ଦେଖି ସ୍ତବ୍ଧ ହୋଇଯାଆନ୍ତି ।

ଶେଷକୁ ମହାବୀର ସିଂହଙ୍କୁ କଳାପାଣି ପଠାଇବାର ବ୍ୟବସ୍ଥା କରାହୁଏ । ବଙ୍ଗ, ବିହାର, ଉତ୍ତରପ୍ରଦେଶ ତଥା ପଞ୍ଜାବରୁ ସମୁଦାୟ ୮୪ ଜଣ ଉଦ୍ଦଣ୍ଡ କୈଦୀଙ୍କ ଏକ ଦଳ ଆଣ୍ଡାମାନ୍‌ର ସେଲ୍ୟୁଲାର ଜେଲରେ ପହଞ୍ଚେ । ଉଦାସ ହେବା ପରିବର୍ତ୍ତେ ସେମାନଙ୍କ ଭିତରେ ଥାଏ ଅପୂର୍ବ ଉତ୍ସାହ । ସତେ ଯେମିତି ସେମାନେ ପିକ୍‌ନିକ୍ କରିବାକୁ ଯାଉଛନ୍ତି କୋଉଠିକୁ ! ଜେଲ୍ ଭିତରେ ବି ହସଖୁସି, ଥଟ୍ଟାମଜା । କ୍ରାନ୍ତିକାରୀଙ୍କ ଏଭଳି ଆଚରଣ ଜେଲ କର୍ତ୍ତୃପକ୍ଷଙ୍କୁ ଆଦୌ ପସନ୍ଦ ହୁଏନା । ୧୯୨୯ ମସିହାରେ ଜତୀନ୍ ଦାସଙ୍କ ବଳିଦାନ ପରେ ଯେଉଁସବୁ ସୁବିଧା କ୍ରାନ୍ତିକାରୀ କୈଦୀମାନଙ୍କୁ ଦିଆହେଉଥିଲା ସେସବୁ ପ୍ରତ୍ୟାହାର କରିନେବାକୁ ସ୍ଥିର କରାଯାଏ । କଠିନରୁ କଠିନ କାମ ଆଦାୟ କରିବା ସହ ସେମାନଙ୍କୁ ଦିଆଯାଏ ଅତି ନିକୃଷ୍ଟ ଧରଣର ଖାଦ୍ୟ । ଭାତରେ ବାଲି ମୁଠାଏ ପକାଇ ବାଢ଼ିଦିଆଯାଏ । ଖାଦ୍ୟରୁ ପଚାଗନ୍ଧ ବାହାରୁଥିବା ବେଳେ ପୋକ ସାଲୁବାଲୁ ହେଉଥାନ୍ତି । ନାକଟେକି ଜଣେ କେତେ ଓପାସରେ ରହିବ ? ଆଖି ବୁଜି ଖାଇବାକୁ ପଡ଼େ ବାଧ୍ୟହୋଇ । ରାତିରେ ସେଲ୍ ଭିତରେ ଆଲୁଅର ବ୍ୟବସ୍ଥା ନଥାଏ । ମଶା, ଡାଆଁସ, ବିଛା ଓ ସାପଙ୍କ ମେଳରେ କେମିତି ରହିବ ମଣିଷ ? ଏସବୁର ଘୋର ପ୍ରତିବାଦ କରି ସାମୁହିକ ଅନଶନର ପ୍ରସ୍ତାବ ଆଗତ ହେବାରୁ ଜଣେ ସାଥୀ ସ୍ଥିତିର ସମୀକ୍ଷା କରି କହନ୍ତି, "ଭାରତର ଯେକୌଣସି ଜେଲ୍ ଭିତରେ ଅନଶନ କଲେ ତା'ର ପ୍ରଚାର ପ୍ରସାର ସମ୍ଭବ । ତେଣୁ କର୍ତ୍ତୃପକ୍ଷ ଟିକେ ସଚେତନ ହୁଅନ୍ତି । ହେଲେ କଳାପାଣିର ଏଇ କାଳ କୋଠରୀରୁ ଆମ ଅନଶନର ଖବର ବାହାରକୁ ଯିବାର ସମ୍ଭାବନା ହିଁ ନାହିଁ । ତେଣୁ ଅନଶନ କରି କି ଲାଭ ? ଆମେ ଭୋକରେ ରହି ରହି ମୃତ୍ୟୁବରଣ କଲେ ଏମାନେ ତାଙ୍କ ରେଜିଷ୍ଟରରେ ଲେଖିଦେବେ ଅମୁକ୍ କୈଦୀ ଡାଇରିଆରେ ତ ସମୁକ୍ କୈଦୀ ନିମୋନିଆଁରେ ମରିଗଲା ବୋଲି । ତେଣୁ ଆମ ଅନଶନ କରିବା ବ୍ୟର୍ଥ ହେବାସହ ଆମେ ଆମର କିଛି ସାଥୀଙ୍କୁ ହରେଇବା ହିଁ ସାର ହେବ । ତାଙ୍କ ଯୁକ୍ତି ଶହେ ପ୍ରତିଶତ ଠିକ୍ ଥିଲେ ବି ମହାବୀର ସିଂହ କୋଉ ହାର ମାନିବା ଲୋକ ଯେ ! ସେ ଆପଣା ପ୍ରସ୍ତାବ ଉପରେ ଜୋର ଦେଇ କହନ୍ତି, "ଅନଶନ ଲମ୍ବା ଚାଲିବନି । ପ୍ରଥମରୁ ହିଁ ଆମର ପ୍ରଚେଷ୍ଟା ରହିବ ଯେମିତି ଦୁଇ ଚାରିଜଣ ଆପଣା ବଳିଦାନ ଦେଇଦେବେ । ମରିବା ପାଇଁ ମନସ୍ଥ କରିଦେଲେ ପୃଥିବୀର ଆଉ କୌଣସି ଶକ୍ତି ଆମକୁ ବଞ୍ଚାଇ ରଖି ପାରିବନି । ଆମେ ଚେଷ୍ଟା କରିବା ଆମ ଅନଶନର ଖବର କୌଶଳ କ୍ରମେ ଭାରତ ଭୂଖଣ୍ଡରେ ପହଞ୍ଚାଇବା ପାଇଁ । ତାହା କେମିତି ପଠାଯିବ ସେଇ ଦାୟିତ୍ୱ ମୋର ।" ସମସ୍ତଙ୍କୁ ମହାବୀର ସିଂହଙ୍କ ପ୍ରସ୍ତାବ ପସନ୍ଦ ହୁଏ । ସାମୁହିକ ଅନଶନ କରିବାବେଳେ ତାଙ୍କ ଭିତରୁ ଦୁଇଜଣ ବଳାତ୍‌ପାନର ଶକ୍ତ ବିରୋଧ କରିବା ସହ ମରିବା ପାଇଁ ମାନସିକ ରୂପେ ପ୍ରସ୍ତୁତ ହୋଇରହିବାକୁ ସ୍ଥିର କରାଯାଏ । ସେଇ ଦୁଇଜଣଙ୍କ ଚୟନ ପ୍ରକ୍ରିୟା ଆରମ୍ଭ ହୁଏ । ମହାବୀର ସିଂହ ନିଜକୁ ସେଭିତରୁ ଜଣେ ବୋଲି ଘୋଷଣା କରିବା ସହ ଆଉଜଣକ ପାଇଁ ଲଟେରୀ ଉଠାଣର ପ୍ରସ୍ତାବ ରଖନ୍ତି । ସାଥୀମାନେ ଯିଦ୍ ଧରନ୍ତି ଯେ ଲଟେରୀ ଯଦି କରାଯିବ ତେବେ ଜଣକ ପାଇଁ ନୁହେଁ ଦୁଇଜଣଙ୍କ ପାଇଁ । ମହାବୀର ସିଂହ ତାଙ୍କ ସ୍ଥାନ ଆଗୁଆ ସଂରକ୍ଷିତ ରଖିବେ କାହିଁକି ? ମାତୃଭୂମି ପାଇଁ ବଳିଦାନ ଦେବାରେ ସମସ୍ତଙ୍କର ସମାନ ଅଧିକାର ଅଛି । ସ୍ଥିତିର ସମାଧାନ ପାଇଁ ଶେଷକୁ ଦୁଇଜଣଙ୍କ ପାଇଁ ଲଟେରୀ ଉଠାଇବାର ନିଷ୍ପତ୍ତି ହୁଏ । ୮୪ ଟି ନାଁକୁ ଛୋଟ ଛୋଟ କାଗଜଖଣ୍ଡରେ ଲେଖି ଏକ ମାଠିଆ ଭିତରେ ରଖି ମିଶାଇ ଦିଆଯାଏ । ସେମାନେ ତାଙ୍କ ଭିତରୁ ନେତା ଓ ଉପନେତାର ଚୟନ କରୁଛନ୍ତି ବୋଲି ବାହାନା କରି ଜଣେ ଜେଲ୍ କର୍ମଚାରୀଙ୍କୁ ଅନୁରୋଧ କରାଯାଏ ସେଥି ମଧ୍ୟରୁ ଦୁଇଟି ଚିରକୁଟ୍ ଉଠାଇବା ପାଇଁ । କର୍ମଚାରୀ ଜଣକ ମାଠିଆ ଭିତରୁ ଦୁଇଟି ଚିରକୁଟ୍ ଉଠାଇ ମହାବୀର ସିଂହଙ୍କ ହାତକୁ ବଢ଼ାଇ ଦିଅନ୍ତି । ଗୋଟିକରେ 'ମୋହନ କିଶୋର ନାମଦାସ' ତଥା ଅନ୍ୟଟିରେ ଲେଖାଥାଏ 'ମୋହିତ ମୈତ୍ରେୟ' । ଉଭୟେ ଥିଲେ ବୀର ବଙ୍ଗଭୂମିର ଦୁଇ ତରୁଣ କ୍ରାନ୍ତିକାରୀ । ନିଜ ନିଜ ନାଁ ଦେଖି ଦୁହେଁ ସେଇ ଜେଲ ପରିସର ଭିତରେ ଖୁସିରେ ନାଚିପକାନ୍ତି । ଯିଏ ଦେଖିଲେ ଭାବିବ ସତେ ଯେମିତି ଦୁହିଁଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କାର ଲଟେରୀ ଫିଟିଛି । ଏହା ଥିଲା ପ୍ରକୃତରେ ମୃତ୍ୟୁର ଲଟେରୀ । ଦୁହେଁ ଅତି କମ୍ ବୟସର ହୋଇଥିଲେ ସୁଦ୍ଧା ସମସ୍ତଙ୍କୁ ଭାଗ୍ୟଦେବୀଙ୍କର ଏଇ ନିର୍ଣ୍ଣୟ ସ୍ୱୀକାର କରିବାକୁ ପଡ଼େ । ମହାବୀର ସିଂହ କିନ୍ତୁ କହନ୍ତି, "ଏଇ ଫୁଲପରି କୋମଳ କିଶୋର ଦୁଇଟିଙ୍କୁ ମୃତ୍ୟୁର ଗହ୍ୱର ଭିତରକୁ ଠେଲିଦେବାକୁ ମୁଁ କେବେ ରାଜି ହେବିନାହିଁ । ନୈସର୍ଗିକ ନ୍ୟାୟର ଅବହେଳନା କରିବା ମୋର ଲକ୍ଷ୍ୟ ନୁହେଁ । ଏଇ ଲଟେରୀ ଉଠାଣର ପ୍ରସ୍ତାବ ମୋର ହିଁ ତ ଥିଲା । ତେଣୁ ତୃତୀୟ ସାଥୀ ହିସାବରେ ଆତ୍ମବଳିଦାନ ପଥର ପଥିକ ସାଜିବି ଏମାନଙ୍କ ସହ ।" ତାଙ୍କୁ ପ୍ରତିବାଦ କରିବା ସମ୍ଭବ ହୋଇ ପାରେନି । ଜେଲ ଅଧିକାରୀଙ୍କୁ ସାମୁହିକ ଅନଶନର ନୋଟିସ୍ ଦେଇଦିଆଯାଏ । ଜଣେ ୱାର୍ଡ଼ରଙ୍କୁ ପଟାଇ ମହାବୀର ସିଂହ ଏଇ ପ୍ରସ୍ତାବିତ ଅନଶନର ଖବର ଭାରତର ଜଣେ ନାମୀ ପତ୍ରକାରଙ୍କ ପାଖକୁ ପଠାଇବାରେ ସଫଳ ହୁଅନ୍ତି ।

୧୯୩୩ ମସିହାର ମଇ ମାସ । ଭୀଷଣ ଗରମ ତଥା ଗୁଳୁଗୁଳି ହେବାର ବେଳ । ଅନଶନ ପାଇଁ ଆଦୌ ଉପଯୁକ୍ତ ସମୟ ନଥିବା ସତ୍ତ୍ୱେ ସେଲ୍ୟୁଲାର ଜେଲ ଭିତରେ ସାମୁହିକ ଅନଶନ ଆରମ୍ଭ ହୋଇଯାଏ । ପ୍ରତିକୂଳ ପାଗ ଯୋଗୁଁ ଆରମ୍ଭର ତିନିଦିନ ଭିତରେ ହିଁ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂଘାତିକ ହେବାକୁ ଲାଗେ । ଜେଲ ଅଧିକାରୀ ଆଉ ଅଧିକ ପ୍ରତୀକ୍ଷା ନକରି ବଳାତ୍‌ପାନର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଅନ୍ତି । ମହାବୀର ସିଂହଙ୍କ ଏହା ବିରୁଦ୍ଧରେ ଲଢ଼େଇ କରିବାର ଥାଏ ଅନେକଦିନରୁ ଅନୁଭବ । ସେ ପୂର୍ବଭଳି ଲଢ଼େଇ ଆରମ୍ଭ କରିଦିଅନ୍ତି । ଅନେକ ସମୟର କୁସ୍ତିପରେ ପଠାଣ କୈଦୀମାନେ ମହାବୀରଙ୍କୁ କାବୁ କରିବାରେ ସଫଳ ହୁଅନ୍ତି । ତାଙ୍କୁ ତଳେ ପକାଇ ଚଢ଼ିଯାଆନ୍ତି ସମସ୍ତେ । ଡାକ୍ତର ତାଙ୍କ ଛାତି ଉପରେ ଆଣ୍ଠୁମାଡ଼ି ବସି ଜୋରକରି ରବର ପାଇପ୍‌ଟିକୁ ପୂରାଇ ଦିଏ ନାକ ଭିତରେ । ସେଇ ସମୟରେ ପାରୁପର୍ଯ୍ୟନ୍ତ କାଶି ମଧ୍ୟ ମହାବୀର ପାଇପ୍‌ଟିକୁ ପାଟି ଭିତରକୁ ଆଣିବାରେ ବିଫଳ ହୁଅନ୍ତି । ତାହା ଖାଦ୍ୟ ନଳୀ ପରିବର୍ତ୍ତେ ଶ୍ୱାସନଳୀ ଭିତରକୁ ଚାଲିଯାଏ । ପ୍ରାୟ ଗୋଟେ ଲିଟର କ୍ଷୀର ଢାଳିଦିଆଯାଏ ସେଇ ପାଇପ୍ ବାଟେ । ଫୁସ୍‌ଫୁସ୍ ଭିତରକୁ ପ୍ରଚୁର ମାତ୍ରାରେ କ୍ଷୀର ଭରିଯିବାରୁ ଛାତି ଦୁହିଁ ପ୍ରବଳ କାଶ ଉଠେ । ପାଣି ବିନା ମାଛ ଭଳି କିଛି ସମୟ ଛଟକିବା ପରେ ତାଙ୍କ ଡୋଳା ଲେଉଟିଯିବା ସହ ଅଚେତ୍ ହୋଇଯାଆନ୍ତି ମହାବୀର ସିଂହ । କ୍ଷୀର ପେଟଭିତରେ ପହଞ୍ଚାଇବାରେ ସଫଳ ହୋଇଥିବାରୁ ଖୁସି ମନରେ ଡାକ୍ତର ତାଙ୍କ ଦଳବଳ ସହ ଫେରିଯାଆନ୍ତି । ଅନେକ ସମୟ ଯାଏଁ କୌଣସି ସୋରଶବ୍ଦ ନଶୁଭିବାରୁ ପାଖ ସେଲ୍‌ରେ ରହୁଥିବା ତାଙ୍କ ବନ୍ଧୁ ଡା. ଗୟାପ୍ରସାଦ ଖୁବ୍ ଚିନ୍ତିତ ହୋଇ ବନ୍ଧୁଙ୍କ ନାଁ ଧରି ବଡ଼ପାଟିରେ ଡାକନ୍ତି । ସେପଟୁ କୌଣସି ଉତ୍ତର ନଫେରିବାରୁ ଅଘଟଣର ଆଶଂକାରେ ଚିତ୍କାର କରି ଅନ୍ୟ ସାଙ୍ଗମାନଙ୍କୁ ସେ ବିଷୟରେ ସୂଚିତ କରିବାକୁ ଲାଗନ୍ତି ଗୟାପ୍ରସାଦ । ପାଖ କୋଠରୀରୁ କେବଳ ଥରେମାତ୍ର ଅସ୍ୱଷ୍ଟ କଣ୍ଠର ଶବ୍ଦ ଶୁଭେ – "ଗୁଡ୍ ବାଏ" ! ଏଇ ଶବ୍ଦ ଡା. ଗୟାପ୍ରସାଦଙ୍କ ପାଦ ତଳୁ ମାଟି ଖସାଇଦିଏ । ବୋଧେ ଏଇଠି ସରିଯାଉଛି ଏକ ଜୀବନ ! କିନ୍ତୁ ମଣିଷ କେତେ ଅସହାୟ ଯେ ବନ୍ଧୁଙ୍କ ଅନ୍ତିମ ମୁହୂର୍ତ୍ତରେ ତାଙ୍କ ପାଖରେ ଦଣ୍ଡେ ଠିଆ ହେବା ତ ଦୂରର କଥା ତାଙ୍କୁ ଆଖି ପୂରାଇ ଦେଖିବା ବି ସମ୍ଭବ ହୋଇ ପାରୁନି । କୈଦୀମାନଙ୍କ ସାମୁହିକ ଚିତ୍କାରରେ କିଛି ଅଘଟଣର ଆଶଂକା କରି ପ୍ରାୟ ଦେଢ଼ଘଣ୍ଟା ପରେ ଜେଲ୍‌ର ଡାକ୍ତର ଆସନ୍ତି । ଅବସ୍ଥା ସେତେବେଳକୁ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ । ମହାବୀର ସିଂହଙ୍କୁ ଷ୍ଟ୍ରେଚରରେ ଉଠାଇ ଜେଲ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଏ । ତାଙ୍କ କୋଠରୀ ସାମ୍ନା ଦେଇ ନେଲାବେଳେ ଗୟାପ୍ରସାଦ ସେଇ ଯାହା କ୍ଷଣକପାଇଁ ବନ୍ଧୁଙ୍କ ଦର୍ଶନ କରିବାର ସୁଯୋଗ ପାଆନ୍ତି । ସମସ୍ତେ ଖୁବ୍ ବ୍ୟଗ୍ର ହୋଇ ଅପେକ୍ଷା କରି ରହନ୍ତି ମହାବୀର ସିଂହଙ୍କ ପ୍ରତ୍ୟାବର୍ତ୍ତନକୁ । ହେଲେ ନା ସେ ଫେରନ୍ତି ନା ଆସେ ତାଙ୍କ ବିଷୟରେ କୌଣସି ଖବର । କେତେଦିନ ପରେ ଜଣେ ୱାର୍ଡ଼ରକୁ ଏକୁଟିଆ ପାଇ କାବୁ କରିନିଅନ୍ତି ଡା. ଗୟାପ୍ରସାଦ । ମହାବୀର ସିଂହଙ୍କ ବିଷୟରେ କ'ଣ ହୋଇଛି ତାହା ନଜଣାଇଲେ ତାକୁ ଆଦୌ ଛାଡ଼ିବେନି ବୋଲି ଧମକ୍ ଦେବାରୁ ସେ ଡରି ଡରି ଏପଟ ସେପଟକୁ ଅନାଇ କହେ, "ବାବୁ ! ସେଇ ବାବୁ ସେଦିନ ରାତିରେ ହିଁ ମରିଯାଇଥିଲେ । କାଳ ବିଳମ୍ବ ନକରି ତାଙ୍କ ଦେହରେ ପଥର ବାନ୍ଧି ତାଙ୍କୁ ସେଇ ରାତ୍ରିର ଅନ୍ଧକାର ଭିତରେ ସମୁଦ୍ର ଗର୍ଭକୁ ଫିଙ୍ଗି ଦିଆଯାଇଥିଲା ।"

କ୍ରାନ୍ତିକାରୀଙ୍କ ବଳିଦାନର ବାର୍ତ୍ତା କ୍ଷଣକ ଭିତରେ ସାରା ଜେଲ୍‌ରେ ପ୍ରଚାରିତ ହୋଇଯାଏ । ସାଥୀଙ୍କ ବିଚ୍ଛେଦରେ ଧାର ଧାର ଲୁହ ଗଡ଼ିଆସୁଥିବା ବେଳେ ନୂତନ ଉତ୍ସାହରେ ଆମରଣ ଅନଶନ ଜାରି ରହେ । ବଙ୍ଗଭୂମିର ଦୁଇ ବୀର ସନ୍ତାନ ମୋହନ କିଶୋର ନାମଦାସ ସେଇ ମାସ ୨୬ ତାରିଖରେ ତଥା ମୋହିତ ମୈତ୍ରେୟ ୨୮ ତାରିଖରେ ଆପଣା ସରଦାରଙ୍କ ପଥର ଅନୁଗାମୀ ସାଜି ଶହୀଦ ହୋଇଯାଆନ୍ତି । କେତେଦିନ ହେବ ବନ୍ଦ ରହିଥିବା ମହାବୀର ସିଂହଙ୍କ ସେଲ୍‌ଟିକୁ ଝାଡ଼ୁ ମାରିବାର ଦାୟିତ୍ୱ ଦିଆଯାଏ ଜୟଦେବ କପୁରଙ୍କୁ । ଲୁହ ଢଳଢଳ ଆଖିରେ ବନ୍ଧୁଙ୍କ ସେଲ୍ ଭିତରକୁ ଯାଇ ସେ ଦେଖନ୍ତି ଅନ୍ଧାରୁଆ କୋଣରେ ତାଙ୍କର ବ୍ୟବହୃତ କିଛି କପଡ଼ା ଓ ଗୋଟେ କମ୍ବଳ ପଡ଼ିଥିବାର । ତା'ଭିତରେ ତାଙ୍କ ଡାଏରୀ ଓ ବାପା ଦେଇଥିବା ଗୋଟେ ଚିଠି । ଆଣ୍ଡାମାନରେ ପହଞ୍ଚିବା ପରେ ବାପାଙ୍କ ପାଖକୁ ଗୋଟେ ପତ୍ର ଲେଖିଥିଲେ ମହାବୀର । ଏଇଟା ସେଇ ପତ୍ରର ଉତ୍ତର ଥିଲା । ସେଥିରେ ବାପା ଲେଖିଥାନ୍ତି, "ସାରା ଦେଶରୁ ଚକ୍ ଚକ୍ କରୁଥିବା ହୀରା ପଥରଗୁଡ଼ିକୁ ବାଛି ବାଛି ସରକାର ସେଇ ଟାପୁରେ ନେଇ ଜମା କରୁଛନ୍ତି । ତୁମକୁ ସେଇ ହୀରାମାନଙ୍କ ସହ ରହିବାର ସୁଯୋଗ ମିଳିଥିବାର ଖବର ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ । ସେମାନଙ୍କ ଗହଣରେ ରହି ତୁମେ ଆହୁରି ଉଜ୍ଜ୍ୱଳତା ପ୍ରାପ୍ତ କରିବା ସହ ମୋର ତଥା ଦେଶର ନାମ ରଖ । ମୋର ଆଶୀର୍ବାଦ ସଦା ସର୍ବଦା ତୁମସହ ରହିଛି ।" ଧନ୍ୟ ସେ ପିତାପୁତ୍ର । ଧନ୍ୟ ତାଙ୍କର ଦେଶପ୍ରେମ । ବାପା ଦେବୀସିଂହ ପ୍ରକୃତରେ ଠିକ୍ କହିଥିଲେ । ସେଇ ଟାପୁରେ ସଂଗୃହୀତ ହୀରା ପଥରଗୁଡ଼ିକର ଔଜଲ୍ୟରେ ଶେଷକୁ ସାରା ଦେଶ ଅନ୍ଧାର କବଳରୁ ମୁକୁଳିପାରିଲା । ହେଲେ ଆଲୋକିତ ଭାରତବର୍ଷରେ ସେଇ ହୀରାଗୁଡ଼ିକୁ ବିସ୍ମୃତିର ଗର୍ଭକୁ ନିକ୍ଷେପ କରାଯିବା ହିଁ ହେଉଛି ବାସ୍ତବିକ୍ ବିଡ଼ମ୍ବନା । (ବନ୍ଦେ ମାତରମ୍)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ସ୍ମରଣୀୟ...



ସାଂପ୍ରଦାୟିକତା ସବୁବେଳେ ସଂସ୍କୃତିକୁ ଆଳକରେ । କାରଣ ସମ୍ଭବତଃ ତାଙ୍କୁ ନିଜ ରୂପଟା ହିଁ ଲାଜ ଲାଗିଥାଏ । ସିଂହର ଖୋଳପା ପିନ୍ଧି ଗଧ ଯେମିତି ଜଙ୍ଗଲରେ ଖାତିର ଦେଖାଇ ବୁଲେ, ଠିକ୍ ସେହିପରି ସାଂପ୍ରଦାୟିକତା ମଧ ସଂସ୍କୃତିର ଖୋଳପା ପିନ୍ଧି ଦେଖାଦିଏ । ଉଭୟ ହିନ୍ଦୁ ଓ ମୁସଲ୍‌ମାନ ଖଣ୍ଡପ୍ରଳୟ ଚାହାଁନ୍ତି । ଉଭୟ ନିଜ ସଂସ୍କୃତିକୁ ସ୍ୱତନ୍ତ୍ର ମନେ କରନ୍ତି । ସେମାନେ ଏକଥା ଭୁଲି ଗଲେଣି ଯେ ଏବେ ନା ହିନ୍ଦୁ ନା ମୁସ୍‌ଲିମ୍ ନା ଅନ୍ୟ କୌଣସି ସଂସ୍କୃତି ଅଛି । ଏବେ ସଂସାରରେ କେବଳ ଗୋଟାଏ ସଂସ୍କୃତି ଅଛି ଏବଂ ତାହା ହେଲା ଆର୍ଥିକ ସଂସ୍କୃତି । ମାତ୍ର ଆଜି ବି ଆମେ ସେଇ ହିନ୍ଦୁ-ମୁସ୍‌ଲିମ୍ ସଂସ୍କୃତିକୁ ନେଇ ଲୁହ ଗଡ଼ଉଛେ । ଯଦିଓ ସଂସ୍କୃତିର ଧର୍ମ ସହିତ କୌଣସି ସଂପର୍କ ହି ନାହିଁ । ହିନ୍ଦୁମାନେ ମୂର୍ତ୍ତି ପୂଜକ ହୋଇଥିବା ବେଳେ ମୁସ୍‌ଲିମ୍‌ମାନେ କ'ଣ କବର ଓ ସ୍ଥାନର ପୂଜକ ନୁହଁନ୍ତି କି ? ତାଜିୟାକୁ ସର୍ବତ୍ ଓ ଶିରିଣୀ କିଏ ଅର୍ପଣ କରେ ? ମସ୍‌ଜିଦ୍‌କୁ ଖୁଦାଙ୍କ ଘର ବୋଲି କିଏ ଭାବେ ? ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ଏମିତି ବି ସଂପ୍ରଦାୟ ଅଛନ୍ତି, ଯିଏ ବଡ଼ରୁ ବଡ଼ ପୈଗମ୍ବରଙ୍କ ସାମ୍ନାରେ ମଧ ମୁଣ୍ଡ ନୁଆଇଁବାକୁ ପସନ୍ଦ କରନ୍ତିନି, ଠିକ୍ ସେମିତି ହିନ୍ଦୁମାନଙ୍କ ମଧରେ ମଧ ଗୋଟାଏ ଗୋଷ୍ଠୀ ଏମିତି ଅଛି ଯିଏ ଦେବତାଙ୍କୁ ପଥର ଖଣ୍ଡ ଓ ନଦୀକୁ ପାଣିର ଧାର ଓ ଧର୍ମଗ୍ରନ୍ଥକୁ ଅଲୋଡ଼ା ଭାବେ । ଏମିତିରେ ଦୁଇ ସଂସ୍କୃତି ମଧରେ କୌଣସି ପାର୍ଥକ୍ୟ ଆମକୁ ଦେଖାଯାଏ ନାହିଁ ।

-ପ୍ରେମ୍‌ଚାନ୍ଦ୍

## ଗୋଟିଏ ବହିର ଆଲୋଚନା...






ଫୁଲ ରସିଆ ରେ ... (ଉପନ୍ୟାସ)
ଲେଖକ - ବାଦଲ ମହାନ୍ତି
ପ୍ରକାଶକ - ବର୍ଷା ପ୍ରକାଶନୀ ଭୁବନେଶ୍ୱର
ପୃଷ୍ଠା - ୧୫୨, ମୂଲ୍ୟ - ୧୫୦

ମନକୁ ପଢିବାକୁ ଆସିଛ ! କ'ଣ ଦେହକୁ ପଢ଼ିସାରିଲଣି କି ? ପ୍ରେମରେ ଦେହ ତ ଆଗ, ଏତିକି ବାସ୍ତବତାକୁ ସମସ୍ତେ ଜାଣନ୍ତି, ବୁଝନ୍ତି , ଖୋଜନ୍ତି କିନ୍ତୁ କହିବାକୁ ଲାଜ କରନ୍ତି । ଭଲ ମଣିଷ ହେବାର ଲୋଭରେ ମନକୁ ଜାକିଜୁକି ସେହି ସଂସାର ନାମକ କୂଅ ରେ ବିଚରଣ କରିବାକୁ ବାଧ କରୁଛି । ନଇକୁ ଆସ , ପ୍ରେମ ନଇ କୁ । ଏଠି ଭାସିବ କମ ବୁଡ଼ିବ ବେଶୀ । ବୁଡି ଉଠିଲା ବେଳକୁ ପେଟେ ପିଇକି ଉଠିବ । ସେମିତି ଏକ ପ୍ରେମିକ ପ୍ରବର କବିଙ୍କ ପ୍ରେମ ପାଇଁ ସଂଘର୍ଷର କାହାଣୀ 'ଫୁଲ ରସିଆରେ ...'

ଟିକେ ଡରୁଆ , ଟିକେ ଲାଜୁଆ କିନ୍ତୁ ରମଣ ରେ ମରଣ ଖୋଜୁଥିବା ହିମାଂଶୁ ବାବୁଙ୍କ କାହାଣୀ 'ଫୁଲ ରସିଆରେ ..' ।

ଉପନ୍ୟାସ ରେ ଅଛି ଅଣତିରିଶ ଟି ଅଧ୍ୟାୟ । ପ୍ରଥମ ଅଧ୍ୟୟ ପଢ଼ିବା ଆରମ୍ଭ କଲେ ଶେଷ ଅଧ୍ୟାୟ ର ଶେଷ ଧାଡ଼ି ନପଢିବା ପର୍ଯ୍ୟନ୍ତ ପାଠକର ଶୋଷ ମରିବା ନାହିଁ । ଏହାହିଁ ବୋଧହୁଏ ଲେଖକ ବାଦଲ ମହାନ୍ତିଙ୍କ ଲେଖକୀୟ ନାନ୍ଦନିକତା ।

ମଣିଷ ଜୀବନ ରେ ପ୍ରେମ, ଆକର୍ଷଣ ଓ ସମ୍ଭୋଗ କୁ ସୀମାବଦ୍ଧ ଦୃଷ୍ଟିରେ ନଦେଖି ଏକ ବ୍ୟାପକ ଦୃଷ୍ଟିଭଙ୍ଗୀ ନେଇ ନିରୀକ୍ଷଣ କରିଛନ୍ତି ଔପନ୍ୟାସିକ ବାଦଲ ମହାନ୍ତି ।

ବିବାହିତ ଓ ଗୋଟେ ମେଟ୍ରିକ ପଢୁଆ ପିଲାର ବାପା ମଧ୍ୟବୟସ୍କ ମଣିଷଟେ କୁ ପ୍ରେମର ନିଶା ଚଖେଇଥିବା ସ୍ୱାଧୀନଚେତା ନାୟିକା 'ସ୍ୱୀକୃତି' ମାନେ ଯେ ଏବେ ସମାଜରେ ଅନେକ । ଯିଏ ସାମାଜିକ ବନ୍ଧନ କୁ ଖାତିର କରନ୍ତି ନାହିଁ । ନାରୀ ପାଇଁ ଥିବା ସବୁ ନିୟମକାନୁନ କୁ ଭାଙ୍ଗିବାକୁ ଚାହେଁ । ମଦ , ସିଗାରେଟ , ନିଜ ଇଚ୍ଛାରେ ସମ୍ଭୋଗ ଯେ ସବୁ ଇଛିବା କେବଳ ପୁରୁଷ ର ଅଧିକାର ନୁହଁ ବୋଲି ବିଚାର କରେ । ସେମିତି ଏକ ଚରିତ୍ର କୁ ଉପନ୍ୟାସ କୁ ଆଣି ତାକୁ ନ୍ୟାୟ ଦେବା ଲେଖକଙ୍କର କଲମର ପାକଳପଣ କୁ ଜାହିର କରୁଛି ।

' -ଭୁଲ କହିଲ ହିମାଂଶୁ ଭାଇ । ଆଖି ନୁହଁ ପୁରୁଷ ଟି କେବଳ ନାରୀ ଦେହର ଉତ୍ତାପ ରେ ଜଳେ ।

- ଆଉ ଯେ ଉତ୍ତାପ ସରିଗଲେ ?
- ଦେହ ବଦଳାଏ ।
- ଅଭିଯୋଗ ! ପୁରୁଷ ବିରୁଦ୍ଧରେ ?
- ସତ୍ୟ, ପୁରୁଷ ବିଷୟରେ
- ନାରୀ ଟିଏ ତ ସେମିତି କରିପାରେ ?
- ସଂଖ୍ୟା ନଗଣ୍ୟ ।
- କରେ କି ନାହିଁ ?
- ହଁ ' ( ପୃଷ୍ଠା ୧୧୯ )

ଅଧିକ ସମୟ ପ୍ରେମିକା ମାନଙ୍କ ସହିତ ସଂଳାପ ରେ ଜୀବନ ଓ ପ୍ରେମର ସଂଜ୍ଞା ନିରୂପଣ କରୁଥିବା ନାୟକ ହିମାଂଶୁ , ମହୁ ଚୁସୋଚୁସୋ ହସହସ ମୁହଁରେ କଇଁ ଭିତରେ ମରିଥିବା ସେ ଭ୍ରମରର ରମଣ ଓ ମରଣ ଉଭୟ ଖୋଜିବୁଲୁଥାଏ ।

'ଟ୍ରାକରେ ବ୍ୟାୟାମ କରିହୁଏ ହେଲେ ଜଙ୍ଗଲରେ ଧାଇଁଲେ ରାସ୍ତା ଟିଏ ତିଆରି ହୁଏ । ସେ ଧାଏଁ, ନୂଆ ନୂଆ ରାସ୍ତା ତିଆରି ନିଶାରେ । ଅପ୍ରାପ୍ତି ଭଳି କିଛି ପ୍ରାପ୍ତି ର ନିଶାରେ । ନିଶା ନାହିଁ ତ ଜୀବନ ନାହିଁ । ଲକ୍ଷ୍ୟ- ଫକ୍ଷ୍ୟ ସବୁ ବେକାର କଥା । ଥରେ ଲକ୍ଷ୍ୟ ସ୍ଥିର ହୋଇଗଲେ ରାସ୍ତା ଗୌଣ ହୋଇଯାଏ ଛାଁ କୁ ଛାଁ । ଦୌଡିବା ତ ଦୂର ର କଥା ଆଉ ଚାଲିବାକୁ ବି ଇଚ୍ଛା ହୁଏନି । ' (ପୃଷ୍ଠା ୧୧୬)

ଲକ୍ଷ ନୁହଁ ରାସ୍ତାକୁ ହିଁ ଜୀବନ ଭାବିଥିବା ଲୋକର କାହାଣୀ । ଯିଏ ପ୍ରତିଥର ଅଜଣା ଜଙ୍ଗଲୀ ଫୁଲର ଅନ୍ୱେଷଣରେ ଧାଇଁଥାଏ ।

ହିମାଂଶୁର ହୃଦୟ ସତେକି ଗୋଟେ ଆଲମିରା । ଯେତେ ଥାକ , ସେତେ ପ୍ରେମ । ସଜେଇ ରଖିବାର କାଇଦା-କୌଶଳ ଜଣାଥିଲେ ହେଲା । ପ୍ରଥମ ଥାକରେ ସ୍ୱୀକୃତି ସାମଲ , ତା'ତଳକୁ ବାଲ୍ୟାବନ୍ଧୁ ସନ୍ଧ୍ୟା, ତା'ତଳକୁ ଫେସବୁକ ବନ୍ଧୁ ଅଭିଲିପ୍ସା, ପିଏଚଡି ସ୍କଲାର ସ୍ମୃତିରେଖା, ତଳକୁତଳ ଅନୁପମା, ଆରତି , ସଂଘମିତ୍ରା ... ଲମ୍ବା ତାଲିକା । ଆଉ ଆଲମିରା ପଛପଟେ ଦୁଇଟି ଚିର ସନ୍ଦେହୀ ଗୁଇନ୍ଦା ଆଖି । ସେ କାହାର କିଏ ନଜାଣେ ଯେ ... ହା ହା ହା

କାହା ସହିତ ଛଳନା ନୁହଁ କି କରୁଣ ନିବେଦନ ନୁହଁ , ପ୍ରେମିକପଣ ର ଗାମ୍ଭିର୍ଯ୍ୟ ଭିତରେ ନିଜର ପ୍ରେମିକ ହେବାର ହକ ମାଗିଛି ହିମାଂଶୁ । ହିମାଂଶୁ ଚରିତ୍ର ମାଧମରେ ଲେଖକ ପୁରୁଷ ମନଗୁମ୍ଫା ଭିତରେ ଥିବା ଅନ୍ଧାରୀ ଇଛାକୁ ପରିପ୍ରକାଶ କରିଛନ୍ତି ।

ନିସର୍ତ୍ତ ଭାବରେ ମଣିଷ ଜୀବନ ବଂଚିବାର ପ୍ରବୃତ୍ତି କୁ ଯେଉଁ ସାହିତ୍ୟକ ପ୍ରଭାବଶାଳୀ ଭାବରେ ରୂପାନ୍ତରିତ କରେ ସିଏ ହିଁ ପ୍ରକୃତ ଅର୍ଥରେ ଜୀବନବାଦୀ ସାହିତ୍ୟକ । ସାମ୍ପ୍ରତିକ ମଣିଷର ଜୀବନ କୁ ତନ୍ନତନ୍ନ ଭାବରେ ପରୀକ୍ଷା କରିଥିବା, ଅନୁଶୀଳନ କରିଥିବା , ଅନୁଭ୍ୱୀ ଥିବା ଲେଖକ ବାଦଲ ମହାନ୍ତି ।

ଅପୁସ୍ୱିତ, ମାୟା ମଞ୍ଚ , ମାଇଚିଆ , ନଟୁ ପରେ ଏହା ଲେଖକ ଙ୍କର ପଞ୍ଚମ ଉପନ୍ୟାସ ।

ଚେମ୍ବରଲେନ୍ କୁହନ୍ତି

'ବିସ୍ମୟ ପ୍ରତି ପଦକ୍ଷେପ ରେ ବର୍ତମାନ, କିନ୍ତୁ ଆମେ ନିଜେ ହିଁ ନିଜ ନିକଟରେ ହେଉଚୁ ସର୍ବଶ୍ରେଷ୍ଠ ବିସ୍ମୟ'' ବାଦଲ ମହାନ୍ତି ସେହି 'ବିସ୍ମୟର' ଶବ୍ଦ ଚିତ୍ର ଆଂକୁଥିବା ଚିତ୍ରକର ।

ପ୍ରଫେସର ଆଦିକନ୍ଦ ସାହୁ ଙ୍କ 'ଭାବଗୌରବ' ପୁସ୍ତକରେ ଲିଖିତ ଏହି ଉକ୍ତି କୁ ଉପନ୍ୟାସ ଟି ସଠିକ ପ୍ରମାଣିତ କରୁଛି 'ପ୍ରେମ ହେଉଛି ଉଭୟ ମାନସିକ ଓ ଶାରୀରିକ ପୁଲକମୟ ଉପଲବ୍ଧି ର ବିଷୟ । ଏକ ଶୁଦ୍ଧ ସାତ୍ୱିକ ସୌନ୍ଦର୍ଯ୍ୟବୋଧ ଓ ସତ୍ୟଶୀଳତା ର ଉପଲବ୍ଧ ସେଥିରେ ନିହିତ । ତାହା ବିଶ୍ୱାସ ଗର୍ଭିତ ଓ ସମ୍ଭୋଗାତ୍ମକ ।'

ଶେଷରେ ଏତିକି କହିବି ଏହି ଉପନ୍ୟାସ ର ବଡ଼ ଅସ୍ତ୍ର ହେଉଛି କାବ୍ୟଭାଷା ଓ କାବ୍ୟ ଆବେଗ । ଚଳମାନ ଶାଣିତ ଭାଷା ବ୍ୟଂଜନାରେ ଘଟଣା ସବୁକୁ ଚିତ୍ରମୟ କରି ଆବେଗର ଉତ୍ତୁଙ୍ଗ ଉତ୍ତରଣ ସୃଷ୍ଟିକରିବାରେ ସଫଳ ହୋଇଛନ୍ତି ଲେଖକ । ଉପନ୍ୟାସ ଟିକୁ ପଢ଼ନ୍ତୁ ଭଲ ଲାଗିବ ।



ଆଲେଖ୍ୟ : କ୍ଷୀରୋଦ ବିଶ୍ୱାଳ
ମାର୍ଫତ - କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ
ନୁଆପୁର, କଲ୍ୟାଣୀ, ବାଲେଶ୍ୱର
ମୋ : ୯୪୩୯୯୮୭୬୭୫

## ସ୍ମୃତି ଶତଦଳ ୨୨୧



## ଚିନ୍ମୟ ଚିକାଗୋ

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ଯେମିତି ମାଟି ସବୁଠି ସମାନ ସେମିତି ପୃଥିବୀରୁ ନଭ ଯାଏ ବ୍ୟାପିଥିବା ଶୂନ୍ୟସ୍ଥାନ ଓ ମହାକାଶ ମଧ୍ୟ ସବୁଠି ସମାନ କିନ୍ତୁ ବେଳେବେଳେ ଆକାଶର ଦୃଶ୍ୟ ଏମିତି ଲୋଭନୀୟ ଏତେ ରମଣୀୟ ହୋଇଥାଏ ଯେ, ସେଥିରୁ ଅନୁମାନ କରିହୁଏ, ସ୍ଥାନ ଆଉ କାଳର ମୁଗ୍ଧ ମଧୁରତା ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସ୍ୱପ୍ନରେ ଭାବିନଥିଲି ସ୍ୱାମୀ ବିବେକାନନ୍ଦ ଆମେରିକା ଭ୍ରମଣ ବେଳେ ଚିକାଗୋରେ ଯେଉଁ ଦୀକ୍ଷାନ୍ତ ଭାଷଣ ଦେଇଥିଲେ ଏବଂ ସାରା ବିଶ୍ୱର ହିନ୍ଦୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ, ସେଇ ମାଟିରେ ପାଦଦେବି, ତାର ପବନରେ ନିଃଶ୍ୱାସ ପ୍ରଶ୍ୱାସ ନେବି ଓ ଆକାଶକୁ ଦେଖି ଆତ୍ମହରା ହୋଇଯିବି ବୋଲି । ଯେମିତି ମାଟି ସବୁଠି ସମାନ ସେମିତି ପୃଥିବୀରୁ ନଭ ଯାଏ ବ୍ୟାପିଥିବା ଶୂନ୍ୟସ୍ଥାନ ଓ ମହାକାଶ ମଧ୍ୟ ସବୁଠି ସମାନ କିନ୍ତୁ ବେଳେବେଳେ ଆକାଶର ଦୃଶ୍ୟ ଏମିତି ଲୋଭନୀୟ ଏତେ ରମଣୀୟ ହୋଇଥାଏ ଯେ, ସେଥିରୁ ଅନୁମାନ କରିହୁଏ, ସ୍ଥାନ ଆଉ କାଳର ମୁଗ୍ଧ ମଧୁରତା ।

ଆମେ ଆମେରିକା ଯିବା ଆଗରୁ ମୋର ଖୁବ୍ ପିଲାଦିନ ସାଙ୍ଗ କନକ ମତେ ଫୋନ କରିଥିଲା । ବ୍ରହ୍ମପୁରରେ ନନାଙ୍କର ପୋଷ୍ଟିଂ ହୋଇଥିବା ବେଳେ ହିଁ ଆମ ଘର ପାଖ ହିଲ ପାଟଣାର "ଗଭର୍ଣ୍ଣମେଣ୍ଟ ସେକେଣ୍ଡାରୀ ଏଣ୍ଡ ଟ୍ରେନିଂ ସ୍କୁଲ ଫର ୱିମେନ୍" ଗାର୍ଲସ ହାଇସ୍କୁଲରେ ମୁଁ ପାଠ ପଢୁଥିଲି । ସେତିକିବେଳେ କନକ ମୋର ସହପାଠିନୀ ଥିଲା । ସେ ଖୁବ୍ ଭଲ ପାଠ ପଢୁଥିଲା ଏବଂ କ୍ଲାସ୍‌ରେ ପ୍ରଥମ ହେଉଥିଲା କିନ୍ତୁ ମୁଁ ସୁନ୍ଦରଗଡରୁ ଆସି ବ୍ରହ୍ମପୁରରେ ପାଠ ପଢିବା ପରେ ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ମୁଁ ପ୍ରଥମ ହେଲି ଆଉ କନକ ଦ୍ୱିତୀୟ ହେଲା । ଆଶ୍ଚର୍ଯ୍ୟର କଥା ଆମ ଭିତରେ କେବେହେଲେ ଈର୍ଷା ବା ଅସୂୟା ଭାବ ନଥିଲା ଏବଂ ଆମେ ଅନେକ ବର୍ଷଧରି ଖୁବ୍ ଭଲ ସାଙ୍ଗ ହିସାବରେ ରହି ଆସିଛୁ । ମ୍ୟାଟ୍ରିକ ପରୀକ୍ଷା ଦେବା ପାଇଁ ଯେତିକି ପରିଶ୍ରମ କରିବାକୁ ପଡିଥାଏ ତାଠାରୁ ଆହୁରି ବେଶୀ ଉଦ୍‌ବେଗ ଥାଏ, ମ୍ୟାଟ୍ରିକ ପରୀକ୍ଷା ଫଳ ପାଇଁ । ସେଇଟା କେବଳ ସେତେବେଳେ ନଥିଲା , ଆଜି ମଧ୍ୟ ସେଇ ଉଦ୍‌ବେଗ ସେଇ ଉତ୍କଣ୍ଠା ସେଇ ପ୍ରକମ୍ପନ ଛାତ୍ର ଛାତ୍ରୀଙ୍କ ଭିତରେ ଭରି ରହିଛି ରେଜଲ୍ଟ ପାଇଁ, କାରଣ ଏହାହିଁ ଭବିଷ୍ୟତ ଜୀବନର ମୂଳଦୂଆ ପକାଇଥାଏ । ମ୍ୟାଟ୍ରିକ ରେଜଲ୍ଟ ରଜ ପରେ ବାହାରିଥାଏ ।

ମୋ ସାଙ୍ଗ କନକର ବାହାଘର ନବମ ଶ୍ରେଣୀରେ ହୋଇ ଯାଇଥିଲା ଏବଂ ମ୍ୟାଟ୍ରିକ ପରୀକ୍ଷା ଦେବା ପରେ ପରେ ତାକୁ ଶାଶୁଘରକୁ ଯିବାକୁ ପଡିଥିଲା । ମ୍ୟାଟ୍ରିକ ଫଳ ବାହାରିବା ପରେ କେବଳ ଆମେ ୩ଜଣ ମାନେ ମୁଁ, କନକ ଓ ମିନାକ୍ଷୀ ହାଇୟର ଫାଷ୍ଟ ଡିଭିଜନରେ ପାଶ୍ କରିଥିଲୁ । ମୁଁ ଆଉ ମିନାକ୍ଷୀ ସଙ୍ଗେ ସଙ୍ଗେ ଖଲିକୋଟ କଲେଜରେ ସାଇନ୍ସ ବିଭାଗରେ ନାଁ ଲେଖାଇଲୁ କିନ୍ତୁ ଶାଶୁଘରେ ଆଉ କନକକୁ ପାଠ ପଢିବାକୁ ଛାଡିଲେ ନାହିଁ । ଆମ ସାଙ୍ଗମାନଙ୍କ ମନ ଦୁଃଖରେ ଭରିଗଲା । ତାଭଳି ବ୍ରିଲିଆଣ୍ଟ ଝିଅର ପାଠପଢାରେ ଡୋରି ବନ୍ଧା ହେଲା । ମୁଁ ପ୍ରି ପ୍ରଫେସନାଲ ପରେ ଏସ.ସି.ବିରେ ମେଡିକାଲ ପଢା ସାରିଲା ବେଳକୁ ତା'ର ଦୁଇଟି ପୁଅ ସ୍କୁଲରେ ପଢିବା ଆରମ୍ଭ କରିଦେଲେଣି । ତା'ପରେ ସେ ସମସ୍ତଙ୍କୁ ବୁଝାଇ ଆଇ.ଏ ଏବଂ ବି.ଏରେ ଫାଷ୍ଟ ଡିଭିଜନ ଏବଂ ଅନର୍ସ ୱିଥ୍ ଡିଷ୍ଟିଂସନ୍‌ରେ ପାସ୍ କଲା । ବି.ଇଡିରେ ମଧ୍ୟ ସେ ଫାଷ୍ଟ ହୋଇଥିଲା ଏବଂ ହିଲପାଟଣା କନ୍‌ଭେଣ୍ଟ ସ୍କୁଲରେ ଟିଚରସିପ୍ କଲା । ଇତିମଧ୍ୟରେ ତାର ସ୍ୱାମୀ ଜନାର୍ଦ୍ଦନ ପାଢୀଙ୍କର ଦେହାନ୍ତ ହୋଇଗଲା ପରେ ସେ ଆମେରିକା ଆସି ଚିକାଗୋରେ ବଡ ପୁଅ ପ୍ରଶାନ୍ତ ପାଖରେ ରହିଲା ।

ପରେ ପରେ ସେ ଆମେରିକାନ୍ ତଥା କାନାଡା ଉଭୟ ଦେଶର ସିଟିଜନ ସିପ୍ ନେଇଗଲା । ଛଅ ମାସ ବଡ ପୁଅ ପାଖରେ ଆମେରିକାରେ ତ ଆଉ ଛଅମାସ କାନାଡାରେ ରହଣି । କଦବା କ୍ୱଚିତ୍ ଓଡିଶାକୁ ୨-୩ ବର୍ଷରେ ଥରେ ଫେରୁଛି, ଆମେରିକାରେ ଷ୍ଟାଣ୍ଡାର୍ଡ ୭ ଯାଏଁ ନିଜର ପ୍ଲେ ସ୍କୁଲରେ ସେ ପ୍ରିନ୍ସିପାଲ ଅଛି ଓ ତା ବୋହୂ ସେଠି ଟିଚରସିପ୍ କରୁଛି । ତାର ଚିକାଗୋ ପ୍ଲେ ସ୍କୁଲରେ ଅଧିକାଂଶ ପିଲା ପ୍ରାୟ ମେକ୍ସିକାନ୍ ।

ଆମେରିକାରେ ମଧ୍ୟ ଘରେ ଥିବାବେଳେ କନକ ଶାଢୀ ହିଁ ପିନ୍ଧୁଥିଲା । କିନ୍ତୁ ଯେତେବେଳେ ସ୍କୁଲରେ ପ୍ରିନ୍ସପାଲ ସିଟରେ ବସେ, ସେତେବେଳେ ସାର୍ଟ ପ୍ୟାଣ୍ଟ ଓ ଜିନ୍ସ ପିନ୍ଧି ସେ ପାଠ ପଢାଉଥିଲା ଓ ଭାରି ସ୍ମାର୍ଟ ଦିଶୁଥିଲା । କନକର ମୋ ସାଙ୍ଗରେ ବହୁ ବର୍ଷ ଧରି ଯୋଗାଯୋଗ ନଥିଲା । ପୁଅ ଯେତେବେଳେ ରଚେଷ୍ଟର ମେୟୋକ୍ଲିନିକ୍‌ରେ ହାର୍ଟ ସର୍ଜରୀରେ ଫେଲୋସିପ୍ କରିବାକୁ ଗଲା, ସେତେବେଳେ ଚିକାଗୋ ବାଟ ଦେଇ ରଚେଷ୍ଟର ଯାଇଥିଲା କିନ୍ତୁ ତା'ପରେ ବୋହୂ ଶିଖା ଯେତେବେଳେ ତା'ର ଦୁଇ ଛୋଟ ଝିଅଙ୍କ ସହ ଚିକାଗୋ ଗଲା, ସେତେବେଳେ ମୋ ମାମୁଁ ପୁଅ ଭାଇ ଡଃ ସତ୍ୟମୋହନ ମିଶ୍ର ଯିଏ ମେଡିସିନ୍ କନ୍‌ସଟାଣ୍ଟ, ସେମାନଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରି ନେଇଥିଲା । ତାଙ୍କ ଘରେ ହୋଇଥିଲା ଗୋଟିଏ ଛୋଟ 'ଗେଟ୍ ଟୁଗେଦର୍' ଏବଂ ଚିକାଗୋରେ ଥିବା ସବୁ ଚିହ୍ନା ପରିଚୟ ଓ ବନ୍ଧୁବାନ୍ଧବମାନେ ସତ୍ୟମୋହନ ଘରକୁ ଆସିଥିଲେ । ସେଇଠି କନକ ଓ ତାର ପୁଅ ବୋହୂ ସମସ୍ତେ ଆସିଥିଲେ । ପୁଅ ଯେତେବେଳେ ତା' ନାଁ କହିଲା ଡଃ ସିଦ୍ଧାର୍ଥ ଷଡଙ୍ଗୀ, ସାଙ୍ଗେ ସାଙ୍ଗେ କନକ ତା' ପାଖକୁ ଆସି କହିଲା ତୁମେ କ'ଣ ଡଃ ସରୋଜିନୀ ଷଡଙ୍ଗୀଙ୍କର ପୁଅ । ତୁମ ମା ମୋର ସାଙ୍ଗ ପୁଅ ଚିହ୍ନି ପାରିଲାନି, ମତେ ଫୋନ୍‌ରେ କହିଲା ଏବଂ ମୁଁ ଠିକ୍ ସେ କନକ ହୋଇଥିବ ବୋଲି ଜାଣିପାରିଲି । ଆମ ଦୁହିଁଙ୍କ ଭିତରେ ସ୍କୁଲ ସହପାଠିନୀ ହେବାର ସେ ମଧୁର ସ୍ମୃତି ଯେ, ଏପର୍ଯ୍ୟନ୍ତ ଏତେ ସତେଜ, ସୁନ୍ଦର ଓ ସ୍ମରଣୀୟ ହୋଇରହିଛି, ଏକଥା ଭାବି ଆମେ ଦୁଇସାଙ୍ଗ ବିହ୍ୱଳ ହୋଇଗଲୁ ।

(କ୍ରମଶଃ)

## ଶ୍ରଦ୍ଧାଞ୍ଜଳି...

# ସ୍ମୃତିରେ ପ୍ରାଧ୍ୟାପକ ରଙ୍ଗନାଥ ହୋତା



"Time and tide waits for none" ପୁଣି T.S. Eliot ଙ୍କ ଉକ୍ତି "Time present and time past are both perhaps present in time future" ସତରେ ଏମିତି କେତେଯେ ଅଭୂଲା ସ୍ମୃତି ସବୁ ମନରେ ବସାବାନ୍ଧି ରହି ଯାଇଛି ଚିରକାଳ ପାଇଁ । ଚାହୁଁ ଚାହୁଁ ଆଜିକୁ ଠିକ ବର୍ଷେ ବିତିଗଲା ହୋତା ସାରଙ୍କ ଦେହାନ୍ତ ହେବାର । ହୋତା ସାର କହିଲେ ସମଗ୍ର ବାଣପୁର ଅଞ୍ଚଳର ପ୍ରତିଟି ମନରେ ଆପେ ଆପେ ଉଦଭାସିତ ହୋଇଉଠେ ଗୋଟେ ନିଆରା ଶିକ୍ଷାବିତର କୋମଳ ଚରିତ୍ର । ବାଣପୁର ନିକଟସ୍ଥ ପୁଞ୍ଜିଆମା ଶାସନରେ ୦୬-୦୩-୧୯୪୦ ରେ ଜନ୍ମଗ୍ରହଣ କରିଥିଲେ । ଇଂରାଜୀ ସାହିତ୍ୟରେ ସ୍ନାତୋକତ୍ତର ଶିକ୍ଷା ଶେଷକରି ଅଧ୍ୟାପନା କ୍ଷେତ୍ରରେ ଯୋଗ ଦେଇଥିଲେ । ଇଂରାଜୀ ସାହିତ୍ୟର ଜଣେ ପ୍ରବୀଣ ପ୍ରାଧ୍ୟାପକ ହିସାବରେ ତାଙ୍କର କର୍ମମୟ ଜୀବନକାଳରେ ଓଡିଶାର ବିଭିନ୍ନ ଅଞ୍ଚଳ ମଧ୍ୟରୁ ଜଗତସିଂହପୁର, ଭଞ୍ଜନଗର, ବାଲୁଗାଁ ଓ ବାଣପୁର ଠାରେ ଥିବା ମହାବିଦ୍ୟାଳୟ ଗୁଡିକରେ ସେ କାର୍ଯ୍ୟ କରିବା ସହ ସାଉଁଟିଥିଲେ ଅନେକ ଦୁର୍ଲ୍ଲଭ ସ୍ମୃତି ଓ ଅନୁଭୂତି ।

ସେ ଜଣେ ଜ୍ଞାନୀ, ଗୁଣୀ, ବାଗ୍ମୀ, ସାହିତ୍ୟାନୁରାଗୀ, ବନ୍ଧୁବତ୍ସଳ ଓ କ୍ରୀଡାପ୍ରେମୀ ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ । ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ଇଂରାଜୀ ଶ୍ରେଣୀରେ ତାଙ୍କ ପଠନଶୈଳୀ ଛାତ୍ରଛାତ୍ରୀ ମାନଙ୍କୁ ଖୁବ ସହଜରେ ଆକର୍ଷିତ କରୁଥିଲା । ଛାତ୍ରଛାତ୍ରୀ ମାନଙ୍କ ସହିତ ତାଙ୍କର ପ୍ରେରଣାଦାୟୀ ବାର୍ତ୍ତାଳାପ ସେମାନଙ୍କ ଚରିତ୍ର ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିଲା । ଅନେକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ତାଙ୍କ ନୀତି ଉପଦେଶର ପ୍ରଚ୍ଛନ୍ନତାକୁ ଆଜିବି ସ୍ୱୀକାର କରନ୍ତି ସେଇମାନେ, ଯେଉଁମାନେ ଆଜି ଓଡିଶାର ବିଶିଷ୍ଟ ରାଜନେତା, ପ୍ରଶାସକ, ଶିକ୍ଷାବିତ ଓ ସମାଜସେବକ ଭଳି ଭିନ୍ନ ଭିନ୍ନ ସୋପାନରେ ପ୍ରତିଷ୍ଠିତ ।

ସେ ଥିଲେ ଖୁବ ସରଳ, ଅମାୟିକ, ନିଷ୍କପଟ, ନିର୍ଭୀକ ଓ ଧୈର୍ଯ୍ୟବାନ ବ୍ୟକ୍ତିତ୍ୱ । କ୍ଷମତା ଆସକ୍ତି ଓ ଅର୍ଥଲିପ୍ସା ଠାରୁ ଅନେକ ଦୂରରେ ରହୁଥିଲେ ସେ । ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ଜଣେ ଉଦାରବାଦୀ ଚରିତ୍ରର ଏକ ବଳିଷ୍ଠ ଉଦାହରଣ ଥିଲେ ହୋତା ସାର । ତାଙ୍କର ଦୃଢ ଯୁକ୍ତି ଥିଲା, 'କ୍ରୀଡା ଓ ଖେଳ କସରତ ଯୁବ ବ୍ୟକ୍ତିତ୍ୱକୁ ଯଥେଷ୍ଟ ବିସ୍ତାରିତ କରିପାରିବ' । ତେଣୁ ଦୈନନ୍ଦିନ ଜୀବନଚର୍ଯ୍ୟା ମଧ୍ୟରୁ ସେଥିପାଇଁ ସେ ସମୟ ବାହାର କରି ସାଙ୍ଗସାଥି ମାନଙ୍କ ଗହଣରେ ବ୍ରିଜ, ଟେବୁଲଟେନିସ ଓ ବ୍ୟାଟମିଣ୍ଟନ ଆଦି ଖେଳୁଥିଲେ । ଏପରିକି ଜାତୀୟସ୍ତରରେ ସେ ବ୍ରିଜ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଓଡିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମଧ ଲାଭ କରିଥିଲେ ।

କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ ସ୍ୱର୍ଗତ ମନୋଜ ଦାସଙ୍କ ପ୍ରିୟ ଛାତ୍ର ଥିଲେ । ମନୋଜ ଦାସଙ୍କ ପ୍ରେରଣା ତାଙ୍କୁ ପରବର୍ତ୍ତୀ ସମୟରେ ଅଧ୍ୟାପନା କ୍ଷେତ୍ରରେ ଯଥେଷ୍ଟ ସଫଳତା ଆଣିଦେଇଥିଲା । ୧୯୭୦-୭୧ ମସିହାରେ ହାଇଦ୍ରାବାଦସ୍ଥିତ English and Foreign Languages University ରେ PGDTE ପାଠ୍ୟକ୍ରମରେ ପଢୁଥିବା ସମୟରେ ସେ ପ୍ରଫେସର ନାଦକର୍ଣ୍ଣୀଙ୍କ ପ୍ରିୟ ସ୍କଲାର ଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଏହି ଦୁଇଜଣ ପ୍ରିୟ ଗୁରୁ ପ୍ରଫେସର ନାଦକର୍ଣ୍ଣୀ ଏବଂ ପ୍ରଫେସର ମନୋଜ ଦାସଙ୍କ ସହ ପଣ୍ଡିଚେରୀସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମରେ ଅନେକ ଅନ୍ତରଙ୍ଗ ମୂହୁର୍ତ୍ତ ଅତିବାହିତ କରିଥିଲେ । ଗୁରୁଶିଷ୍ୟର ନିବିଡ ସମ୍ପର୍କକୁ ସେ କେବେ ବି ଭୁଲି ନଥିଲେ ତାଙ୍କ ଜୀବନରେ । ଅନୁରୂପ ଭାବେ ନିଜର ଛାତ୍ରଛାତ୍ରୀ ମାନଙ୍କ ପ୍ରତି ହୋତା ସାରଙ୍କ ହୃଦୟରେ ମଧ ଅନାବିଳ ସ୍ନେହ ଶ୍ରଦ୍ଧାର ଆବେଗ ସର୍ବଦା ସୃଷ୍ଟି ହେଉଥିଲା । ଗୁରୁଶିଷ୍ୟ ସମ୍ପର୍କର ସଂଜ୍ଞାକୁ ସେ ଖୁବ ଭଲଭାବେ ବୁଝିଥିଲେ ।

ଜଣେ ଉଚ୍ଚଶିକ୍ଷିତ ହୋଇ ସୁଦ୍ଧା, ହୋତା ସାର ଥିଲେ ଅତ୍ୟନ୍ତ ମେଳାପୀ ଓ ନିରହଙ୍କାରୀ । ସବୁବର୍ଗର ଲୋକଙ୍କ ସହ ଖୁବ ସହଜରେ ସେ ମିଶି ପାରୁଥିଲେ । ସେ ନିଜ ଗାଁ ମାଟିକୁ ଜୀବନଠୁ ଅଧିକ ଭଲ ପାଉଥିଲେ । ଅନ୍ୟମାନଙ୍କ ସୁଖଦୁଃଖରେ ଭାଗିଦାର ହେଉଥିଲେ । ଜୀବନରେ କେବେ ଯଦି କୌଣସି ଜଟିଳ ସମସ୍ୟା ଆସୁଥିଲା, ଧୈର୍ଯ୍ୟର ସହ ଖୁବ ସହଜରେ ସବୁ ସମସ୍ୟାର ମୁକାବିଲା କରିପାରୁଥିଲେ । ପାଶ୍ଚାତ୍ୟ ଇଂରାଜୀ ଭାଷା-ସାହିତ୍ୟ ପ୍ରତି ତାଙ୍କର ଗାଢ ଅନୁରାଗ ଥିବା ସତ୍ତ୍ୱେ ସେ ନିଜ ମାଆମାଟିର ଭାଷା-ସାହିତ୍ୟ ଓ ସଂସ୍କୃତିକୁ ସବୁଠାରୁ ଅଧିକ ଭଲପାଉଥିଲେ । ସେ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ଥିଲେ । ଭାରତୀୟ ସଂସ୍କୃତିର ମହାନତାକୁ ସେ ମର୍ମେ ମର୍ମେ ଅନୁଭବ କରୁଥିଲେ ଏବଂ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନବୋଧ ରହିଥିଲା । ଶ୍ରୀ ରାମକୃଷ୍ଣ ପରମହଂସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ୱିଲ ଡୁରାଣ୍ଟ ଓ ବଟ୍ରାଣ୍ଡ ରସେଲ ତାଙ୍କର ଅତି ପ୍ରିୟ ଦାର୍ଶନିକ ଥିଲେ । ସେମାନଙ୍କ ଆଦର୍ଶକୁ ସେ ସର୍ବଦା ଅନୁସରଣ କରୁଥିଲେ ।

ହୋତା ସାରଙ୍କ ପାଇଁ ସବୁଠାରୁ ବଡ ଅନୁଭବ ଥିଲା, ମଣିଷର ବ୍ୟବହାର ଓ ମାନବିକତା । ହିପୋକ୍ରିସିକୁ ସେ ନାପସନ୍ଦ କରୁଥିଲେ । ଅନେକ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ଜନମଙ୍ଗଳ ଦିଗରେ ନିଜକୁ ମଧ ନିୟୋଜିତ ରଖୁଥିଲେ । ସେ ଯେଉଁଠି ପାଦ ଥାପୁଥିଲେ, ସେଠାରେ ସେ ଆତ୍ମୀୟତାର ବାତାବରଣ ସୃଷ୍ଟି କରୁଥିଲେ ।

ଆଜକୁ ଠିକ ଏକବର୍ଷ ପୂର୍ବେ ଆଜିର ଦିନରେ ସେ ବିଦାୟ ନେଇ ସାରିଛନ୍ତି ଇହଧାମରୁ । ସେହି ମହାନ ବ୍ୟକ୍ତିତ୍ୱ ପ୍ରିୟ ହୋତା ସାର ଆଜି ଆମଗହଣରେ ନାହାନ୍ତି ସତ, ହେଲେ ଛାଡି ଯାଇଛନ୍ତି ସବୁ ସ୍ମୃତି, ଅନୁଭୂତି ଓ ଭାବ ପ୍ରୀତି । ଆଜିବି ଝୁରୁଛନ୍ତି ସେଇ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନେ ହୋତା ସାରଙ୍କ ସ୍ୱଭାବ ସୁଲ୍ଲଭ ହ୍ୟୁମର ପାଇଁ । ଗପ କହି ସେଇ ଦିନମାନଙ୍କରେ ସେ ହସାଉଥିଲେ ସେମାନଙ୍କୁ । ତାଙ୍କ ସ୍ନେହ ଶ୍ରଦ୍ଧାର ଯାଦୁକାରୀ ସ୍ପର୍ଶ ଆଜି କୁଆଡେ ଉଭେଇ ଯାଇଛି ସେମାନଙ୍କ ନିକଟରୁ । ଖୁବ ଝୁରୁଛନ୍ତି ସେମାନେ ଆଜି ହୋତା ସାରଙ୍କୁ । ତାଙ୍କ ଜୀବନରେ ଅଧ୍ୟାପନାକୁ ସେ କେବେଳ ବୃତ୍ତି ବୋଲି ସ୍ୱୀକାର କରିନାହାନ୍ତି । ଅଧ୍ୟାପନା ତାଙ୍କପାଇଁ ଥିଲା ନିଶା ଓ ତପସ୍ୟା । ସେ ଥିଲେ ଚରିତ୍ର ଗଠନର ଜଣେ ସଫଳ ବିଦ୍ଧାଣୀ । ସେହି ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।



ଆଲେଖ୍ୟ:
ଲକ୍ଷ୍ମୀନାରାୟଣ ପଟ୍ଟନାୟକ
❤ ଇରିଗେସନ କଲୋନୀ, ଖୋରଧା

# ଖୋର୍ଦ୍ଧା ବ୍ଲକ୍‌ରେ ହାତୀ ଉପଦ୍ରବ : ଚାଷୀକୁଳ ହତାଶ

ଖୋର୍ଦ୍ଧା,୧୧/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ବ୍ଲକରେ ହାତୀ ଉପଦ୍ରବ ଚାଷୀକୁଳ ହତାଶ। ଏପଟେ ଅଦିନିଆ ବର୍ଷାଯୋଗୁ ଧାନ ବିଲରେ ପାଣିଥିବା ଯୋଗୁ ଧାନ ବିଲରେ ପାଣିରେ ବୁଡି ଥିବା ବେଳେ କିଛି ବିଲରେ ଧାନ କଟାହୋଇ ପଡ଼ିଛି। ହାତୀପଲ ସ୍ଥାନୀୟ କାଇପ ଦର ପଞ୍ଚାୟତ ମାଟିମୁଣ୍ଡିଆ ତଳ ଗୋଡଖସାତୋଟା, ଯାହା ଏବେ ବରୁଣାଇ ଜଙ୍ଗଲ ଠାରୁବେଶି ଗହଳିଆ ଜଙ୍ଗଲ ଓ ଏଠାରେ ଥିବା ହନୁମନ୍ତିଆ ପ୍ରୋଜେକ୍ଟ ଯୋଗୁ ପାଣି ସୁବିଧା ପିଇବା ଗାଧେଇବା ପାଇଁ ବେଶୀ ସୁବିଧା ହୋଇଛି। ହାତୀପଲ ରହଣି ପାଇଁଏହି ପାହାଡ ବନଖଣ୍ଡି ଖୋଲ ପାହାଡ଼କୁମ୍ଭା ହାତୀଙ୍କପାଇଁ ଆଶ୍ରୟ ସ୍ଥଳୀ। ଚନ୍ଦକାଜଙ୍ଗଲ ଗଞ୍ଜ ଜଙ୍ଗଲ ଆଉ ନାହିଁ। ଏଇଠି ବଡ଼ ଦୁଇଗୋଡ଼ିଆ ହାତୀ ହାକିମକ ରାଜଉଆସ। ଫାର୍ମ ହାଉସ, ବିରାଟ ବିରାଟ ପ୍ଲାଟ ଗଢିଉଠୀଛି। ହାତୀଙ୍କୁ ଲାଇଟ ଭୟ। ମାତ୍ର ହାକିମ ହକିମାନୀଙ୍କ ହାତୀ ପଲ ମରକୋରି ଆଲୁଅ ଓ ଗଢ଼ିଉଠିଥିବା ବହୁ ଯାନ୍ତ୍ରିକ କଲେଜ ଯୋଗୁ ହାତୀ ଚନ୍ଦକା ଡମପଡା ଜଙ୍ଗଲଛାଡି ଏବେ ହନୁମନ୍ଦିଆ ଓ ମାଟି ମୁଣ୍ଡିଆ ଘଞ୍ଜଜଙ୍ଗଲ (ମଙ୍ଗରାଜ ଜଙ୍ଗଲ) ନିରାପଦ ସ୍ଥାନ ବାଛିନେଇ ଛନ୍ତୀ। ସେହିଯୋଗୁ ବାଟି ବାଟି ଶହ ଶହ ଏକର ଜମି ପଡିଆ। ହାତୀଙ୍କ ଖାଦ୍ୟ ଚରାଭୁଇଁନ ହୋଇଛି। ଏବେ ହାତୀ ପଲ ଖୋର୍ଦ୍ଧା ବ୍ଲକର ଜରିପୁଟ ଜଙ୍ଗଲ, ତାର ତଳ ଜମି, କାଇପଦର, ବଙ୍ଗିଦା, ଡଙ୍ଗରପଡ଼ା, ଗୋଡା, ଦଳକ, ମଳିପଡା, ତାପଙ୍ଗ, ଗାୟବନ୍ଧ, ଜଂକିଆ, ଡମନଭୂଇଁ, କୁରାଠମଲ, ବାଜପୁର, ଛଟିପୁର,ଆଦି ପଞ୍ଚାୟତ ଶହ ଶହ ଗ୍ରାମ ହଜାର ହଜାର ଏକରଜମି ହାତୀ ଖାଇବା ଶହ ଦଲାଚକଟା କରି ନଷ୍ଟ କରିଦେଲାଣି। ଚାସିମୂଲିଆ ମୁଣ୍ଡରେ ହାତଦେଇ ବାସିଛନ୍ତି। ହାତୀ ଦରମ୍ବା ଯୋଗୁ ଦାମୀକାଠ ଭାଙ୍ଗି ପଡ଼ି ଖତାର ହୋଇ ଗଲାଣି। ଏପରି କି ଲୋକେ ତାଙ୍କକାଠ କାଟିବାପାଇଁ ଜଙ୍ଗଲ ବିଭାଗ ଠାରୁ ଅନୁମତି ପାଇଥିବାରୁ ହାତୀ ଭୟ ଯୋଗୁ ମୂଲିଆ ରାଜି ହେଉନାହାଁନ୍ତି। ଉଦାହରଣ କାଇପଦର ରବିନ୍ଦ୍ର ମଙ୍ଗରାଜ କାଠକାଟିବା ପାଇଁ ଅନୁମତିପାଇ ମଧ୍ୟ ଅକ୍ଷମ। ତାଙ୍କର ବାଟି ବାଟି ଯମି ପଡ଼ିଆ, ଜଙ୍ଗଲରେ ଥିବା ଫଳ ଆଣିବା ଅସମ୍ଭବ। ସେ ଓ ବହୁ ଚାଷୀ କ୍ଷତିପୂରଣ ପାଇଁ ଦାବି କଲେ ପାଉନାହାନ୍ତି। ଏବେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗ DFO ସଙ୍କୋଟ। ସେମାନେ ମିଳିତ ଭାବେ ସମୟ ବାହାର କରି ଦେଖନ୍ତୁ। ଏହି ଅଦିନିଆ ବର୍ଷା ପାଇଁ ତହସିଲ ଖୋର୍ଦ୍ଧା ଓ ତାଙ୍କ ଆର, ଆଇ ମାନେ ଦେଖି କ୍ଷତିପୂରଣ ଦେବା ଆରମ୍ଭ କରିବା, ଚାଷୀ ଋଣ ଛାଡ କରନ୍ତୁ। ଖୋର୍ଦ୍ଧା ସମବାୟ ସେମିତି ଓ ବାଙ୍କ ଚାଷୀମାନଙ୍କୁ ଖରିଫ ଋଣ ଦିଅନ୍ତୁ। ସମବାୟ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ ଯୋଗୁଁ ତାଙ୍କ ପେଟପାଟଣା ପାଇଁ ଆନ୍ଦୋଳନ କରିଛନ୍ତି। ତାଙ୍କର କିଛି ଦାବୀ ସରକାର ମାନିବା ପାଇଁ ଚାଷୀଭାଇମାନେ ଅନୁରୋଧ ସରକାରପାଖେ କରୁଛନ୍ତି ।

# ଦେବୀ ଶାନ୍ତିଲତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ଅନୁଷ୍ଠିତ ହେଲା ମା’ ଶୀର୍ଷକ କବିତା ପାଠୋତ୍ସବ



ବାଲେଶ୍ୱର, ୧୧/୧୨ (ନି.ପ୍ର): କବୟିତ୍ରୀ ଉଷାରାଣୀ ଦାସଙ୍କ ମା’ ତଥା ବାଲେଶ୍ୱର ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷା ଉମିଲତା ଦାସଙ୍କ ଶାଶୁ, ଆଦର୍ଶ ମହିଳା ଦେବୀ ଶାନ୍ତିଲତା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସମାରୋହରେ ଅନୁଷ୍ଠିତ ହୋଇଛି ମା’ ଶୀର୍ଷକ କବିତା ପାଠୋତ୍ସବ । ବାଲେଶ୍ୱର ସହର ଉପକଣ୍ଠ ଖାନ୍‌ନଗର ଗ୍ରାମରେ ପରଲୋକଗତ ଶାନ୍ତିଲତାଙ୍କ ବାସଗୃହ ପ୍ରାଙ୍ଗଣରେ ଆଜି ପୂର୍ବାହ୍ନ ୧୧ ଘଟିକାରେ ଅନୁଷ୍ଠିତ ଏହି ସମାରୋହରେ ଅଧକ୍ଷତା କରିଥିଲେ ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷା ଉମିଲତା ଦାସ । ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା ଯୋଗଦେଇ ସନ୍ତାନ ସନ୍ତତିଙ୍କ ପାଇଁ ମା’ ଯେ ସମସ୍ତ ସୁଖ ସମୃଦ୍ଧିର ମୂଳ ଉତ୍ସ, ମା’ ହିଁ ସକଳ ଜ୍ଞାନ-ଅରୁଣିମାର ସଜଳ ସକାଳ, ନିର୍ଭୟର ଆଶ୍ରୟସ୍ଥଳ, ଏହି ନାଁ ସବୁଠୁ ମିଠା, ତା’ ବିନା ଜଗତ ପିତା ବୋଲି ମତବ୍ୟକ୍ତ କରିଥିଲେ । ମାତୃଋଣ କୌଣସି ସନ୍ତାନ କେବେବି ସୁଝିପାରେ ନାହିଁ ଓ ମା’ ବିନା ଜୀବନ ନିରର୍ଥକ ମନେହୁଏ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ କବି ଅଶ୍ୱିନୀ ଦାଶ, ବରେଣ୍ୟ ଅତିଥି ଭାବେ କବି ଇନାୟତ ଅଲ୍ଲୀ, କବି ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇ ଶାନ୍ତିଲତା ଦେବୀଙ୍କର ପରିବାର ଓ ସମାଜ ପ୍ରତି ଥିବା ନିରନ୍ତର ଅବଦାନର ସ୍ମୃତିଚାରଣ କରି ତାଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ । କବି ସୁଧାକର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଗୋପାଳ ଚନ୍ଦ୍ର ପଡ଼ିଆରୀ, ମନୋରଞ୍ଜନ ସାହୁ, ସରୋଜିନୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ରାଉତ, ଭବାନୀ ଶଙ୍କର ନାୟକ, ପ୍ରତିମା ପରିଡ଼ା, ଉଷାରାଣୀ ଦାସ, କୁମୁଦିନୀ ଦାସ ପ୍ରମୁଖ ଶାନ୍ତିଲତା ଦେବୀଙ୍କ ସ୍ମୃତିଚାରଣ ସହ ମା’ ଶୀର୍ଷକରେ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ । କନ୍ୟା ଉଷାରାଣୀ ଦାସ, କୁମୁଦିନୀ ଦାସ, ଜ୍ୟେଷ୍ଠ ପୁତ୍ର ବିଜୟ ଦାସ, ଅଜୟ ଦାସ, ସଞ୍ଜୟ ଦାସ, ନାତୁଣୀ ମୋନାଲିସା ସାହୁ, ଭବାନୀ ଶଙ୍କର ଚଣ୍ଡ ପ୍ରମୁଖ ସ୍ମୃତିତର୍ପଣ ନିବେଦନ କରିଥିବାବେଳେ ପ୍ରଣବ କୁମାର ଦାସ, ଜିତେନ୍ଦ୍ର ସାହୁ, କୁସୁମ ଲତା ଦାସ ଏବଂ ପରିବାରର ମୁଖ୍ୟ ହରେନ୍ଦ୍ର ଦାସ ଉପସ୍ଥିତ ରହିଥିଲେ । ପରିଶେଷରେ କବୟିତ୍ରୀ ଉଷାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ରାଜନେତା, ସମାଜସେବୀ ଓ ଗ୍ରାମବାସୀ ଯୋଗଦାନ କରି ଦେବୀ ଶାନ୍ତିଲତା ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଏଟିଏମ୍‌ରୁ ଟଙ୍କା କାଢିବାକୁ ଯାଇ କଲେଜ ଅଧ୍ୟକ୍ଷଙ୍କ ଗୋଡ ଭାଂଗିଲା

ଜଳେଶ୍ୱର, ୧୧/୧୨(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶାଳିକୋଠାସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କୁ ବାମ ଗୋଡ ଭାଂଗି ଦୁଇଗଡ ହୋଇ ଯାଇଛି । ଘଟଣାରୁ ପ୍ରକାଶ ଆରୁହା ଓ ଶାଳିକୋଠା ମଧ୍ୟବର୍ତ୍ତୀସ୍ଥାନରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ୍ ନିକଟରେ ଥିବା ଗଡାଣିରାସ୍ତା (ରାମ୍ପ) ଓ ପାହାଚ ଠିକ୍‌ଭାବେ ନିର୍ମାଣ ହୋଇନଥିବାରୁ ଟଙ୍କା ଧରି ଓହ୍ଲାଇଲାବେଳେ ଗୋଡ ଖସି ବହୁ ବ୍ୟକ୍ତି ପଡି ଆହତ ହେଉଛନ୍ତି । ଡ. ସାହୁ ସେହି ଏଟିଏମ୍‌ରୁ ଟଙ୍କା ବାହାର କରି ଫେରୁଥିବା ବେଳେ ସେ ମଧ୍ୟ ପଡି ଗୁରୁତର ଆହତ ହୋଇଛନ୍ତି । ସେ ଏବେ ବାଲେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ ଏଟିଏମ୍ ନିକଟରେ ଗଡାଣି ରାସ୍ତା ଓ ପାହାଚକୁ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୩୦ୟୁନିଟ ରକ୍ତ ସଂଗୃହୀତ

ବସ୍ତା,୧୧/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ପ୍ରେସ କ୍ଲବ, ବସ୍ତା ଓ ବସ୍ତା ସ୍ଥିତ ବେହେରା ମାର୍ବଲ ଏଣ୍ଡ ଟାଇଲ୍‌ସ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ବସ୍ତା ଏସଡିପିଓ ଜଳନ୍ଧର ଜାଲି ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରି ରକ୍ତଦାତା ହିଁ ପ୍ରକୃତ ରକ୍ଷାକର୍ତ୍ତା ବୋଲି ବକ୍ତବ୍ୟରେ କହିଥିଲେ । ଉଦଘାଟନି ଉତ୍ସବରେ ପ୍ରେସକ୍ଲବ ସଭାପତି ବାଞ୍ଛାନିଧି ଦେ ପୌରହିତ୍ୟ କରିଥିଲେ । ସମ୍ମାନିତଅତିଥି ଭାବେ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡ଼ାଃ ମହେଶ କୁମାର ବିଶ୍ୱାଳ ଓ ସମାଜସେବୀ ସତ୍ୟନାରାୟଣ ଗୁପ୍ତା ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଯୁବ ବ୍ୟବସାୟୀ ସାନ୍ତ୍ୱନୁ କୁମାର ବେହେରା ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୁଚନା ଦେଇଥିଲେ କ୍ଷ ସ୍ୱେଚ୍ଛାସେବୀ ମିଥୁନ କୁମାର ବେହେରା ପ୍ରାରମ୍ଭିକ ସୁଚନା ଦେଇଥିଲେ କ୍ଷଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ପ୍ରେସକ୍ଲବ ସମ୍ପାଦକ ବ୍ରଜମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲବର କର୍ମକର୍ତ୍ତା ଶିରୀଶ ମହାନ୍ତି, ମନିଷ ରାଇମୋଗିଆ, ରଞ୍ଜନ କୁମାର ବେହେରା, ଉମାକାନ୍ତ ମହାନ୍ତି, ଦୀନବନ୍ଧୁ ପ୍ରଧାନ, ସିତାକାନ୍ତ ଦାସ,ଦିଲ୍ଲିପ ସାହୁ, ସର୍ବେଶ୍ୱର ବେହେରା,ଜଗତ କୁମାର ଗିରି, ମନୋରଞ୍ଜନ ପ୍ରଧାନ, ମାନସ ବେହେରା, ମଧୁସୂଦନ ପଣ୍ଡିତ, ବିଜୟ କୁମାର ଭୂୟାଁ, ହରିଶଙ୍କର ପାଣି, ଅଜିତ କୁମାର ସାହୁ, ରବି ନାରାୟଣ ଶତପଥି, ସୁଶାନ୍ତ ପ୍ରଧାନ, ବଂଶୀଧର ସାହୁଙ୍କ ସମେତ ପ୍ରତିଷ୍ଠାନର କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ ।

# ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରଣରେ ୧୮ହାଇସ୍କୁଲ ସାମିଲ

ଖଇରା, ୧୧/୧୨ (ନି.ପ୍ର): ୫ଟି ଦ୍ୱିତୀୟ ପର୍ଯ୍ୟାୟ ରୁପାନ୍ତରଣରେ ବାଲେଶ୍ୱର ଜିଲା ଖଇରା ବ୍ଲକର ୧୮ଟି ହାଇସ୍କୁଲ ସାମିଲ ହୋଇଛି । ଏହି ସ୍କୁଲ ମଧ୍ୟରେ ଅନ୍ତରା ମହତିପୁର ହାଇସ୍କୁଲ,ଡଗରପଡା ହାଇସ୍କୁଲ,ଡୁଙ୍ଗୁରା ଦର୍ଶନୀ ପ୍ରସାଦ ହାଇସ୍କୁଲ, ଗଣ୍ଡିବେଡ ହାଇସ୍କୁଲ, ଅଡା ହାଇସ୍କୁଲ, ରପେୟା ଉନ୍ନିତ ଉଚ୍ଚ ବିଦ୍ୟାଳୟ,ହରିପୁର ହାଇସ୍କୁଲ, ଗଡପୋଖରୀ ହାଇସ୍କୁଲ, କୁପାରୀ ହାଇସ୍କୁଲ,ନହଙ୍ଗ ହାଇସ୍କୁଲ, ସୁନ୍ଦରପୁର ନିଳସୁନ୍ଦରଜୀଉ ହାଇସ୍କୁଲ, ବର୍ଦ୍ଧନା ଉଚ୍ଚ ବିଦ୍ୟାପୀଠ, ରଟିଣା ପ୍ରହଲ୍ଲାଦ ପ୍ରସାଦ ହାଇସ୍କୁଲ, ପଳାସପୁର ହାଇସ୍କୁଲ,ମାଖନପୁର ପଞ୍ଚାୟତ ହାଇସ୍କୁଲ, କରୁଣ୍ଟା ହାଇସ୍କୁଲ, ତୁଡିଗଡିଆ ନିଳାମ୍ବର ହାଇସ୍କୁଲ, ଖଣିଆ ଜଳଦା ଡାଲଙ୍ଗ ଉଚ୍ଚବିଦ୍ୟାପୀଠ ଅନ୍ତର୍ଭୁକ୍ତ । ଏହି ଯୋଜନାରେ ପ୍ରତ୍ୟେକ ବିଦ୍ୟାଳୟକୁ ୪୫ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ମାର୍ଚ୍ଚ ୫ତାରିଖ ପୂର୍ବରୁ କାମ ଶେଷ କରିବାକୁ ଲକ୍ଷ ରଖାଯାଇଛି । ଏହି ବିଦ୍ୟାଳୟ ଗୁଡିକରେ ସ୍ମାର୍ଟ କ୍ଲାସ ସାଙ୍ଗକୁ, ଇ-ଲାଇବ୍ରେରୀ, ଶୌଚାଳୟ, ବିଜ୍ଞାନ ପ୍ରସ୍ତୁତିଗୃହ, ଖେଳ ପଡିଆ ଇତ୍ୟାଦି ନିର୍ମାଣ କରାଯିବା ବୋଲି ବିଡିଓ ପର୍ଶୁରାମ ପଣ୍ଡା କହିଛନ୍ତି ।

# ଉଦଳାରେ ଅନ୍ତର୍ଜାତିକ ମାନବାଧିକାର ଦିବସ ପାଳିତ




ଉଦଳା, ୧୧/୧୨ (ନି.ପ୍ର): ଉଦଳାରେ ଉପଖଣ୍ଡ ସ୍ତରୀୟ ଆନ୍ତର୍ଜାତିକ ମାନବାଧିକାର ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ କିଶୋରଚନ୍ଦ୍ର ଦାସ ବାବୁ ଆଲୋଚନା ଚକ୍ରରେ ଅଧକ୍ଷତା କରିବା ସହ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଉଦଳାର ଜଣେ ସାମାଜିକ କର୍ମୀ ଶୃତିଧର ଜେନାଙ୍କର ଆଜି ଦେହାନ୍ତ ଖବର ପହଞ୍ଚିବା ପରେ ଏଠାରେ ଉପସ୍ଥିତ ସମସ୍ତ ସଦସ୍ୟ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଅଲୋଚକ ଭାବରେ ଅବସର ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ଗୋପିନାଥ ଶା, ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷ ପବିତ୍ର ମୋହନ ବେହେରା ଓ ମାନବାଧିକାର ସେଲର ମୟୂରଭଞ୍ଜ ଜିଲ୍ଲାଶ ସଂଯୋଜକ ତପନ କୁମାର ପତି ମାନବାଧିକାର ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ଠାରେ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ମାନବାଧିକାର ସେଲର ଉଦଳା ବ୍ଲକ ସଂଯୋଜିକା ନମିତା ରାଉତ ଓ ଉଦଳା ବିଜ୍ଞାନିତ ଅଞ୍ଚଳ ପରିଷଦର ସଂଯୋଜକ ସୁରେଶ୍ୱର ଜେନା ନେଇଥିଲେ । କପ୍ତିପଦା , ଖୁଣ୍ଟା, ଗୋପବନ୍ଧୁନଗର ବ୍ଲକରୁ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ । ଗଣମାଧ୍ୟମର ପ୍ରତିନିଧି ସୁବ୍ରତ କୁମାର ମହାନ୍ତି, ମାନଓ ପାଣି ଓ ପ୍ରମିଳା ପଣ୍ଡା ଉପସ୍ଥିତ ରହି ନିଜ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ସର୍ବେଶ୍ୱର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉଦଳା ବ୍ଲକ ସହ ସଂଯୋଜକ କରୁଣାକର ଦାସ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଠିପିବନ୍ଦ ଦୋକାନରେ ଚାଲିଛି ଠିପିଖୋଲା : କାଉଣ୍ଟର ନିକଟରେ ରକ୍ତାକ୍ତ ସଂଘର୍ଷ

ବସ୍ତା, ୧୧/୧୨ (ନି.ପ୍ର): ରୂପସାଥାନା ଅଧିନସ୍ଥ ରୁପସା ଠିପିବନ୍ଦ ମଦ ଦୋକାନ ନିକଟରେ ଶୁକ୍ରବାର ରାତିରେ ରକ୍ତାକ୍ତ ସଂଘର୍ଷ ଘଟି ଦୁଇରୁ ଅଧିକ ଆହତ ହୋଇଛନ୍ତି । କାଲି ରାତିରେ ମଦ୍ୟପାନ କରି ଦୁଇ ଗୋଷ୍ଠୀ ମଧରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ରୁପସା ଥାନା ଅନ୍ତର୍ଗତ କସିପଦା ଗ୍ରାମରେ ଚନ୍ଦନ ପରିଡା ଏବଂ ଭବେଶ ଦଳେଇ ମଧରେ କୌଣସି କଥାକୁ କେନ୍ଦ୍ରକରି ମାରପିଟ ଲାଗି ରକ୍ତାକ୍ତ ହୋଇ ହସ୍ପିଟାଲରେ ଭର୍ତି ହୋଇଥିଲେ। ପରେ ଘଟଣା ସମ୍ପର୍କରେ ପୋଲିସ ଜାଣିପାରି ତନାଘନା ଆରମ୍ଭ କରିବା ପରେ ଦୁଇଜଣ ଯାକ ଡାକ୍ତର ଖାନାରୁ ପଳେଇ ଯାଇଥିଲେ। ଏହି ଦୋକାନ ଟି ଠିପିବନ୍ଦ ଦୋକାନ ହୋଇଥିବା ବେଳେ ଏଠାରେ ଲୋକମାନେ ନିୟମିତ ଭାବରେ ଠିପି ଖୋଲି ମଦ୍ୟପାନ କରୁଛନ୍ତି । ଏହି କାଉଣ୍ଟର ତରଫରୁ ଠିପି ଖୋଲର ସମସ୍ତ ବ୍ୟବସ୍ଥା କରାଯାଇଥିବାରୁ ଏଠାରେ ଲୋକମାନଙ୍କ ଭିଡ଼ ଜମୁଛି ଏବଂ ନିୟମିତ ଭାବେ ଗଣ୍ଡଗୋଳ ମଧ ହେଉଛି।

## ୭୦ଲିଟରେ ଦେଶୀ ମଦ ଜବତ : ୧ ଗିରଫ

ଖଇରା, ୧୧/୧୨ (ନି.ପ୍ର): ଖଇରାରେ ନୂତନ ଭାବେ ଖୋଲା ଯାଇଥିବା ଅବକାରୀ ଥାନାର ଅଧିକାରିଣୀ କଳ୍ପନା ଜେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣ୍ଡିବେଡ ବଜାରରୁ ୭୦ଲିଟର ଦେଶୀ ମଦ ଜବତ କରାଯିବା ସହ ଏଥିରେ ସଂପୃକ୍ତ ନଦୀଗାଁ କରୁଣିଆ ଗ୍ରାମର ନରେଶ ସିଂଙ୍କୁ ଗିରଫ କରାଯାଇଛି । ସକାଳେ ନରେଶ ନିଜ ଗାଡିରେ ବସ୍ତାଭର୍ତ୍ତୀ ମଦ ବିକିବାକୁ ଆସୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରା ପଡିଥିଲେ । କେଶ ନମ୍ବର ୬/୨୧ ।

## ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବସ ଯୋଜନା : ଚାଲିଛି ଆରୋପ ପ୍ରତ୍ୟାରୋପ

ଜଳେଶ୍ୱର, ୧୧/୧୨(ନିପ୍ର): ଜଳେଶ୍ୱର ମ୍ୟୁନିସିପାଲଟିରେ ଜଣେ ମହିଳାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଆଯାଇଥିବା ବେଳେ ଏଥିନେଇ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ପୌର ପାଳିକାର ୩ନଂ ୱାର୍ଡ ସେକ୍‌ବାର୍ଡସ୍ଥିତ ସର୍ବେଶ୍ୱର ବେହେରା ଡାକବିଭାଗର ଜଣେ କର୍ମଚାରୀଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କ ଝିଅ ମମତା ବେହେରାଙ୍କୁ ଏକ ଆବସ ଯୋଜନା ମିଳିଛି । ଏ ସମ୍ପର୍କରେ ସୂଚନା ଅଧିକାର ଆଇନ୍ ଦ୍ୱାରା ମିଳିଥିବା ତଥ୍ୟରୁ ତାଙ୍କ ନାମରେ ଓଆର୍‌୧୧୧/୬୨୦୧୯/୦୦୨୦୬ରେ ଏହା ପ୍ରାପ୍ତ ହୋଇଛି । କିନ୍ତୁ ମମତା ବେହେରା ବିବାହ କରିଥିବାରୁ ତାଙ୍କୁ ଆବାସ ଯୋଜନା କିପରି ମିଳିପାରିଲା ଏଥନେଇ ଜଳେଶ୍ୱରର ସାମାଜିକ କର୍ମୀ ଗଣେଶ ମାଇତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସମ୍ପର୍କରେ ଉକ୍ତ କର୍ମକର୍ତ୍ତାଙ୍କ ଉତ୍ତରେ ପୌରପାଳିକା ପକ୍ଷରୁ ଭୁଲ ତଥ୍ୟ ଦିଆଯାଇଛି । ମମତା ବେହେରାଙ୍କୁ କୌଣସି ଆବାସ ଯୋଜନାରେ ଘର ଦିଆଯାଇନଥିବା । ପୌରପାଳିକା ପକ୍ଷରୁ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ବିଭାଗର ସଚିବ ଓ ବିଭାଗୀୟ କମିଶନରଙ୍କୁ ରିପୋର୍ଟ ଦିଆଯାଇଥିବାରୁ ବହୁ ଆରୋପ ଓ ପ୍ରତ୍ୟାରୋପ ଚାଲିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୧୪ରେ ସବୁ ଏସପି ଅଫିସ୍ ....

ଶାନ୍ତିପୂର୍ଣ୍ଣ ଓ ସଂପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକିୟାରେ ଚାଲିବ। ଯଦି ଭିଡ଼ ଅନିୟନ୍ତ୍ରିତ ହେଲା ଆଇନର ବିଭିନ୍ନ ପ୍ରକ୍ରିୟା ଅନୁଯାୟୀ ଭିଡ଼କୁ ବେଆଇନ ଘୋଷଣା କରିଥାନ୍ତେ। ସମସ୍ତେ ସ୍ଥାନ ଛାଡ଼ି ଚାଲିଯିବାକୁ କାନକୁ ଶୁଭିଲା ଭଳିଆ ଡାକବାଜି ଯନ୍ତ୍ରଦ୍ୱାରା ଅନୁରୋଧ କରିଥାନ୍ତେ। ତାପରେ ପାଣି ମାଡ଼ କରାଯାଇଥାନ୍ତା ତାପରେ ଘଉଡ଼ାଇବା ପାଇଁ ଲାଠି ଉଠେଇ ଡରେଇ ଥାନ୍ତେ। ସେଥିରେ ଯଦି ଆନ୍ଦୋଳନକାରୀଙ୍କୁ ଆୟତ୍ତ କରିପାରି ନଥାନ୍ତେ ତେବେ ଆନ୍ଦୋଳନକାରୀଙ୍କ ଅଂଟାତଳକୁ ମୃଦୁ ଲାଠି ଚାଳନା କରାଯାଇଥାନ୍ତା। କିନ୍ତୁ ଗତକାଲି ବେଆଇନ ଭାବେ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତା ଓ ସାଧାରଣ ଜନତାଙ୍କୁ ମଣ୍ଡ ଉପରେ ଲାଠି ମାଡ଼ କରିବା ଦଣ୍ଡନୀୟ ଅପରାଧ। ପୁନଶ୍ଚ ଅପରାଧିକ ମନୋବୃତି ରଖି କଂଗ୍ରେସ ଭବନରେ ଅନୁ ପ୍ରବେଶ କରି ମହିଳା ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ଓ ଭଙ୍ଗାରୁଜା କରିବା ଗଣତନ୍ତ୍ର ରାଷ୍ଟ୍ରରେ ଲଜ୍ଜାଜନକ ଘଟଣା। ଅଣ୍ଡମାଡ଼ ଅପରାଧ ନୁହେଁ। କୌଣସି ଛାତ୍ର କଂଗ୍ରେସ କାର୍ଯ୍ୟକର୍ତାଙ୍କୁ ଅଣ୍ଡାମାଡ଼ ଅଭିଯୋଗ ଉପରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ବିରେନ ମିତ୍ର ମୁଖ୍ୟମନ୍ତ୍ରୀ ଥିବା ବେଳେ ଛାତ୍ରମାନେ ବିଧାନସଭା କୋଠାକୁ ପୋଡ଼ି ଦେଉଥିଲେ। କିନ୍ତୁ ସେ ପୋଲିସକୁ ଫାୟାରିଙ୍ଗ ଅର୍ଡର ଦେଇନଥିଲେ ସେ କହିଥିଲେ କୋଠା ଭାଙ୍ଗିଲେ ତିଆରି କରାଯାଇ ପାରିବ କିନ୍ତୁ କୌଣସି ଛାତ୍ର ମଲେ ପୁନଃଜୀବନ ଦିଆଯାଇ ପାରିବ ନାହିଁ। ବିଜୁ ପଟ୍ଟନାୟକଙ୍କ ଉପରେ ସଚିବାଳୟରେ ଆକ୍ରମଣ ହେଲା କିନ୍ତୁ ସେ କହିଥିଲେ ଗୁଳି ମୋ ପକେଟରେ ବନ୍ଧୁକ ପୋଲିସ ହାତରେ ଏସବୁ ଜଣେ ଜଣେ ରାଜନେତାଙ୍କ ଗୁଣବତାରୁ ପରିଚୟ।

## ଅଧପନ୍ତରିଆ ଭାବେ କାହିଁକି ବନ୍ଦ ....

ତେବେ ବିରୋଧୀ ଦଳ, ଶାସକ ଦଳକୁ ଏଥିପାଇଁ ଦାୟୀ କରୁଛି । ଆଉ ଶାସକ ଦଳ, ବିରୋଧୀଙ୍କୁ ଦୋଷ ଦେଉଛି । ଏହାରି ଭିତରେ ପେଷି ହୋଇଯାଉଛି ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ରାଜ୍ୟର ବିକାଶ । କେବଳ ଶୀତ ଅଧିବେଶନ ନୁହେଁ, ଷୋଡ଼ଶ ବିଧାନସଭାର ୮ଟି ଯାକ ଅଧିବେଶନରେ ଉଣା ଅଧିକେ ଏକା ସ୍ଥିତି ଦେଖିବାକୁ ମିଳିଛି । ୨୦୧୯ରୁ ୨୦୨୧ ମଧରେ ଏପର୍ଯ୍ୟନ୍ତ ୮ଟି ଅଧିବେଶନ ଚାଲିଛି । କୌଣସି ଅଧିବେଶନ ସଂପୂର୍ଣ୍ଣ ଭାବେ ଚାଲି ପାରିନାହିଁ । ମୋଟ ୨୧୦ ଦିନରୁ ମାତ୍ର ୧୧୨ ଦିନ ବସିଛି ଗୃହ । ଅର୍ଥାତ ପାଖାପାଖି ଅଧାଦିନ ଗୃହ ଚାଲିନାହିଁ । ପ୍ରତ୍ୟେକ ଅଧିବେଶନ ପୂର୍ବରୁ ବିଧାୟକ ଦଳ ବୈଠକ ବସେ । କେଉଁ ପ୍ରସଙ୍ଗରେ ଆଲୋଚନା ହେବ, ଏ ନେଇ ନିଷ୍ପତି ନିଆଯାଏ । ହେଲେ ଏହାର ପ୍ରତିଫଳନ ପ୍ରାୟ ଦେଖିବାକୁ ମିଳେନି । ଏଥର କୋଭିଡ ମୁକାବିଲା, ଚାଷୀ ଓ ଚାଷ ପ୍ରସଙ୍ଗ, ବେକାରୀ, ଦରଦାମ ବୃଦ୍ଧି ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାରେ ଥିଲା ହେଲେ ଏଥିପ୍ରତି ଆଖିବୁଜି ଦେଇଛନ୍ତି ବିରୋଧୀ ଓ ଶାସକ ଦଳ ।

## ସିଏଜି ରିପୋର୍ଟରେ ସରକାରଙ୍କ....

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ମନ୍ଦିର କର୍ତ୍ତୃପକ୍ଷ ଚଳୁ କରିଦେଇଛନ୍ତି ବୋଲି ସିଏଜି କହିଛନ୍ତି। ଏହାବ୍ୟତୀତ ରାଜ୍ୟ ସରକାର ରାଜସ୍ୱରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରିଛନ୍ତି। ଏଥିରେ ୧୫୯୬କୋଟି ଟଙ୍କାର ରାଜସ୍ୱ ହାନୀ ଓ ୧୨୦୦ କୋଟି ଟଙ୍କାର ହିସାବ ସିଏଜିକୁ ଦେଇ ପାରିନାହାଁନ୍ତି। ୩୫୦ କୋଟି ଟଙ୍କା ଇନ୍ଦ୍ରାଣୀ ପଟ୍ଟନାୟକ ଖଣିକୁ ଅର୍ଥନୈତିକ ଲାଭ ଦେଇଛନ୍ତି। ପିଲାଙ୍କ ଖାଦ୍ୟ ଅଙ୍ଗନବାଡିକୁ ନଯାଇ ଦେଢ କୋଟି ଟଙ୍କା ଖାଇଦେଇଛନ୍ତି। କଳାହାଣ୍ଡି ଜିଲ୍ଲାରେ ୪୪ ଏକର ଲୋକଙ୍କ ଜମି କ୍ଷୁଦ୍ର ଜଳସେଚନ ବିଭାଗ ବିନା କ୍ଷତିପୂରଣରେ ନେଇଯାଇଛନ୍ତି ଓ ଲୋକେ ଯେତେ ଗୁହାରି କଲେବି କେହି ଶୁଣୁନାହାଁନ୍ତି ଏସବୁ ଅତ୍ୟନ୍ତ ଚିନ୍ତାଜନକ କଥା ବୋଲି ଡ. ସାମନ୍ତସିଂହାର କହିଛନ୍ତି।

## ବୀର ଯୋଦ୍ଧାଙ୍କୁ ଅନ୍ତିମ ବିଦାୟ....

ବାହାରିଥିଲା ଯବାନଙ୍କ ଅନ୍ତିମ ଯାତ୍ରା । କୃଷ୍ଣଚନ୍ଦ୍ରପୁର ଗାଁ ଶ୍ମଶାନରେ ବୀର ଯବାନଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ଏହାପରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହିନ୍ଦୁ ରୀତିନୀତିରେ ଶେଷକୃତ୍ୟ ସଂପନ୍ନ କରାଯାଇଛି । ସୂଚନାଯୋଗ୍ୟ ଯେ, କନ୍ନୁରରେ ସେନା ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ ବିପିନ ରାୱତଙ୍କ ସହ ମୃତ ୧୩ଜଣଙ୍କ ମଧ୍ୟରେ ଥିଲେ ତାଳଚେର କୃଷ୍ଣଚନ୍ଦ୍ରପୁରର ରାଣାପ୍ରତାପ ଦାସ । ବାୟୁସେନାରେ ଜୁନିଅର ୱାରେଣ୍ଟ ଅଫିସର ଭାବେ କାର୍ଯ୍ୟରତ ରାଣାପ୍ରତାପଙ୍କ ମରଶରୀର ଦିନ ୧୨ଟାରେ ପହଞ୍ଚିଥିଲା ଭୁବନେଶ୍ୱର ବିମାନ ବନ୍ଦର । ଶୋକାକୁଳ ପରିବେଶରେ ବିମାନ ବନ୍ଦର ପରିସରରେ ତାଙ୍କ ପାର୍ଥିବ ଶରୀରକୁ ରଖାଯାଇଥିଲା ଶ୍ରଦ୍ଧାଞ୍ଜଳି ଦେବା ପାଇଁ । ବୀର ଯୋଦ୍ଧାଙ୍କ ଶେଷ ଦର୍ଶନ ପାଇଁ ବିମାନ ବନ୍ଦର ପରିସରରେ ଜମିଥିଲା ରାଜନେତା ଓ ଶହ ଶହ ସାଧାରଣ ଜନତାଙ୍କ ଭିଡ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ବୀର ପୁଅଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେହିପରି ସେନା ପକ୍ଷରୁ ଗାର୍ଡ ଅଫ ଅନର ଦେବା ପରେ ଜନ୍ମମାଟି ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲା ପାର୍ଥିବ ଶରୀର । ଭୁବନେଶ୍ୱରରୁ ଜନ୍ମମାଟି କୃଷ୍ଣପ୍ରସାଦ ଯାଉଥିବା ବୀର ଯବାନ ରାଣାପ୍ରତାପଙ୍କ ଅନ୍ତିମ ଯାତ୍ରାକୁ ବିଭିନ୍ନ ସ୍ଥାନରେ ଲୋକେ ଅଟକାଇ ଶ୍ରଦ୍ଧାଞ୍ଜଳି ଜଣାଉଥିଲେ ।

## ନିର୍ବାଚନ ପୂର୍ବରୁ ୯,୮୦୦ କୋଟିର....

ଭୂମି ନଦେଇଥିଲେ ଗୋରଖପୁରରେ ଏମ୍ସ ହସ୍ପିଟାଲ ହୋଇପାରିନଥାନ୍ତା ବୋଲି କହିଛନ୍ତି ସପା ନେତା । ଏହା ସହ ଉତ୍ତରପ୍ରଦେଶ ଜନତା ଯୋଗୀ ସରକାର ନୁହେଁ ଯୋଗ୍ୟ ସରକାର ଚାହେଁ ବୋଲି କହି ବିଜେପିକୁ କଡା ଜବାବ ଦେଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ । ଅଖିଳେଶ ଯାଦବଙ୍କ ଏହି ବୟାନରେ କଟାକ୍ଷ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମୁଁ ଜାଣିଥିଲି କିଏ ଆସି ଏପରି କହିବ ବୋଲି । କିଛି ଲୋକ କେବଳ ସ୍ୱପ୍ନ ଦେଖନ୍ତି, ହେଲେ ବିଜେପି କାମରେ କରି ଦେଖାଏ । ନିର୍ବାଚନ ପାଖେଇ ଆସୁଛି । ଏହାରି ଭିତରେ ଉତ୍ତରପ୍ରଦେଶକୁ ପ୍ରଧାନମନ୍ତ୍ରୀ ତୁହାକୁ ତୁହା ଗସ୍ତ କରୁଛନ୍ତି ।

## ୧୫ ମାସର ଆନ୍ଦୋଳନ ପରେ ....

ପରିଣତ କରିବା, ମୃତ ଚାଷୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା, ଚାଷୀଙ୍କ ଉପରେ ଲାଗିଥିବା ମାମଲାକୁ ପ୍ରତ୍ୟାହାର କରିବା ଆଦି ଦାବି ରହିଥିଲା କୃଷକଙ୍କର । ଆଉ ଏହି ସବୁ ଦାବିକୁ କେନ୍ଦ୍ର ସରକାର ମାନିନେବା ପରେ ଏବେ ଆନ୍ଦୋଳନରୁ ଓହରିଛନ୍ତି ଚାଷୀ । ୧୫ ମାସ ପରେ ନିଜ ଦାବି ପୂରଣ କରି ଘରକୁ ଫେରୁଛନ୍ତି ଚାଷୀ । ଆଉ ସେମାନଙ୍କ ଆଖିରେ ବି ଦେଖିବାକୁ ମିଳିଛି ସେହି ଖୁସି, ଉତ୍ସାହ । ଚାଷୀଙ୍କ ଏହି ବିଜୟ ପରେ ଆକାଶରୁ ଉଡାଜାହାଜ ଜରିଆରେ ଫୁଲର ବର୍ଷା କରିଛନ୍ତି ଜଣେ ପ୍ରବାସୀ ଭାରତୀୟ । ଦେଶକୁ ଅନ୍ନ ଯୋଗାଉଥିବା ଚାଷୀଙ୍କୁ ଫୁଲର ବର୍ଷା କରି ସମ୍ମାନୀତ କରିଛନ୍ତି ପ୍ରବାସୀ ଭାରତୀୟ ।

# ରେଲ୍‌ୱେ ସପ୍ତାହ ଅବସରରେ ୬ ଆରପିଏଫ୍ କର୍ମଚାରୀ ସମ୍ମାନିତ

ପୁରୀ,୧୧/୧୨ (ନି.ପ୍ର): ଉଲ୍ଲେଖଯୋଗ୍ୟ କାର୍ଯ୍ୟଲାଗି ପୁରୀ ଆରପିଏଫ୍ ପୋଷ୍ଟର୬ଜଣ ଅଧିକାରୀ ଓ କର୍ମଚାରୀ ସମ୍ମାନିତ ହୋଇଛନ୍ତି। ଖୋର୍ଦ୍ଧାରୋଡ଼ଠାରେ ଆୟୋଜିତ ୬୬ତମ ରେଲୱେ ସପ୍ତାହ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତରେ ଡ଼ିଆରଏମ୍ ରିଙ୍କେଶ ରାୟ ପୁରୀ ଆରପିଏଫ୍ ପୋଷ୍ଟର ଏଏସ୍‌ଆଇ ବିନୋଦ କୁମାର ବଳ, ହାବିଲ୍‌ଦାର ଆର କେମିଶ୍ର, କନଷ୍ଟେବଳ ଅସିତ କୁମାର ଦାସ, ସୁକୁରୁ ବେହେରା, ଦିପକ କୁମାର ବେହେରା ଓ ମହିଳା କନଷ୍ଟେବଳ ଲିଙ୍କି ବେହେରାଙ୍କୁ ସମ୍ମାନ୍ନିତ କରିଥିଲେ ।ପୁରୀ ଆରପିଏଫ୍ ଇନ୍‌ସପେକ୍ଟର ଅନୀଲ କୁମାର ସିଂଙ୍କ ସହଯୋଗ କ୍ରମେ ଅପହରଣ, ନିଖୋଜ ଶିଶୁଙ୍କ ଉଦ୍ଧାର,ହଜିଯାଇଥିବା ଆସବାବପତ୍ର ଯାତ୍ରୀଙ୍କୁ ଫେରାଇବା ଓ ସ୍ୱାସ୍ଥ୍ୟଗତ ସମସ୍ୟା ଜର୍ଜରିତ ଯାତ୍ରୀଙ୍କୁ ମେଡ଼ିକାଲରେ ପହଞ୍ଚାଇବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ଖୋର୍ଦ୍ଧାରୋଡ଼ ରେଲୱେ ଡ଼ିଭିଜନ ପକ୍ଷରୁ ସମ୍ମାନିତ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଏଡ଼ିଆରଏମ୍ କଲ୍ୟାଣ ପଟ୍ଟନାୟକ,ଏଡ଼ିଆରଏମ୍ ଅଶୋକ କୁମାର ଓ ଆରପିଏଫ୍‌ର ଆସିଷ୍ଟାଣ୍ଡ ସିକ୍ୟୁରିଟି କମିଶନର ଏସ୍ କେ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଖଇରାବାସୀ



ଖଇରା, ୧୧/୧୨ (ନି.ପ୍ର): ନିକଟରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ ବିପିନ୍ନ ରାଓତ ଓ ଅନ୍ୟ ୧୨ଜଣ ସେନା କର୍ମଚାରୀ ଙ୍କୁ ଖଇରାର ବିଭିନ୍ନ ସଂଗଠନ ତରଫରୁ ଶନିବାର ସ୍ଥାନିୟ ଦୁର୍ଗାମଣ୍ଡପ ପରିସରରେ ଗଭିର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ପତଞ୍ଜଳୀ ଯୋଗ ପ୍ରଚାରକ ମୃତ୍ୟୁଞ୍ଜୟ ପାଣୀଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଅବସରପ୍ରାପ୍ତ ବାୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରା,କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀର ପ୍ରଶିକ୍ଷକ ତଥା ସିଆରପିଏଫ ଜବାନ ମୟୁର ଦାସ ଓ ଅନ୍ୟ ପ୍ରଶିକ୍ଷକ ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳ ବନ୍ଧୁ ପଣ୍ଡା,ସମ୍ପାଦକ ବଳରାମ ପଣ୍ଡା,ସଭ୍ୟ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇ ରାଓ୍ୱତ ଓ ଅନ୍ୟ ଜବାନ ମାନଙ୍କର ବିରତ୍ୱର ଗାଥା ବଖାଣି ଥିଲେ । ପରେ ଡିଫେନ୍ସ ଏକାଡେମିର ସମସ୍ତ ଛାତ୍ରୀଛାତ୍ର,ସ୍ଥାନିୟ ବଜାରବାସୀ ସ୍ୱର୍ଗତ ଜବାନଙ୍କ ପାଇଁ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶହୀଦଙ୍କ ଆତ୍ମା ପାଇଁ ନିରବ ପ୍ରାର୍ଥନା କରିଥିଲେ ।

# କଳାକାର ଭତ୍ତା ପାଇଁ ଦକ୍ଷତା ଭିତ୍ତିକ ମନୋନୟନ ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର,୧୧/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇବାକୁ ଆବେଦନ କରିଥିବା ବିଭିନ୍ନ ବର୍ଗର କଳାକାରଙ୍କୁ ନେଇ ଏକ ମନୋନୟନ ପ୍ରକ୍ରିୟା ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଶନିବାର ଉଦଘାଟିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଦକ୍ଷତା ପରୀକ୍ଷା ବା ଅଡ଼ିସନରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୟସ ଅତିକ୍ରାନ୍ତ କଳାକାରଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଯୋଜନା ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି ବୋଲି ସେ କହିଥିଲେ। ଏବେ ଦ୍ୱିତୀୟ ପର୍ଯ୍ୟାୟ କଳାକାର ଚୟନ ପ୍ରକ୍ରିୟା ଚାଲିଥିବା ବେଳେ ଆଗାମୀ ଦିନରେ ନିୟମିତ ବ୍ୟବଧାନରେ ଏହା ଜାରି ରହିବ ବୋଲି ସେ ସୂଚନା ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଅନନ୍ତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ଚୟନ ପ୍ରକ୍ରିୟା ଜାରି ରହିବ। ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇଁ ଜିଲାର ୧୨ ଗୋଟି ବ୍ଲକ, ୩ ଗୋଟି ପୌରପାଳିକା ଓ ୨ ଗୋଟି ଏନଏସିରୁ ମୋଟ୭,୮୬୬ଜଣ ଆବେଦନ କରିଥିଲେ। ଆଜି ପ୍ରଥମ ଦିନରେ ସଦର ବ୍ଲକ, ବାଲେଶ୍ୱର ପୌରପାଳିକା, ନୀଳଗିରି ବ୍ଲକ ଓ ନୀଳଗିରି ଏନଏସିରୁ ୪୪୨ଜଣ ଆବେଦନକାରୀଙ୍କ ଅଡ଼ିସନ କରାଯାଇଥିବା ଜିଲା ସଂସ୍କୃତି ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଏହି ଦକ୍ଷତା ପରୀକ୍ଷା କାର୍ଯ୍ୟକ୍ରମରେ ଯାତ୍ରା ଅଭିନେତା ସମରେନ୍ଦ୍ର କୁମାର ପଣ୍ଡା, ଜ୍ଞାନପ୍ରିୟ କାନୁନଗୋ, ଶତ୍ରୁଘ୍ନ ସାମଲ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। କଳାକାରଙ୍କୁ ଭତ୍ତା ପ୍ରଦାନ କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଅଡ଼ିସନକୁ ଆସିଥିବା କେତେକ କଳାକାର କହିଛନ୍ତି। ତେବେ ଓଡ଼ିଶାର ଅନ୍ୟାନ୍ୟ ଜିଲା ତୁଳନାରେ ବାଲେଶ୍ୱରରେ କଳାକାର ସଂଖ୍ୟା ଅଧିକ ଥିବା ବେଳେ ଭତ୍ତା ପାଇଁ ଅଧିକ ସଂଖ୍ୟକ କରାକାରଙ୍କୁ ଚୟନ କରିବା ଆବଶ୍ୟତା ଅଛି ବୋଲି ସେମାନେ ପ୍ରକାଶ କରିଛନ୍ତି।

# ବିଜୁଳି କର ପଇଠ ପାଇଁ 'ଟାଟା ପାୱାର'ର ନୂଆ ବ୍ୟବସ୍ଥା ଆରମ୍ଭ

ବାଲେଶ୍ୱର,୧୧/୧୨ (ନି.ପ୍ର): ମାସିକ ବିଦ୍ୟୁତ ବିଲ ପଇଠ କାର୍ଯ୍ୟକୁ ଅଧିକ ସହଜ କରିବା ପାଇଁ ଟଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ନୂଆ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରପ୍ରେକ୍ଷୀରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ଯୋଗଦେଇ ବିଲ ଆଦାୟର ନୂତନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଇଣ୍ଡସିନ୍ଧ ବ୍ୟାଙ୍କ ସହ ଅନୁବନ୍ଧିତ ଅଧିକୃତ କଲେକ୍ସନ ସେଣ୍ଟର 'ଭାରତ ମନି'ଦ୍ୱାରା ଲୋକେ ନିଜର ବିଲ ଅର୍ଥ ସହଜରେ ପ୍ରଦାନ କରି ପାରିବେ ବୋଲି ସେ କହିଛନ୍ତି। ଉତ୍ତର ଓଡ଼ିଶାରେ ଥିବା ୪ ହଜାର ଭାରତ ମନି ସେଣ୍ଟରରେ ବିଦ୍ୟୁତ ଉପଭୋକ୍ତାମାନେ ସେମାନେଙ୍କ ବିଲ ପ୍ରଦାନ କରି ପାରିବେ।ଏମିତକି ଭାରତ ମନି ସହ ଯୋଡ଼ି ହୋଇଥିବା କିରାନା ଦୋକାନୀଙ୍କ ଜରିଆରେ ବି ଏହି ପେମେଣ୍ଟ ସହଜରେ ଦିଆଯାଇ ପାରିବ। ଏଥିସହିତ ସହର ସମେତ ଗ୍ରାମାଞ୍ଚଳରେ ଥିବା ମୋ ସେବାକେନ୍ଦ୍ର ଜରିଆରେ ମଧ୍ୟ ଉପଭୋକ୍ତାମାନେ ସେମାନଙ୍କ ବିଲ ପ୍ରଦାନ କରିପାରିବେ। ସେହିଭଳି ଏକ୍ସିସ ବ୍ୟାଙ୍କ ଜରିଆରେ ଅନଲାଇନ ପେମେଣ୍ଟ ପାଇଁ ବ୍ୟବସ୍ଥା ହୋଇଥିବା ଶ୍ରୀ ସରକାର କହିଛନ୍ତି। ପୂର୍ବଭଳି ବିଲ ଅର୍ଥ ପଇଠ ପାଇଁ ବିଦ୍ୟୁତ ଉପଭୋକ୍ତାଙ୍କୁ ଆଉ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ। ଅତି ସହଜରେ ଓ ସ୍ୱଳ୍ପ ସମୟରେ ଲୋକେ ସେମାନଙ୍କ ବିଦ୍ୟୁତ ବିଲ ଦେଇପାରିବେ ବୋଲି ଶ୍ରୀ ସରକାର କହିଛନ୍ତି। ବିଦ୍ୟୁତ ଉପଭୋକ୍ତାଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ଟିପିଏନଓଡିଏଲ ପକ୍ଷରୁ ପର୍ଯ୍ୟାୟ କ୍ରମେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବା ବେଳେ ଏନେଇ ଶ୍ରୀ ସରକାର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୩୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଓ ବରଗଡ ଜିଲ୍ଲାରେ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ଜଳେଶ୍ୱର ତହସିଲରେ ଅମିନ ନିଯୁକ୍ତି ଓ ନକ୍ସା ଯୋଗାଣ ଦାବି

ଜଳେଶ୍ୱର, ୧୧/୧୨(ନିପ୍ର): ରାଜ୍ୟର ଉତ୍ତର ଉପାନ୍ତ ଜଳେଶ୍ୱର ତହସିଲରେ ଆବଶ୍ୟକ ଅମିନ ନଥିବା ଓ ପୁରୁଣା କିମ୍ବା ନୂଆ ନକ୍ସା ମିଳୁନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟର ଉତ୍ତର ଉପାନ୍ତ ଅଂଚଳ ହୋଇଥିବାରୁ ସଦାବେଳେ ସୀମା ସମସ୍ୟା ଯୋଗୁଁ ଜଳେଶ୍ୱର ତହସିଲ ଅଂଚଳର ଉପାନ୍ତ ଗ୍ରାମବାସୀ ହଇରାଣ ହରକତ ହେଉଛନ୍ତି । କୌଣସି ତ୍ରୁଟି ବିଚ୍ୟୁତି ହେଲେ ସରକାରୀ ଅମିନ ୮ଜଣରୁ ୨ଜଣ ଥିବାରୁ କୌଣସି ସରକାରୀ ମାପ ନିର୍ଦ୍ଦିଷ୍ଟ ସମୟରେ ହୋଇ ପାରୁନାହିଁ । ୧୯୮୯ ମସିହା ମେଜର ବନ୍ଦୋବସ୍ତ ହୋଇଥିବା ବେଳେ ଦୀର୍ଘ ୩୫ ବର୍ଷ ମଧ୍ୟରେ ବହୁ ତ୍ରୁଟି ଏବେ ଦେଖା ଦେଇଛି । କିନ୍ତୁ ଏବେ ବନ୍ଦୋବସ୍ତ କାଯ୍ୟ ହେଉନଥିବାରୁ ସେ ତ୍ରୁଟି ସୁଧାରି ସମ୍ଭବ ହେଉନଥିବାରୁ ଲୋକେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ସରକାରୀ ସ୍ଥାନ ଜବର ଦଖଲ ହୋଇଥିଲେ ସରକାରୀ ଅମିନ ମାପଚୁପ ଦ୍ୱାରା ସୁଧାରିବା କଥା । କିନ୍ତୁ ସେପରି କାଯ୍ୟ ମଧ୍ୟ ହୋଇପାରୁନାହିଁ । ଜଳେଶ୍ୱର ଓ ରାଇବଣିଆ ଥାନାର ୩୫ଟି ପଂଚାୟତର ୨୦୪ଟି ଗ୍ରାମ ରହିଛି । ଏ ସବୁ ଗାଁ ଗୁଡିକର ପୁରୁଣ ଓ ନୂଆ ନକ୍ସା ତହସିଲରୁ ମିଳିବା କଥା । କିନ୍ତୁ ତାହା ମିଳୁନଥିବାରୁ ଲୋକଙ୍କୁ ନ୍ୟାୟ ମିଳିପାରୁ ନାହିଁ । ଏ ସମ୍ପର୍କରେ ଆଜି ଜଳେଶ୍ୱରରୁ ସୁବ୍ରତ ବେରା, ସମୀର ପାତ୍ର, ଜଗନ୍ନାଥ ପ୍ରଧାନ, ଚନ୍ଦନ ମଣ୍ଡଳ, ଅଖିଳ ପ୍ରଧାନ, ଗୋପାଳ ଦତ୍ତ, ସେକ୍ କମିରୁଦ୍ଦିନ, ଧନଞ୍ଜୟ ପଲାଇ, ସେକ୍ ନାସିରୁଦ୍ଦିନ, ତପନ ଘୋଷ, ସେକ୍ ଫକିରୁଦ୍ଦିନ, ଗିରିଜା ଶଂକର ଗିରି ପ୍ରମୁଖ ବହୁ ବ୍ୟକ୍ତି ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅତିଶୀଘ୍ର ଜଳେଶ୍ୱରରେ ଅନ୍ୟ ୬ଜଣ ଅମିନ ନିଯୁକ୍ତି ଓ ଆବଶ୍ୟକ ନକ୍ସା ଯୋଗାଇଦେବାକୁ ଦାବି କରିଛନ୍ତି ।

# ଜଳେଶ୍ୱର ଜନଔଷଧିକେନ୍ଦ୍ରକୁ ପରିଦର୍ଶନ କଲେ ସାଂସଦ

ଜଳେଶ୍ୱର, ୧୧/୧୨ (ନି.ପ୍ର): ରୋଗୀଙ୍କୁ କମ୍‌ମୂଲ୍ୟରେ ଔଷଧ ଯୋଗାଇବା ଲାଗି (ଜେନେରିକ୍) କେନ୍ଦ୍ର ସରକାର ଜନଔଷଧି ଯୋଜନାର ପ୍ରଚଳନ କରିଛନ୍ତି । ପ୍ରତିବ୍ଲକରେ ଏପରି ଏକ ଔଷଧ ଦୋକାନ ରହିବାକୁ ବ୍ୟବସ୍ଥା ଥିବା ବେଳେ ଜଳେଶ୍ୱର ମ୍ୟୁନିସିପାଲଟିର ଡାକ୍ତରଖାନା ଠାରୁ ସ୍ୱଳ୍ପ ଦୂରରେ ହୋଟେଲ ଇନ୍ ପରିସରରେ ଖୋଲା ଯାଇଛି ଜନଔଷଧି କେନ୍ଦ୍ର । ଆଜି ବାଲେଶ୍ୱର ସାଂସଦ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସେଠାକୁ ପରିଦର୍ଶନ କରିଥିଲେ । ତାଙ୍କ ସହିତ ପୂର୍ବତନ ପୌରପାଳ ପ୍ରବୀର ପ୍ରଧାନ, ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଟାଉନ୍ ସଭାପତି ଫାଲଗୁନୀ ପାଣିଗ୍ରାହୀ, ସୁମିତ୍ ମହାନ୍ତି, କାର୍ତ୍ତିକ ମହାପାତ୍ର ଘଟଣାସ୍ଥଳରେ ଉପସ୍ଥିତ ଥିଲେ ।

# 'ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂ'ରେ ରକ୍ତଦାନ ଶିବିର

ବାଲେଶ୍ୱର,୧୧/୧୨ (ନି.ପ୍ର): ବାଲେଶ୍ୱର ସହରର ଅନ୍ୟତମ ବୈଷୟିକ ମହାବିଦ୍ୟାଳୟ 'ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂ' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଯଶୋବନ୍ତ ମହାନ୍ତ ଏହି ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। 'ରକ୍ତର ଅଭାବରେ କାହାରି ମୃତ୍ୟୁ ନହେଉ'ର ବାର୍ତ୍ତା ନେଇ ଛାତ୍ରଛାତ୍ରୀମାନେ ଏଭଳି ମହତ କାର୍ଯ୍ୟ ପାଇଁ ଆଗେଇ ଆସିବା ଅତ୍ୟନ୍ତ ଉଚ୍ଚ ବିଚାରର ବିଷୟ ହୋଇପାରିଛି ବୋଲି ସେ କହିଥିଲେ। ଅନୁଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଗୌରାଙ୍ଗ ସାହୁ ଏହି ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଅନୁଷ୍ଠାନର ଅଧ୍ୟାପକ ଇଂ. ମନୋଜ କୁମାର ପ୍ରଧାନ, ଇଂ ପ୍ରଶାନ୍ତ କୁମାର ତ୍ରିପାଠୀ, ଇଂ ବିଜନ କୁମାର ଗିରି, ଇଂ ସୌରଭ କୁମାର ଗିରି, ଇଂ ସ୍ୱାଗତିକା ପାତ୍ର, ଇଂ ସର୍ଜିତା ସାହୁ, ଇଂ ଶ୍ରାବଣୀ ନନ୍ଦଗୋସ୍ୱାମୀ, ଇଂ ଭାଗ୍ୟଶ୍ରୀ ଦାସ, ଇଂ ମାନସ କୁମାର ଦାସ, ଅଜିତାନନ୍ଦ ଦେବଗୋସ୍ୱାମୀ, ଅନୁପମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ବିଶିଷ୍ଟ ଯୁବ-ଶିକ୍ଷକଙ୍କ ପରଲୋକ : ରାଇବଣିଆରେ ଶୋକ

ଜଳେଶ୍ୱର, ୧୧/୧୨(ନିପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗ୍ରାମର ଯୁବ ଶିକ୍ଷକ ପ୍ରଦୀପ ଘୋଷଙ୍କ ୫୨ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ଗତ ଶୁକ୍ରବାର ରାତି ୧୦ଟାରେ ହଠାତ୍ ଛାତିରେ ଯନ୍ତ୍ରଣ ଅନୁଭବ କରିବାରୁ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲକୁ ଚିକିତ୍ସାଲାଗି ନିଆଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ରାସଗୋବିନ୍ଦପୁର ବ୍ଲକ ସ୍ଥିତ ବେଲଙ୍ଗା ଗ୍ରାମର ସୃଷ୍ଟିଧର ମଇ ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲେ । ସେ କର୍ତ୍ତବ୍ୟପରାୟଣ , ଦୃଢ ସଂଗଠକ, ଛାତ୍ରବତ୍ସଳ ଶିକ୍ଷକ ଥିଲେ । ତାଙ୍କର ବିଧବା ପତ୍ନୀ ଓ ୩ବର୍ଷର ଜଣେ ଝିଅ ଅଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ରାଇବଣିଆ ଅଂଚଳର ଶୋକ ପ୍ରକାଶ ପାଇବା ସହିତ ଶେଷ ଦର୍ଶନ ଲାଗି ବହୁ ବ୍ୟକ୍ତି ଆସିଥିଲେ । ରାଜ୍ୟ ମଇବିଦ୍ୟାଳୟର ପୂର୍ବତନ ଉପସଭାପତି ଖଗେନ୍ଦ୍ର ସାହୁ, ଓଷ୍ଟାର ରାଇବଣିଆ ସଂପାଦକ ବଂଶୀଧର ବାରିକ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ସରକାରୀ ସୟାହତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବାକୁ ଦାବି କରିଛନ୍ତି ।

# ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ



ବାରିପଦା, ୧୧/୧୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୧.୧୨.୨୦୨୧ ରିଖରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ, ମୟୂରଭଞ୍ଜ ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ (ପାର୍ଟ-ଏ) ଅନ୍ତର୍ଗତ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୫୪୨ ଟି ବିଭିନ୍ନ ବ୍ୟାଙ୍କ ଋଣ ଆଦାୟ ମାମଲା ଏବଂ ଅନ୍ୟାନ୍ୟ ଫୌଜଦାରୀ ଓ ଦେୱାନୀ ମାମଲା ସମ୍ପର୍କୀତ ୪୪ଟି ମାମଲାର ଫଇସଲା କରାଯାଇ ମୋଟ୍ ୨ କୋଟି ୪୦ଲକ୍ଷ ୬୭ହଜାର ୨୮୫ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି (ପାର୍ଟ-ବି) ଅନ୍ତର୍ଗତ ବକେୟା ଥିବା ବିଭିନ୍ନ ମାମଲା ମଧ୍ୟରେ ଫୌଜଦାରୀ ୧୦ଟି, ଏନ୍ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୨୦ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୧୦ଟି ମାମଲା, ଏମ୍ଏସିଟି (ମୋଟର ଦୁର୍ଘଟଣା) ମାମଲା ୨୬ଟି, ବୈବାହିକ ବିବାଦ ୧୫ଟି ଏବଂ ଅନ୍ୟାନ୍ୟ ଦେୱାନୀ ମାମଲା ୧୫ଟି ଓ ଅନ୍ୟାନ୍ୟ ୯ ଟି ଫୌଜଦାରୀ ମାମଲା ସମେତ ମୋଟ ୧୦୫ଟି ମାମଲାର ଫଇସଲା କରାଯାଇ ମୋଟ୍ ୧କୋଟି ୯୩ଲକ୍ଷ ୦୯ ହଜାର ୫୦ଟଙ୍କା ଆଦାୟ କରାଯାଇ ସର୍ବମୋଟ୍ ୬୪୭ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ, ସର୍ବମୋଟ ୪କୋଟି ୩୩ଲକ୍ଷ ୮୫ହଜାର ୩୩୫ଟଙ୍କା ଆଦାୟ ହୋଇଛି। ଅନୁଷ୍ଠିତ ଏହି ଲୋକ ଅଦାଲତରେ ପିଏଲଏ(ପିୟୁଏସ୍) ଚେୟାର ପର୍ସନ ବିଜୟ କୁମାର ମିଶ୍ର, ସ୍ପେସିଆଲ୍ ଜଜ୍ ଭିଜିଲାନ୍ସ ପ୍ରଣବ କୁମାର ପାତ୍ର, ଫେମିଲି କୋର୍ଟ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଚୌଧୁରୀ ପ୍ରବୀର କୁମାର, ଏଡିଜେ ତଥା ସତନ୍ତ୍ର ପୋକ୍ସୋ ଅଦାଲତ ମିସ୍ ସୁମିତା ଜେନା, ଏଡି-ଏଚ୍ଓସି, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଏଫଟିଏସ୍‌ସି) ଦୁର୍ଗାଚରଣ ମିଶ୍ର, ସିଜେଏମ୍,ମୟୂରଭଞ୍ଜ, ବାରିପଦା ଡ. ଦୀପକ ରଞ୍ଜନ ସାହୁ, ଆସିଷ୍ଟାଂଟ ସେସନ୍ସ ଜଜ୍ ତଥା ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ଶ୍ରୀ ସୁଦୀପ କୁମାର ଦାସ, ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ସୌମ୍ୟରୂପ ସାହୁ, ସିନିୟର ସିଭିଲ୍ ଜଜ୍ ଶ୍ରୀମତୀ ଲିଲିପ୍ସା ପସାୟତ, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ମିଶ୍ ଅପୂର୍ବା ଚୌଧୂରୀ, ଦ୍ୱିତୀୟ ଅରିତିକ୍ତ ବରିଷ୍ଠ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ଏସ୍.ଡି.ଜେ.ଏମ. ଡ. ରୀନତି ମିଶ୍ର, କୋର୍ଟ ମ୍ୟାନେଜର ବାରିପଦା ମଳୟ କୁମାର ଗିରି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା। ଉକ୍ତ ଲୋକ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିବେଳେ ଏଥିରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ / ଘରୋଇ ବ୍ୟାଙ୍କର ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।

# ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ



ଜଳେଶ୍ୱର, ୧୧/୧୨ (ନି.ପ୍ର): ଜଳେଶ୍ୱର ରାଇବଣିଆ ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗ୍ରାମର ପ୍ରଦୀପ କୁମାର ଘୋଷଙ୍କର ଗତ ରାତି ୧୦ ଟା ସମୟରେ ଛାତି ଯନ୍ତ୍ରଣା ହେବାରୁ ଜଳେଶ୍ୱର ଜିକେ ଭଟର ହସ୍ପିଟାଲ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ! ମୃତ ଘୋଷ ମୟୁରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ବ୍ଲକର ବେଲଙ୍ଗା ସୃଷ୍ଟିଧର ୟୁପିଏମଇ ବିଦ୍ୟାଳୟରେ ଶିକ୍ଷକ ଥିଲେ ମୃତ୍ୟୁ ବେଳକୁ ତାଙ୍କ ର ୫୨ବର୍ଷ ହୋଇ ଥିଲା ଘରେ ତାଙ୍କର ବିଧବା ପତ୍ନୀ ଏବଂ ୩ ବର୍ଷର ଝିଅ ଅଛନ୍ତି । ହଠାତ୍ ଜଣେ ଅଳ୍ପ ବୟସର ଶିକ୍ଷକଙ୍କ ମୃତ୍ୟୁରେ ମାଳିପାଳ ଓ ଦକ୍ଷିଣପ୍ରହାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ମାନବ ଅଧିକାର ଦିବସ ପାଳିତ




ବାରିପଦା, ୧୧/୧୨ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ମାନବ ଅଧିକାର ଦିବସ କଲେଜର ଉପାଧକ୍ଷା ସଂଘମିତ୍ରା ରାଉତଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ମାନବ ଅଧିକାର ଦିବସ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏଥିରେ ରାଜନୀତି ବିଜ୍ଞାନର ଅଧାପିକା ବାଗାଇ ସରେନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ମୌଳିକ ଅଧିକାର ସମ୍ବନ୍ଧରେ ଆଲୋଚନା କରିଥିଲେ । ଅଧାପିକା ସବିତାରାଣୀ ଦାସ, ସାଗରୀକା ପଣ୍ଡା, ତୃପ୍ତି ଦାସ, ପୂର୍ଣ୍ଣିମା ମହାନ୍ତି, ଦିପ୍ତିଶ୍ରୀ ବେହେରା, ସୁଜାତା ପାଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସ୍ୱେଚ୍ଛାସେବୀମାନେ ଲୋକମାନଙ୍କୁ ସଚେତନ କରିବା ପାଇଁ ଗ୍ରାମ ପରିକ୍ରମା କରିଥିଲେ । ଶେଷରେ ଜାତୀୟ ସେବା ଯୋଜନା ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଦିବାସୀ ଯୁବକର ଆତ୍ମହତ୍ୟା ଉଦ୍ୟମ

ବାରିପଦା /ରାଇରଙ୍ଗପୁର, ୧୧/୧୨ (ନି.ପ୍ର): ନିଜ ଅଧିକାର ଓ ହକରୁ ବଂଚିତ ହୋଇ ଜଣେ ନୀରିହ ଆଦିବାସୀ ଯୁବକ ଖୋଦ ଉପଜିଲ୍ଲାପାଳଙ୍କ ଅଫିସ ପରିସରରେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା କୁ ନେଇ ଜିଲ୍ଲାରେ ଚର୍ଚ୍ଚା ଲାଗିରହିଛି । ସୂଚନା ମୁତାବକ ମୟୁରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ସ୍ୱର୍ଗତ ଦୁଲାଲ ଚନ୍ଦ୍ର ବାସ୍କେଙ୍କର ପୁଅ ଲକ୍ଷ୍ମୀକାନ୍ତ ବାସ୍କେ ରାଇରଙ୍ଗପୁର ଏକ ଘରୋଇ ହୋଟେଲରେ କାମ କରନ୍ତି । ସେ ଆର୍ଥିକ ଅଭାବ ଓ ପାରିବାରିକ ବୋଝ ନେଇ ଅସୁବିଧାରେ ଗତି କରୁଛନ୍ତି । ବହୁ ପ୍ରଚେଷ୍ଟା ପରେ ମଧ ତାଙ୍କର ଆଧାର କାର୍ଡ ହୋଇ ପାରୁ ନାହିଁ । ଯାହାଫଳରେ ସେ ବିପିଏଲ କାର୍ଡ, ରାସନ ଏବଂ ପ୍ରଧାନମନ୍ତ୍ରୀ ଆବସ ଇତ୍ୟାଦି ସରକାରୀ ଯୋଜନାର ସୁବିଧା ପାଇପାରୁ ନାହାନ୍ତି । ସେ ଭୂମିହୀନ ମଧ ଅଟନ୍ତି । ତାଙ୍କ ବାପା ଅତୀତରେ ପୋଷ୍ଟ ପିଅନ ଭାବେ ଚାକିରି କରୁଥିବା ବେଳେ ମୃତ୍ୟୁବରଣ କରିଥିଲେ ମଧ ତାଙ୍କ ମା'ଙ୍କୁ ପୋଷ୍ଟାଲ ବିଭାଗରୁ ପେନସନ ଅଦ୍ୟାବଧି ମିଳି ନାହିଁ । ତେବେ ଆଜି ଆଧାର କାର୍ଡ ହୋଇ ପାରି ନଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଚମ୍ପା ଗଛରେ ଏକ କପଡାର ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ଖବର ପାଇ ରାଇରଙ୍ଗପୁର ଟାଉନ ପୋଲିସ ଏଏସଆଇ ଚିତରଂଜନ ବାରିକ, ଚଞ୍ଚଳ ମହାନ୍ତ ଏବଂ ଜ୍ଞାନ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ବୁଦ୍ଧି ଲଗାଇ ଗଛ ଉପରକୁ ଚଢି କପଡା ଗଣ୍ଠି ଫିଟାଇ ଆଦିବାସୀ ଯୁବକର ଜୀବନନରକ୍ଷା କରିଥିଲେ । ପରେ ପୋଲିସ ଲକ୍ଷ୍ମୀକାନ୍ତଙ୍କୁ ନେଇ ରାଇରଙ୍ଗପୁର ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥାନାକୁ ନେଇ ପଚରା ଉଚୁରା କରୁଛନ୍ତି ।

# ଦେଶୀ ରନ୍ଧା ମଦ ଜବତ, ତିନି ଗିରଫ

ପୁରୀ,୧୧/୧୨ (ନି.ପ୍ର): ଅବକାରୀବିଭାଗ ପକ୍ଷରୁ ଚନ୍ଦନପୁର ଥାନା ଅଞ୍ଚଳର ପୃଥକ ସ୍ଥାନରେ ଚଢାଉ କରାଯାଇ ୬୧ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ଚନ୍ଦନପୁରଥାନା ଅନ୍ତର୍ଗତ କଞ୍ଚିଶାସନର ଧନେଶ୍ୱର ଭୋଇ(୩୮),ଆଲାପୁରର କାଳିଆ ଭୋଇ (୫୦)ଓ ଲକ୍ଷ୍ମଣ ସ୍ୱାଇଁ (୩୪)କୁ ଗିରଫ କରାଯାଇଛି। ପୁରୀ ଅବକାରୀଥାନା ଭାରାପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ଅନ୍ୟବିଭାଗୀୟ କର୍ମକାରୀମାନେ କଞ୍ଚିଶାସନର ଚଢାଉ ବେଳେ ୧୨ଲିଟର ଦେଶରନ୍ଧାମଦ ଜବତ କରିବା ସହିତ ଧନେଶ୍ୱରକୁ ଗିରଫ କରିଥିଲେ। ସେହିପରି ଆଲାପୁରରେ ଚଢାଉବେଳେ ୧୫ଲିଟର ଦେଶୀ ରନ୍ଧାମଦ ଜବତ କରି କାଳିଆକୁ ଓ ୧୨ଲିଟର ଦେଶୀ ରନ୍ଧାମଦ ଜବତ କରି ଲକ୍ଷ୍ମଣକୁ ଗିରଫ କରିଥିଲେ।

# ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ

ଜଳେଶ୍ୱର, ୧୧/୧୨(ନିପ୍ର): ବାଲେଶ୍ୱର ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏପରିକି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡାକ୍ତରପଦବୀ ପୂରଣ ହେଉନଥିବାରୁ ସ୍ୱାସ୍ଥ୍ୟସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇଛି । ଅତିଶୀଘ୍ର ଫକୀରମୋହନ ମେଡିକାଲ କଲେଜରେ ସ୍ନାୟୁ ଓ ହୃଦ୍‌ରୋଗ ବିଭାଗର ଡାକ୍ତର ନିଯୁକ୍ତି ତଥା ଜଳେଶ୍ୱରକୁ ସବ୍‌ଡିଭିଜନାଲ ଡାକ୍ତରଖାନାର ମାନ୍ୟତା ଦେବାକୁ ଦାବି ହୋଇଛି । ଆଜି ଜଳେଶ୍ୱରସ୍ଥିତ ଦିଗମ୍ବରି ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆୟୋଜିତ ବାଲେଶ୍ୱର ସରକାରୀ କଲେଜର କ୍ରିୟାନୁଷ୍ଠାନ କମିଟି ଜୋନାଲ ସ୍ତରୀୟ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଅଂଚଳକୁ ନେଇ ଏହି ଜୋନାଲ କମିଟି ଗଠିତ ହୋଇଥିବା ବେଳେ ଜଳେଶ୍ୱର କମିଟିର ସଭାପତି ବିଷ୍ଣୁପଦ ମହାନ୍ତି ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏଥିରେ ଜିଲା ସଭାପତି ମମତା ମହାପାତ୍ର ଯୋଗ ଦେଇ ବାଲେଶ୍ୱରରେ ଏକ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନା ପ୍ରତିଷ୍ଠା ଲାଗି ଏହି କମିଟି ଦୁର୍ବାର ଆନ୍ଦୋଳନ ଗଢି ତୋଳିଥିଲା । ଏବେବି ବିଭିନ୍ନ ଦାବି ଲାଗି ଏହି କମିଟି ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଜୋରଦାର କରୁଛି । ଡାକ୍ତର ନିଯୁକ୍ତି ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଜିଲାରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱୈତ୍ୟ ଶାସନ ଯୋଗୁଁ ଲୋକେ ସ୍ୱାସ୍ଥ୍ୟସେବା ଠିକ୍‌ଭାବେ ପାଇପାରୁନଥିବା କହିଥିଲେ । କାର୍ଯ୍ୟକାରୀ ସଭାପତି ନିରଂଜନ ପରିଡା, ସଂପାଦକ ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି କୁମୁଦ ରଂଜନ ଗିରି, ଇଂ ହୃଷିକେଷ ସାହୁ ପ୍ରମୁଖ ଜିଲା କମିଟିର କର୍ମକର୍ତ୍ତାମାନେ ବିଭିନ୍ନ ଦାବି ଓ ଡାକ୍ତର ନିଯୁକ୍ତି ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୋନାଲ ସଂପାଦକ ଦିଲ୍ଲିପ କୁମାର ଗିରି, କମଳ ଚକ୍ରବର୍ତ୍ତୀ, ଡ. ଲଳିତରଂଜନ ସେନାପତି, ଜ୍ୟୋତିନ୍ଦ୍ର ମହନ୍ତି, ଶ୍ୟାମାଚରଣ ଦାସ, ଚିତ୍ତରଂଜନ ଦାସ, ରମେଶ ଜେନା ପ୍ରମୁଖ ଜଳେଶ୍ୱରର ସ୍ୱାସ୍ଥ୍ୟ ବିଭାଗ ସଂପର୍କରେ କହିଥିଲେ । ସଂପାଦକ ଅଜିତ୍ ମହାନ୍ତି ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆସନ୍ତା ଜାନୁଆରୀ ୨ ତାରିଖରେ କମିଟିର ଜିଲାସ୍ତରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ହେବ ବୋଲି ଆଜି ସଭାରେ ଘୋଷଣା କରାଯାଇଥିଲା ।

# ଅବସରପ୍ରାପ୍ତ ସୈନିକ ସଂଘ ବାଲିଆପାଳ ଶାଖା ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା




ବାଲିଆପାଳ, ୧୧/୧୨ (ନି.ପ୍ର): ଏକ ମର୍ମନ୍ତୁଦ ହେଲିକେପ୍ଟର ଦୁର୍ଘଟଣାରେ ତିନିବାହିନୀର ମୁଖ୍ୟ ସି.ଡି.ଏସ. ବିପିନ ରାଓତ, ତାଙ୍କର ଧର୍ମ ପତ୍ନୀ ଏବଂ ଅନ୍ୟ ୧୧ ଜଣ ଉଚ୍ଚ ସାମରିକ ଅଧିକାରୀଙ୍କର ଅକାଳରେ ମୃତ୍ୟୁ ଘଟିବାରୁ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଆଜି ସନ୍ଧ୍ୟାରେ ବାଲିଆପାଳ ଅବସରପ୍ରାପ୍ତ ସୈନିକ ସଂଘ ଶାଖା ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଏକ କ୍ୟାଣ୍ଡଲ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସୈନିକ ସଂଘ ବାଲିଆପାଳ ଶାଖାର ସଭାପତି ରାମଚନ୍ଦ୍ର ଜେନା ଏବଂ ଉପସଭାପତି ମନୋଜ କୁମାର ସିଙ୍କ ନେତୃତ୍ୱରେ ଶହ ଶହ ଅବସରପ୍ରାପ୍ତ ସୈନିକ କଚୁଆପଡା ସ୍ଥିତ ସଂଘ କାର୍ଯ୍ୟାଳୟ ନିକଟରୁ ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ଆସିଥିଲେ। ବ୍ଲକ ଛକ ନିକଟରେ ଜେନେରାଲ ରାଓତଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜେନେରାଲ ରାଓତଙ୍କ ଅକାଳ ବିୟୋଗରେ ଦେଶ ଜଣେ ଦକ୍ଷ ସେନାଧକ୍ଷଙ୍କୁ ହରାଇଲା ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାଧାନାଥ ରାଉତ, ସହ ସମ୍ପାଦକ ରଜନିକାନ୍ତ ସଂ, କୋଷାଧକ୍ଷ ଚୈତନ୍ୟ ପ୍ରଧାନ, ରବିନ୍ଦ୍ରନାଥ ରଣା, ସୁବଳ ଗିରି, ଅମର ମାଣିକ, ବେଣୁଧର ମାଣିକ, ପ୍ରତାପ କର, ବନବିହାରୀ ଦାସ ଅଧିକାରୀ, ଜୈରାମ ପାତ୍ର, ଅବିନାଶ ପରିଡା, କମଳ ଲୋଚନ ପିଳା, ମୁରଲୀଧର ସାହୁ ଏବଂ ରତ୍ନାକର ସାହୁଙ୍କ ସମେତ ଶତାଧିକ ଅବସରପ୍ରାପ୍ତ ସୈନିକ ଅଂଶଗ୍ରହଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo